ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ ୨୩/୨୦୨୨ (୧୪ ପୃଷ୍ଠା) Bhubaneswar, Monday, May 23/2022 Page 14 ₹ 7.00 ★★★★★★

୪୮ଶ ଭାଗ ୧୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

ପ୍ରେମରେ ପଡ଼ିଛନ୍ତି ରକୁଲ

ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରୀତ ସିଂ ଅଭିନେତା ତଥା ଫିଲ୍ମ ନିର୍ଦ୍ଦେଶକ ଜ୍ୟାକି ଭଗ୍ନାନିଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ଜୋର୍ ଧରିଛି।

୧୧

୧୪

ଲୋକେଶ ରାହୁଲ ଅଧିନାୟକ

ଲୋକେଶ ରାହୁଲଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ କ୍ରିକେଟ ଦଳର ଅଧିନାୟକ କରାଯାଇଛି।

ଏଏସ୍‌ଆଇ ଅଜାଣତରେ ଜିପିଆର୍‌ଏସ୍

ପୁରୀ ଅଫିସ,୨୨।୫

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ନିର୍ମାଣ ଓ ଖନନ କାର୍ଯ୍ୟ ପୂର୍ବରୁ ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର୍ ସର୍ଭେ (ଜିପିଆର୍‌ଏସ୍) ହୋଇ ନ ଥିଲା। ଦୋଷ ଘୋଡ଼ାଇବା ପାଇଁ ପ୍ରଶାସନ ଶନିବାର ରାତିଅଧରେ ଲୁଚିଛପି ଜିପିଆରଏସ୍ ସର୍ଭେ କରୁଥିବା ଧରାପଡ଼ିଛି। ପ୍ରଶାସନର ଏହି ରାତିଅଧିଆ ସର୍ଭେକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି। ସେହିପରି ଜିପିଆର୍‌ଏସ୍ ସମ୍ପର୍କରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ନିକଟରେ ସୂଚନା ନ ଥିବା ରବିବାର ଏଏସ୍‌ଆଇ ପୁରୀ ସର୍କଲ ଅଫିସ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ସରକାରଙ୍କ କାର୍ଯ୍ୟଶୈଳୀ ଓ ଉଦ୍ଦେଶ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏଏସ୍‌ଆଇର ପୁରୀ ସର୍କଲ ଅଫିସ୍ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍‌ଶନ କର୍ପୋରେଶନ (ଓବିସିସି) କିମ୍ବା ଜିଲା ପ୍ରଶାସନ ପକ୍ଷରୁ ଜିପିଆର୍‌ଏସ୍ କରାଯିବା ନେଇ କୌଣସି ସୂଚନା ନାହିଁ। ଏ ସଂକ୍ରାନ୍ତରେ ଚିଠି ମଧ୍ୟ ଲେଖାଯାଇନାହିଁ। ଜିପିଆର୍‌ଏସ୍ ହେଉଥିବା ସ୍ଥାନରେ କୌଣସି ଏଏସ୍‌ଆଇ ଅଧିକାରୀ ଉପସ୍ଥିତ ନ ଥିଲେ। ମାତ୍ର ନିୟମ ମୁତାବକ, ଜିପିଆର୍‌ଏସ୍ ସମୟରେ ଏଏସ୍‌ଆଇ ଅଧିକାରୀ ଉପସ୍ଥିତ ରହିବା ଆବଶ୍ୟକ। ସେହିଭଳି ସର୍ଭେକୁ ନେଇ କୁହାଯାଇଛି ଯେ, ଗଣମାଧ୍ୟମରୁ ମିଳିଥିବା ତଥ୍ୟ ଯଦି ସତ୍ୟ, ତେବେ ଏହା ଜିପିଆର୍‌ଏସ୍ ହେଉଥିବା କୁହାଯାଇପାରିବ।

ରାତିଅଧିଆ ସର୍ଭେକୁ ନେଇ ତେଜିଲା ଜନଅସନ୍ତୋଷ

ସୂଚନାଯୋଗ୍ୟ, ଏ ସଂକ୍ରାନ୍ତ ମାମଲାରେ ଗତ ମେ ୯ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ନେଇ ଆଗାମୀ ଦିନରେ ଯେଉଁସବୁ କାର୍ଯ୍ୟ କରାଯିବ, ସେଥିରେ ଏଏସ୍‌ଆଇ ଅଧିକାରୀ ଉପସ୍ଥିତ ରହିବେ। ସମସ୍ତ କାର୍ଯ୍ୟ ଏଏସ୍‌ଆଇ ସହଯୋଗରେ କାର୍ଯ୍ୟକାରୀ କରାଯିବ ବୋଲି ସତ୍ୟପାଠରେ ଆଡଭୋକେଟ୍ ଜେନେରାଲ ଜଣାଇଥିଲେ। ମାତ୍ର ଏଠାରେ ତା'ର ବ୍ୟତିକ୍ରମ ଘଟିଛି। ଆମ୍‌ସାର୍ ଆକ୍ଟ-୧୯୫୮ ମଧ୍ୟ ସମାନ କଥା କହିଥାଏ। ଏଏସ୍‌ଆଇ ଅଧିକାରୀଙ୍କ ବିନା ଉପସ୍ଥିତିରେ ଜିପିଆରଏସ୍ କରାଯାଇପାରିବ ନାହିଁ। ସରକାର ଜିପିଆରଏସ୍ ସମ୍ପର୍କରେ ସୂଚନା ନ ଦେଇ ସର୍ଭେ କରିବା ଯେତେ ବଡ଼ ଭୁଲ, ତାହାଠାରୁ ବଡ଼ ଭୁଲ ହେଉଛି ଏଏସ୍‌ଆଇ ଅଧିକାରୀଙ୍କ ବିନା ଉପସ୍ଥିତିରେ ଜିପିଆରଏସ୍ ☞ପୃଷ୍ଠା-୪

ପ୍ରକଳ୍ପ ସମ୍ପର୍କରେ ମୋ ପରାମର୍ଶ ନିଆଯାଇନି: ଶଙ୍କରାଚାର୍ଯ୍ୟ

ପୁରୀ ଅଫିସ,୨୨।୫

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ବଢିଚାଲିଥିବାବେଳେ ଶେଷରେ ମୁହଁ ଖୋଲିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ। ରବିବାର ସେ ଏହି ପ୍ରସଙ୍ଗକୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାଙ୍କର ପରାମର୍ଶ ନିଆଯାଇନାହିଁ। ରାଜ୍ୟ ସରକାର ଜାଣିଛନ୍ତି ଯେ, ନିର୍ମାଣ ହୋଇଗଲା ପରେ ଶଙ୍କରାଚାର୍ଯ୍ୟ କିଛି କରିପାରିବେ ନାହିଁ। ଶ୍ରୀମନ୍ଦିର ସୁରକ୍ଷା ସବୁବେଳେ ମୋ' ପ୍ରାଥମିକତାରେ ରହିଆସିଛି। ☞ପୃଷ୍ଠା-୪

ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ରବିବାର ଭୋଇ ସେବକମାନେ ତିନିରଥର ଅଖରେ ଚକ ସଂଯୋଗ କରୁଛନ୍ତି ।

କେନ୍ଦ୍ର ହ୍ରାସ ରାଜ୍ୟକୁ ଚାପ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୨।୫

କେନ୍ଦ୍ର ସରକାର ଶନିବାର ରାତିରେ ପେଟ୍ରୋଲ୍ ଓ ଡିଜେଲ ଉପରୁ ଏକ୍ସାଇଜ ଡ୍ୟୁଟି (ଉତ୍ପାଦ ଶୁଳ୍କ) ଯଥାକ୍ରମେ ୮ଟଙ୍କା ଏବଂ ୭ଟଙ୍କା ହ୍ରାସ କରିଛନ୍ତି। ତାହାର ପ୍ରଭାବରେ ରବିବାର ସକାଳ ୬ଟାରୁ ପେଟ୍ରୋଲ ୯.୫୦ଟଙ୍କା ଏବଂ ଡିଜେଲ ୭ଟଙ୍କା ହ୍ରାସ ପାଇଛି। ଏହି ହ୍ରାସକୁ ଅନେକେ ସ୍ୱାଗତ କରୁଛନ୍ତି। ଡିଜେଲ୍‌ରେ ୭ଟଙ୍କା ହ୍ରାସ ହେବା ଫଳରେ ଏହା ଅନ୍ୟ ସାମଗ୍ରୀର ଦରଦାମ ବୃଦ୍ଧିକୁ ରୋକ୍ ଲଗାଇବାରେ ବିଶେଷ ସହାୟକ ହେବ ବୋଲି ବଜାର ବିଶେଷଜ୍ଞମାନେ କହୁଛନ୍ତି। କେନ୍ଦ୍ର ସରକାରଙ୍କ ହ୍ରାସ ପରେ ଏବେ ରାଜ୍ୟ ସରକାରଗୁଡ଼ିକ ଭାଟ ହ୍ରାସ କରିବା ନେଇ ଚାପ ପଡୁଛି। ରବିବାର ଅଣଭାଜପା ଶାସିତ ରାଜ୍ୟ

ରାଜସ୍ଥାନ(ପେଟ୍ରୋଲ ୨.୪୧, ଡିଜେଲ ୧.୩୬ ଟଙ୍କା), ମହାରାଷ୍ଟ୍ର (ପେଟ୍ରୋଲ ୨.୦୮, ଡିଜେଲ ୧.୪୪ଟଙ୍କା) ଓ କେରଳ (ପେଟ୍ରୋଲ ୨.୪୮, ଡିଜେଲ ୧.୧୬ଟଙ୍କା) ଭାଟ୍ ହ୍ରାସ କରିଥିବାବେଳେ ତାମିଲନାଡୁ ଓ ବିହାର ଭଳି ରାଜ୍ୟ ଭାଟ ହ୍ରାସ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଓଡ଼ିଶା ସରକାର ଭାଟ୍ ହ୍ରାସ ସଂକ୍ରାନ୍ତରେ ଅନୁଧ୍ୟାନ କରୁଥିବା ବିଜେଡି ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ କହିଛନ୍ତି।

କେନ୍ଦ୍ର ସରକାରଙ୍କ ଭାଟ୍ ହ୍ରାସ ନିବେଦନକୁ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କଡ଼ା ସମାଲୋଚନା କରିଛନ୍ତି। ମୁଦ୍ରାସ୍ଫୀତି ଯେଉଁଭଳି ବର୍ଦ୍ଧିତସ୍ତରରେ ରହିଛି, ଏଭଳି ସ୍ଥିତିରେ ରାଜ୍ୟ ସରକାର ଭାଟ ହ୍ରାସ କରିବାକୁ ହେଲେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଅଧିକ ପାଣ୍ଠି ଓ ଅନୁଦାନ ଯୋଗାଇବା ନିହାତି ଦରକାର ବୋଲି ଚିଦାମ୍ବରମ୍ କହିଛନ୍ତି। ୨ମାସରେ ଲିଟର ପିଛା ୧୦ଟଙ୍କାରୁ ଊର୍ଦ୍ଧ୍ୱ ବଢ଼ାଇବା ଏବଂ ଏବେ ୯.୫୦ଟଙ୍କା ହ୍ରାସ କରିବା ଅଧିକ ଲୁଟିବା ପରେ କମ୍ ଭରଣା କରିବା ସଦୃଶ। ଏହି ଏକ୍ସାଇଜ୍ ଡ୍ୟୁଟି ହ୍ରାସ ଦ୍ୱାରା କେନ୍ଦ୍ରର ୫୯ ପଇସା ଏବଂ ରାଜ୍ୟଗୁଡ଼ିକର ୪୧ପଇସା ରାଜସ୍ୱ ହ୍ରାସ ହେବ। ତେଣୁ ରାଜ୍ୟଗୁଡ଼ିକ ଉପରେ ☞ପୃଷ୍ଠା-୪

ବିଦେଶୀ ପିଲାଙ୍କ ପାଇଁ ଆଇଆଇଟି--ଜେଇଇ

■ **ଏକସଙ୍ଗେ ୨୫ ଦେଶରେ ହେବ ପରୀକ୍ଷା**

ନୂଆଦିଲ୍ଲୀ,୨୨।୫

ଆମେରିକା, ଭିଏତ୍‌ନାମ ସମେତ ୨୫ ଦେଶରେ ଏକସଙ୍ଗେ ଆଇଆଇଟି-ଜେଇଇ (ଆଇଆଇଟି ଯୁଗ୍ମ ପ୍ରବେଶିକା ପରୀକ୍ଷା) କରାଇବାକୁ ଭାରତ ସରକାର ଯୋଜନା କରିଛନ୍ତି। ଫଳରେ ବିଦେଶୀ ଛାତ୍ରୀଛାତ୍ର ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଗ୍ରହଣ କରିବାର ସୁଯୋଗ ପାଇବେ। ଗତବର୍ଷ କୁଆଲାଲମ୍ପୁର ଏବଂ ଲାଗୋସରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଭାରତ ସରକାରଙ୍କ ସହଯୋଗ କ୍ରମେ ୧୨ଟି ଦେଶରେ ଆଇଆଇଟି-ଜେଇଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଆମେରିକା ସମେତ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ସିଙ୍ଗାପୁର, ଚାଇନା, ନେପାଳ, ଇଣ୍ଡୋନେସିଆ, ମାଲେସିଆ, ବାହରିନ୍, କୁଏଟ୍, କାତାର ଆଦି ଦେଶରେ ଏହି ପରୀକ୍ଷା ହେବ। ବିଦେଶରେ ପଢୁଥିବା ଏନ୍‌ଆର୍‌ଆଇ, ଭାରତୀୟ ଏବଂ ଅନ୍ୟ ଦେଶର ପିଲାଙ୍କ ପାଇଁ ଦେଶର ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରେ ୩,୯୦୦ ଅଣ୍ଡର ଗ୍ରାଜୁଏଟ୍ ଏବଂ ୧,୩୦୦ ପୋଷ୍ଟ ଗ୍ରାଜୁଏଟ୍ ସିଟ୍ ସଂରକ୍ଷିତ ରହିବ। ବିଦେଶୀ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ବାଧାରେ ନଇଁଛନ୍ତି

ରାଜ୍ୟ ସଭା ନିର୍ବାଚନ

ଦୌଡ଼ରେ ସିବଲ, ଆନନ୍ଦ ଶର୍ମା, ଚିଦାମ୍ବରମ

ନୂଆଦିଲ୍ଲୀ,୨୨।୫

ରାଜ୍ୟ ସଭାରେ ଖାଲି ପଡ଼ିଥିବା ଆସନ ଲାଗି ଆସନ୍ତା ମାସରେ ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସରୁ ବରିଷ୍ଠ ନେତା କପିଲ ସିବଲ, ଆନନ୍ଦ ଶର୍ମା ଏବଂ ପି. ଚିଦାମ୍ବରମ ଉଚ୍ଚ ସଦନକୁ ଯିବା ଲାଗି ଦୌଡ଼ରେ ଥିବା ଜଣାପଡ଼ିଛି। କଂଗ୍ରେସ ଖୁବ୍ ଶୀଘ୍ର ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା କରିବାକୁ ଯାଉଛି। ଦଳ ନିଜ ସାମର୍ଥ୍ୟ ବଳରେ ୮ ଜଣ ନେତାଙ୍କୁ ରାଜ୍ୟ ସଭାକୁ ପଠାଇପାରିବ। ତେବେ ଦଳର ନେତୃତ୍ୱ ବିରୋଧରେ ସ୍ୱର ଉଠାଇଥିବା ଜି-୨୩ ଗ୍ରୁପ୍‌ର ଅନ୍ୟତମ ନେତା କପିଲ ସିବଲଙ୍କୁ ଟିକେଟ ମିଳିବ କି ନାହିଁ ସ୍ପଷ୍ଟ ହୋଇନାହିଁ। ସେହିପରି ଆନନ୍ଦ ଶର୍ମା ଓ ପି. ଚିଦାମ୍ବରମ ପୁନର୍ବାର

କପିଲ ସିବଲ, ଆନନ୍ଦ ଶର୍ମା ଏବଂ ପି. ଚିଦାମ୍ବରମ

ରାଜ୍ୟ ସଭାକୁ ଯିବା ଲାଗି ଆଶାୟୀ ଅଛନ୍ତି। ଗତଥର ଭଳି ଏଥର ମଧ୍ୟ ଉତ୍ତରପ୍ରଦେଶରେ ସିବଲଙ୍କୁ ସମାଜବାଦୀ ପାର୍ଟି ସମର୍ଥନ ଦେଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଜିତିବା ପାଇଁ ୩୫ ଭୋଟର ଆବଶ୍ୟକତା ଥିବାବେଳେ ସମାଜବାଦୀ ପାର୍ଟି ମେଣ୍ଟ ୩ ଜଣ ପ୍ରାର୍ଥୀଙ୍କୁ ପଠାଇବା ପରେ ଏହା ନିକଟରେ ପ୍ରାୟ ୨୦ ବଳକା ଭୋଟ ରହିବ। ତେବେ ଭାଜପା ଯଦି ଅଷ୍ଟମ ପ୍ରାର୍ଥୀ ଦିଏ ତେବେ କଡ଼ା ମୁକାବିଲା ହୋଇପାରେ।

ସେହିପରି ଆନନ୍ଦ ଶର୍ମା ହରିୟାଣାରୁ ରାଜ୍ୟ ସଭାକୁ ଯିବା ଲାଗି ଆଶାବାଦୀ ଥିବାବେଳେ କୁମାରୀ ଶୈଳଜା ଏବଂ ରଣଦୀପ୍ ସୁର୍ଜେୱାଲା ମଧ୍ୟ ଆଶାୟୀ ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଚିଦାମ୍ବରମ୍ ତାଙ୍କ ରାଜ୍ୟ ତାମିଲନାଡୁରୁ ରାଜ୍ୟ ସଭାକୁ ପୁନଃନିର୍ବାଚିତ ହୋଇପାରନ୍ତି ବୋଲି କୁହାଯାଉଛି। ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ମଧ୍ୟ ଏଥର ରାଜ୍ୟ ସଭା ଯିବା ଲାଗି ଦୌଡ଼ରେ ଥିବା ଜଣାପଡ଼ିଛି। ସେ ରାଜସ୍ଥାନ କିମ୍ବା କର୍ନାଟକରୁ ପ୍ରାର୍ଥୀ ହୋଇପାରନ୍ତି। ତେବେ ଦଳ ଅଧା ଆସନ ଯୁବ ନେତାଙ୍କୁ ଛାଡ଼ିପାରେ ବୋଲି ଦଳ ସୂତ୍ରରୁ ସୂଚନା ଦିଆଯାଇଛି। ରାଜସ୍ଥାନ, ଛତିଶଗଢ଼, କର୍ନାଟକ ଭଳି ରାଜ୍ୟର କଂଗ୍ରେସ ନେତୃତ୍ୱ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଉଚ୍ଚ ସଦନକୁ ପଠାଇବା ଲାଗି ଦାବି କରୁଛନ୍ତି। କର୍ନାଟକ ପିସିସି ସଭାପତି ଡି.କେ. ଶିବକୁମାର ଏବଂ ବିରୋଧୀ ଦଳ ନେତା ସିଦ୍ଦରମୈୟା ଏଥିପାଇଁ ପ୍ରିୟଙ୍କାଙ୍କୁ ଅନୁରୋଧ କରିଛନ୍ତି।

'ମିଛ ଧରାପଡ଼ିଲାଣି, ଭୁଲ ସ୍ୱୀକାର କରନ୍ତୁ'

ପୁରୀ ଅଫିସ,୨୨।୫

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ

- ଟୁଇଟ ଯୋଗେ ସମ୍ବିତଙ୍କୁ ଆଇନ ବିଶାରଦ କହି କଟାକ୍ଷ କଲେ ପିନାକୀ
- ରାଜ୍ୟ ସରକାର ଦିନବେଳା ଜିପିଆରଏସ୍ କରନ୍ତୁ: ଅପରାଜିତା
- ଜିପିଆରଏସ୍ ସର୍ଭେ ଏଏସ୍‌ଆଇ ସହଯୋଗରେ ହେଉ: ନରସିଂହ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ପ୍ରଶାସନ ପକ୍ଷରୁ ରାତିଅଧରେ ଜିପିଆର୍‌ଏସ୍ ପରେ ତେଜିଛି ରାଜନୀତି। ପ୍ରକଳ୍ପ କାର୍ଯ୍ୟ ପାଇଁ ଜିପିଆର୍‌ଏସ୍ ହୋଇଥିବା ପୁରୀ ଏମ୍‌ପି ପିନାକୀ ମିଶ୍ର କହୁଥିବାବେଳେ ଏବେ ତାହା ମିଛ ପ୍ରମାଣିତ ହୋଇଛି ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି। ରବିବାର ସେ କହିଛନ୍ତି, ପିନାକୀଙ୍କ ମିଛ ଧରାପଡ଼ିଛି। ରାତି ଅଧରେ ଲୁଚାଛପାରେ ତରବରିଆ ଭାବେ ଜିପିଆର୍‌ଏସ୍ କରାଯାଇଛି। ପୂର୍ବରୁ ଜିପିଆର୍‌ଏସ୍ ହୋଇସାରିଥିବା ପିନାକୀ ଲିଖିତ ଭାବେ ଦାବି କରୁଥିଲେ। ଜିପିଆର୍‌ଏସ୍ ହୋଇଛି, ସତ୍ୟପାଠ ହାଇକୋର୍ଟରେ ଦାଖଲ ହେବ ବୋଲି କହିଥିଲେ। ତେବେ ଶନିବାର ବିଳମ୍ବିତ ରାତ୍ରିରେ ଜିପିଆର୍‌ଏସ୍ କରାଯାଉଥିଲା କାହିକ ବୋଲ ସମ୍ବିତ ପ୍ରଶ୍ନ କରିଛନ୍ତି। ପ୍ରଥମେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ଏବେ ଜିପିଆରଏସ୍ କରିବା ଏକ ଅବୈଜ୍ଞାନିକ ପଦ୍ଧତି। ଶନିବାର ବିଳମ୍ବିତ ରାତ୍ରିରେ ଜିପିଆରଏସ୍ ଚାଲିଥିବାର ଫଟୋ ଦେଖାଇ ପିନାକୀ ପ୍ରତିକ୍ରିୟା ରଖିବାକୁ ସେ ଦାବି କରିଛନ୍ତି। ବିନା ଜିପିଆର୍‌ଏସ୍‌ରେ ନିର୍ମାଣ କାର୍ଯ୍ୟ ଓ ଖନନ ଯୋଗୁ କୀର୍ତ୍ତିରାଜି ନଷ୍ଟ ହୋଇଛି ବୋଲି ସମ୍ବିତ କହିଛନ୍ତି। ସମ୍ବିତଙ୍କ ଏଭଳି ଅଭିଯୋଗକୁ ପୁରୀ ଏମ୍‌ପି ପିନାକୀ ମିଶ୍ର ଟୁଇଟ୍ କରି କଟାକ୍ଷ କରିଛନ୍ତି। ସରକାରୀ ସଂସ୍ଥା ଦ୍ୱାରା ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ କରାଯାଇ ଦ୍ୱିତୀୟ ଥର ଜିପିଆର୍‌ଏସ୍ ପାଇଁ ଆଇନରେ ଅଂକୁଶ ରହିବା ଜରୁରୀ। ଆଇନ ବିଶାରଦ ଶ୍ରୀଯୁକ୍ତ ପାତ୍ର ଏବିଷୟରେ ନିଶ୍ଚୟ ଜାଣିଥିବେ। ତେଣୁ ନିଃସନ୍ଦେହରେ ସେ ଏ ବିଷୟରେ ଆମକୁ ଜ୍ଞାନ ଦେବେ ବୋଲି ପିନାକୀ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

ଏହି ପ୍ରସଙ୍ଗରେ ଭୁବନେଶ୍ୱର ଏମ୍‌ପି ତଥା ବରିଷ୍ଠ ଭାଜପା ନେତା ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ସାଢେ ଚାରିକୋଟି ଓଡ଼ିଶାବାସୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସତ ଜାଣିସାରିଲେଣି। ଏବେ ତ ଭୁଲ୍ ସୁଧାରିବାକୁ ପଡ଼ିବ। ଏଣୁ ରାତିଅଧିଆ ଜିପିଆର୍‌ଏସ୍ କରବାକୁ ପଡୁଛି। ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ରକୁ ନିଷିଦ୍ଧାଞ୍ଚଳ ବାହାରକୁ ଆଣିବାକୁ ବାଧ୍ୟ ହେଲେ। ଏନ୍‌ଏମ୍‌ଏ ଚିଠି ଲେଖି ପ୍ରଶାସନକୁ ନିର୍ମାଣର ଉଚ୍ଚତା ମେଘନାଦ ପ୍ରାଚୀରଠାରୁ କମ୍ ରଖିବାକୁ କୁହାଗଲା। ରାଜ୍ୟ ସରକାର ଭୁଲ୍ କରିଛନ୍ତି, ସେଥିପାଇଁ ଚିଠି ଲେଖାଯାଇଥିଲା। ରାଜ୍ୟ ସରକାର ସାମୂହିକ ଭାବେ ଆମ୍‌ସାର୍‌ଆକ୍ଟ-୧୯୫୮କୁ ଉଲ୍ଲଂଘନ କରିଛନ୍ତି। ଏଣୁ ଏବେ ପାରଦର୍ଶିତା ଦେଖାନ୍ତୁ, ରାତିରେ ନୁହେଁ ବରଂ ଦିନବେଳା ଜିପିଆରଏସ୍ କରନ୍ତୁ ବୋଲି ସେ କହିଛନ୍ତି। କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ମଧ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଘନ ଅନ୍ଧକାରରେ ଚୋର ଓ ଡକାୟତମାନେ କାର୍ଯ୍ୟ କରନ୍ତି। ରାଜ୍ୟ ସରକାର ହୁଅନ୍ତୁ ଅବା କେନ୍ଦ୍ର ସରକାର, ଯିଏ ବି ହୁଅନ୍ତୁ, ରାତିଅଧିଆ କାର୍ଯ୍ୟ ବନ୍ଦ ହେଉ। ସ୍ୱଚ୍ଛତା ଥିଲେ ଦିବାଲୋକରେ କାର୍ଯ୍ୟ ହେଉ। ଗୃହ କମିଟି ଏକ ସର୍ବଦଳୀୟ କମିଟି। ଏହା ବିଶ୍ୱାସଯୋଗ୍ୟ ତଦନ୍ତ କରିପାରିବେ। ଗୃହ କମିଟି ଯାଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସ୍ଥିତି ଯାଞ୍ଚ କରୁ। ରିପୋର୍ଟ ପ୍ରସ୍ତୁତ ହେଉ। ସେହିଭଳି ପ୍ରଶାସନ ଜିପିଆରଏସ୍ ସର୍ଭେ ଏଏସ୍‌ଆଇ ସହଯୋଗରେ କରାଯାଉ। ସରକାର ଭୁଲ କରିଛନ୍ତି ଏହା ପ୍ରମାଣିତ ହେଉଛି। ହାଇକୋର୍ଟ ପ୍ରକଳ୍ପ କାର୍ଯ୍ୟ ଉପରେ ରହିତାଦେଶ ଦେବାର ଆବଶ୍ୟକତା ରହିଥିଲା ବୋଲି କହିଛନ୍ତି କଂଗ୍ରେସ ବିଧାୟକ ମିଶ୍ର। ଅନ୍ୟପକ୍ଷରେ ବିଜେଡିର ମୁଖପାତ୍ର ସୁଲତା ଦେଓ କହିଛନ୍ତି, ସମ୍ବିତ ପୁରୀ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜିପିଆର୍‌ଏସ୍ ହୋଇ ଏନ୍‌ଏମ୍‌ଏକୁ ଡିପିଆର୍ ହସ୍ତାନ୍ତର ହୋଇଛି। ଯେଉଁ ସେବାୟତ ଓ ସ୍ଥାନୀୟ ଲୋକେ ପରିକ୍ରମା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ସହଯୋଗ କରିଛନ୍ତି, ସେମାନେ କେବେ ହେଲେ କ୍ଷମା କରିବେ ନାହିଁ। ଏଣୁ ସମ୍ବିତ ଅଯଥା ରାଜନୀତି କରିବା ବନ୍ଦ କରନ୍ତୁ ବୋଲି ସୁଲତା ପ୍ରକାଶ କରିଛନ୍ତି।

କୋର୍ଟଙ୍କ ନିର୍ଦ୍ଦେଶରେ ସଞ୍ଜୟ, ପ୍ରଣବଙ୍କ ନାଁରେ ମାମଲା

ନବରଙ୍ଗପୁର,୨୨।୫(ବି.ପ୍ର.)

ନବରଙ୍ଗପୁରରେ ଭାଜପା କର୍ମୀ ଓ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ

ଭାଜପା କର୍ମକର୍ତ୍ତା ଓ କର୍ମୀଙ୍କୁ ଗୋଇଠା ମାରିବା ଏବଂ ମହିଳାମାନଙ୍କୁ ଠେଲାପେଲା କରି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏବଂ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନାଁରେ ନବରଙ୍ଗପୁର ଥାନାରେ ମାମଲା ରୁଜୁ ହୋଇଛି। ଭାଜପା ଯୁବନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝିଙ୍କ ଅଭିଯୋଗ ତଥା ଜିଲା ଦୌରାଜଜ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଉଭୟଙ୍କ ନାମରେ ଥାନା ନଂ. ୨୩୫/୨୨ ଏବଂ ଆଇପିସି ଦଫା ୧୪୩, ୧୪୯, ଏସ୍‌ଟି/ ଏସ୍‌ସି ଆକ୍ଟର ଦଫା ୩ ରେ ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଡିଏସ୍‌ପି ଯୁଗଳ ମଲ୍ଲିକ ଏହି ଘଟଣାର ତଦନ୍ତ ଭାର ନେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ଫେବୃୟାରୀରେ ନବରଙ୍ଗପୁର ଆର୍‌ଏମ୍‌ସି ପରିସରରେ କୃଷକ ସୂଚନା କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ସଞ୍ଜୟ ଏବଂ ପ୍ରଣବ ଆସିଥିଲେ। ଏହି ସମୟରେ ମଣ୍ଡିରୁ ଧାନ ନ ଉଠିବା ସମସ୍ୟା ନେଇ ଭାଜପା ନେତା ଓ କର୍ମୀଙ୍କ ସମେତ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ତେବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଏବଂ ଯାଜପୁର ବିଧାୟକ ଚାଷୀଙ୍କ ଅଭିଯୋଗ ଶୁଣିବା ବଦଳରେ ବିଜେଡି କର୍ମୀଙ୍କ ସହ କୃଷକ ସୂଚନା କେନ୍ଦ୍ର ଉଦ୍‌ଘାଟନ ନିମନ୍ତେ ଧସେଇ ପଶିଥିବା ଅଭିଯୋଗ ହୋଇଥିଲା। ଭାଜପା କର୍ମୀ ଏବଂ ମହିଳାମାନଙ୍କୁ ଏଠାରେ ଦୁହେଁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଗୌରୀଶଙ୍କର ସେତେବେଳେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ଗ୍ରହଣ କରି ନ ଥିଲା। ୨୦୨୧ ଫେବୃୟାରୀ ୫ ରେ ଏ ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାପରେ ଗୌରୀଶଙ୍କର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ଅରୁଣ ପୂଜାରୀ, ଶର୍ମିଷ୍ଠା ଦେଓ, ବବିତା ସାହୁ, ରାମଚନ୍ଦ୍ର ଗଡବା ପ୍ରମୁଖ ସାକ୍ଷୀ ରହିଥିଲେ। ଏବେ ଜିଲା ଦୌରାଜଜ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ରାତିରେ ନବରଙ୍ଗପୁର ଥାନାରେ ସଞ୍ଜୟ ଏବଂ ପ୍ରଣବଙ୍କ ନାମରେ ମାମଲା ରୁଜୁ ହୋଇଛି।

ଟିଏମ୍‌ସିକୁ ଫେରିଲେ ଭାଜପା ଏମ୍‌ପି ଅର୍ଜୁନ ସିଂ

କୋଲକାତା,୨୨।୫: ଭାଜପା ଏମ୍‌ପି ଅର୍ଜୁନ ସିଂ ଦଳ ଛାଡ଼ି ରବିବାର ତୃଣମୂଳ କଂଗ୍ରେସକୁ ଫେରିଛନ୍ତି। କୋଲକାତାରେ ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ସେ ଟିଏମ୍‌ସିରେ ସାମିଲ ହୋଇଛନ୍ତି। ଭାଜପାରେ ତାଙ୍କୁ କାମ କରିବା ଲାଗି ଉପଯୁକ୍ତ ସୁଯୋଗ ମିଳୁ ନ ଥିବାରୁ ସେ କିଛିଦିନ ପୂର୍ବରୁ ରାଜ୍ୟ ନେତୃତ୍ୱକୁ ସମାଲୋଚନା କରିଥିଲେ। ଝୋଟ କୁଇଣ୍ଟାଲ ପ୍ରତି ଦର ୬,୫୦୦ ଟଙ୍କାରେ ସୀମିତ ରଖିବାକୁ ଅର୍ଜୁନ ଓ ଅନ୍ୟ ଶିଳ୍ପ ଅଂଶୀଦାରମାନେ ଦାବି କରୁଥିଲେ। ତେବେ କେନ୍ଦ୍ର ସରକାର ଉକ୍ତ ବିଜ୍ଞପ୍ତି ପ୍ରତ୍ୟାହାର କରିନେବାରୁ ସେ କ୍ଷୁବ୍ଧ ଥିଲେ। ଏହା ବ୍ୟତୀତ ରାଜ୍ୟ ଭାଜପାରେ ଗୋଷ୍ଠୀକନ୍ଦଳ ଲାଗି ରହିଥିବା ନେଇ ସେ ଦିଲ୍ଲୀ ଯାଇ ଶୀର୍ଷ ନେତୃତ୍ୱଙ୍କୁ ଜଣାଇଥିଲେ। ୨୦୧୯ରେ ଅର୍ଜୁନ ଟିଏମ୍‌ସି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ଘରବାହୁଡ଼ା ପାଇଁ ସେ ୬ ମାସ ହେଲା ଟିଏମ୍‌ସି ସହ ଯୋଗାଯୋଗରେ ଥିଲେ ବୋଲି କୁହାଯାଉଛି।

ସମବାୟ ନିର୍ବାଚନ ପାଇଁ ଜନ ପ୍ରତିନିଧିଙ୍କ ବୈଠକ

ବ୍ରହ୍ମପୁର ଅଫିସ,୨୨।୫

■ ଗଞ୍ଜାମ ଜିଲା ବିଜେଡିର ପ୍ରସ୍ତୁତି

ଗଞ୍ଜାମ ଜିଲା ବିଜେଡିର ସମବାୟ ନିର୍ବାଚନ ପ୍ରସ୍ତୁତି ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଜୁନ୍ ୧୯ ଓ ୨୬ରେ ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ସମସ୍ତ ପ୍ରାଥମିକ ସେବା ସମବାୟ ସମିତି (ସୋସାଇଟି)ରେ ପ୍ରାର୍ଥୀ ଚୟନ ଦାୟିତ୍ୱ ବିଧାୟିକା ଓ ବିଧାୟକଙ୍କୁ ଦିଆଯାଇଛି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲାର ଦୁଇ ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ପ୍ରମିଳା ବିଶୋୟୀ ଯୋଗ ଦେଇଥିଲେ। ବିଧାୟିକା ଲତିକା ପ୍ରଧାନ, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ ଏବଂ ବିଧାୟକ ବିକ୍ରମ ପଣ୍ଡା, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ବାଚସ୍ପତି ଓ ଚିକିଟି ବିଧାୟିକାଙ୍କ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

ପୂର୍ବତନ ବିଧାୟକ ତଥା ଗଞ୍ଜାମ ବିଜେଡି ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମବାୟ ନିର୍ବାଚନରେ ଶତ ପ୍ରତିଶତ ସଫଳତା ହାସଲ ନିମନ୍ତେ ରଣନୀତି ପ୍ରସ୍ତୁତ କରାଯାଇଛି।

ଭାଜପା ପ୍ରଚାରରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ଝାରସୁଗୁଡା ଅଫିସ,୨୨।୫

ବ୍ରଜରାଜନଗର ଉପନିର୍ବାଚନ

ଝାରସୁଗୁଡା ଜିଲା ବ୍ରଜରାଜନଗର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ନିର୍ବାଚନ ପ୍ରଚାର ସେତିକି ଜୋର୍ ଧରିବାରେ ଲାଗିଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର କେନ୍ଦ୍ର ଓ ରାଜ୍ୟସ୍ତରୀୟ ହେଭିୱେଟ୍ ନେତାମାନେ ସାମିଲ ହେବାରେ ଲାଗିଛନ୍ତି। ଦଳୀୟ ପ୍ରାର୍ଥୀମାନଙ୍କୁ ସାଙ୍ଗରେ ଧରି ଭୋଟରଙ୍କ ନିକଟରେ ପହଞ୍ଚି ଭୋଟ୍ ଭିକ୍ଷା କରିବାରେ ଲାଗିଛନ୍ତି। ଏନେଇ ଭାଜପା ପ୍ରାର୍ଥିନୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ବିଜୟୀ କରିବା ପାଇଁ ଦଳ ଜୋରଦାର ପ୍ରୟାସ ଚଳାଇଛି। ରବିବାର କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓଡ଼ିଶା ଗସ୍ତରେ ଆସି ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପହଞ୍ଚି ଦଳୀୟ ପ୍ରଚାରରେ ସାମିଲ ହୋଇଛନ୍ତି। ଏନେଇ ମନ୍ତ୍ରୀ ଟୁଡୁ ରବିବାର ବେଲପାହାଡରେ ଏକ ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି କର୍ମୀମାନଙ୍କୁ ଉଦ୍‌ବୋଧନ

ପ୍ରଚାର ସଭାରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ ଉପସ୍ଥିତ।

ଦେଇଥିଲେ। ତା'ପରେ ବେଲପାହାଡ ପୌରପରିଷଦର ୨ନଂ. ୱାର୍ଡ଼ ଗରାଖାଇ ଓ ପଣ୍ଡରୀ ଗ୍ରାମର ନିର୍ବାଚନ ପ୍ରଚାରରେ ସାମିଲ ହୋଇ ଦଳୀୟ ପ୍ରାର୍ଥିନୀ ପଣ୍ଡାଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ। ଏଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଟୁଡୁ କେନ୍ଦ୍ର ସରକାରଙ୍କ ବହୁବିଧ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ବିଧାୟିକା କୁସୁମ ଟେଟେ, ସୀମାଞ୍ଚଳ ଖଟେଇ, ପ୍ରମୋଦ ସେନାପତି, ରଘୁନନ୍ଦନ ପଣ୍ଡା, ତପନକାନ୍ତ ଜେନା ଓ ବିକାଶ ଅଗ୍ରୱାଲ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଷଡଙ୍ଗୀ ବେଲପାହାଡରେ ପହଞ୍ଚି ସ୍ଥାନୀୟ ମହାତ୍ମାଗାନ୍ଧୀ ସ୍ମୃତି ସଦନରେ ଦଳୀୟ ପ୍ରାର୍ଥିନୀଙ୍କ ବିଜୟକୁ ନେଇ ବରିଷ୍ଠ ନାଗରିକଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ବେଲପାହାଡର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହିପରି ରବିବାର ସନ୍ଧ୍ୟାରେ ଭାଜପାର ପୂର୍ବତନ ଏମ୍‌ପି କନକବର୍ଦ୍ଧନ ସିଂହଦେଓ ବ୍ରଜରାଜନଗରରେ ପହଞ୍ଚି ଦଳୀୟ ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିଥିଲେ।

ପାଚକ-ପାଚିକାଙ୍କୁ ଦୀପାଳିଙ୍କ ମାର୍ଗଦର୍ଶନ

ଝାରସୁଗୁଡା ଅଫିସ, ୨୨।୫

ବିଜେଡି ମହିଳା ମୋର୍ଚ୍ଚାର ପ୍ରଚାର ରଣନୀତି

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଉପନିର୍ବାଚନକୁ ଆଉ ମାତ୍ର ୮ଦିନ ବାକି ରହିଥିବାବେଳେ ବିଭିନ୍ନ ରାଜନୈତିକ ଦଳ ନିଜ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଜୋରଦାର ପ୍ରଚାର ଚଳାଇଛନ୍ତି। ଏହି ପ୍ରଚାରରେ ବିଜେଡି ଆଗରେ ରହିଥିବାବେଳେ ଏଥିରେ ବିଜେଡି ମହିଳା ମୋର୍ଚ୍ଚା ସାମିଲ ହୋଇଛି। ବିଜେଡି ମହିଳା ମୋର୍ଚ୍ଚା ପ୍ରଚାର କମିଟିର ସଂଯୋଜିକା ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଝିଅ ଦୀପାଳି ଦାସଙ୍କ ଅଧ୍ୟକ୍ଷତାରେ ବେଲପାହାଡ ସହରର ଏକ ହୋଟେଲରେ ରବିବାର ନିର୍ବାଚନୀ ପ୍ରଚାର ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ଅନୁବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ଶତାଧିକ ସଦସ୍ୟା ଯୋଗଦେଇଥିଲେ। ଏଥିରେ କଟକ

ବେଲପାହାଡରେ ନିର୍ବାଚନୀ ପ୍ରଚାର ସଭାରେ ବିଜେଡି ମହିଳା ମୋର୍ଚ୍ଚା ପ୍ରଚାର କମିଟି ସଂଯୋଜିକା ଦୀପାଳୀ ଦା

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୫୨,୭୩,୯୮,୯୦୦	୬୩,୦୦,୧୨୨	୪୯,୭୩,୬୬,୨୬୭
ଭାରତ	୪,୩୧,୩୬,୩୭୧	୫,୨୪,୪୧୩	୪,୨୫,୯୭,୦୦୩
ଓଡ଼ିଶା	୧୨,୮୮,୩୭୨	୯୧୨୬(+୫୩)	୧୨,୭୯,୧୦୫

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ଅନୁଭବଙ୍କ ନାଁରେ ଥାନାରେ ବର୍ଷାଙ୍କ ଅଭିଯୋଗ

ଭିଡିଓରେ ଚରିତ୍ର ସଂହାର କରାଯାଇଛି: ବର୍ଷା

କଟକ ଅଫିସ, ୨୨।୫

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ରବିବାର ପୁରୀଘାଟ ଥାନାରେ ଅଭିଯୋଗ କରିଛନ୍ତି। ଅନୁଭବ ୟୁଟ୍ୟୁବ୍‌ରେ ଛାଡ଼ିଥିବା ୨ଟି ଭିଡିଓରେ ସେ ବର୍ଷାଙ୍କ ସମ୍ମାନହାନି କଲା ଭଳି ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ବର୍ଷା–ଅନୁଭବଙ୍କ ବିବାଦକୁ ନେଇ କଟକ ନିମ୍ନ ଅଦାଲତରେ ୨ଟି ମାମଲା ବିଚାରାଧୀନ ରହିଛି। କଟକ ପାରିବାରିକ ଅଦାଲତରେ ଅନୁଭବ ଦାଏର କରିଥିବା ବିବାହ ବିଚ୍ଛେଦ ମାମଲା ଚାଲିଛି। ବର୍ଷାଙ୍କ ପକ୍ଷରୁ ଘରୋଇ ହିଂସା ନେଇ ଏକ ମାମଲା ଏସ୍‌ଡିଜେଏମ୍ କୋର୍ଟରେ ବିଚାରାଧୀନ ରହିଛି। ଏହି ସବୁ ମାମଲା କୋର୍ଟରେ ଗଡ଼ି ଚାଲିଥିବାବେଳେ ଅନୁଭବ ଭିଡିଓ କରି ଅରୁଚିକର ମନ୍ତବ୍ୟ ଦେଉଛନ୍ତି। ସୋସିଆଲ ମିଡିଆରେ ଭିଡିଓ ଛାଡ଼ି ଅନୁଭବ ତାଙ୍କ ନାରୀତ୍ୱ ପ୍ରତି ଅପମାନ କରିଛନ୍ତି ଏବଂ ସେମାନଙ୍କ ଶାରୀରିକ ସମ୍ପର୍କକୁ ନେଇ ମିଥ୍ୟା ଅଭିଯୋଗ ଆଣିଛନ୍ତି ବୋଲି ବର୍ଷା ଏତଲାରେ ଦର୍ଶାଇଛନ୍ତି। ୨୦୨୦ରେ ଅନୁଭବ ଛାଡ଼ପତ୍ର ଦେବାକୁ କହିଥିଲେ। ସେଥିରେ ରାଜି ନ ହେବାରୁ ସେ ନାନା ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ଏକାଧିକ ସର୍ତ୍ତ ଥିବା ବଣ୍ଡ୍ ପେପରରେ ଦସ୍ତଖତ କରିବାକୁ କହିଥିଲେ। ମୁଖ୍ୟତଃ ଫିଲ୍ମଲାଇନ ଛାଡ଼ିବା ଏବଂ ରାଜନୀତିରେ ଯୋଗ ନ ଦେବାକୁ ସର୍ତ୍ତ ରହିଥିଲା। ଏକାଧିକ ଏତଲା ଦେବା ସତ୍ତ୍ୱେ ଅନୁଭବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ବଞ୍ଚିବା କଷ୍ଟକର ହୋଇପଡ଼ିଛି ବୋଲି ବର୍ଷା ଏତଲାରେ ଦର୍ଶାଇଛନ୍ତି।

ସୂଚନାଥାଉ କି, ଗତ ଗୁରୁବାର ଅନୁଭବ ୟୁଟ୍ୟୁବରେ 'ମନର ଅକୁହା କଥା' ନାମରେ ପ୍ରଥମ ଭିଡିଓ ପୋଷ୍ଟ୍ କରିଛନ୍ତି। ସେଥିରେ ସେ ନ୍ୟାୟକୁ ଅପେକ୍ଷା କରିବାଠାରୁ ଭଲ ମୃତ୍ୟୁକୁ ଆପଣାଇ ନେବା ଏବଂ ଜୀବନ ସାଥୀ ବାଛିବାରେ ଭୁଲ କରିଛନ୍ତି ବୋଲି କହିଛନ୍ତି। ଏହି ଭିଡିଓ ପରେ ଅନୁଭବ ଓ ବର୍ଷା ସମର୍ଥକଙ୍କ ମଧ୍ୟରେ ଅନେକ ମତ ପ୍ରକାଶ ପାଇଛି। ହଠାତ୍ ଅନୁଭବ ଭିଡିଓ ୟୁଟ୍ୟୁବ୍‌ରେ ଛାଡ଼ିବା ପଛରେ ବିଳମ୍ବିତ ନ୍ୟାୟ ନୁହେଁ, ବିଜେଡି ରାଜନୀତିରେ ସେ କୋଣଠେସା ହେବା ମୁଖ୍ୟ କାରଣ ବୋଲି କେତେକେ ସମାଲୋଚନା କରିଛନ୍ତି। ଏପରି କି ବର୍ଷା ଉଭୟ ବିଜେଡି ଓ ରାଜ୍ୟ କ୍ଷମତା କେନ୍ଦ୍ରର ନିକଟତର ହେଉଥିବା ଚର୍ଚ୍ଚା ହେଉଛି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ତାଙ୍କର ଉପସ୍ଥିତି ଦେଖିବାକୁ ମିଳୁଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡ ପ୍ରାର୍ଥୀଙ୍କ ପାଇ ବର୍ଷା ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ଗତ ମଙ୍ଗଳବାର ମା' ତାରାତାରିଣୀଙ୍କ ପୀଠରେ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ପୁରୋଧା ଭାବେ ଯୋଗଦେଇଥିବାବେଳେ ବର୍ଷାଙ୍କୁ ସେଠାରେ ମଧ୍ୟ ଦେଖିବାକୁ ମିଳିଥିଲା। ବିଜେଡିରେ ବର୍ଷାଙ୍କ ପ୍ରଭାବ ବଢୁଥିବାରୁ ତାହା ଅନୁଭବଙ୍କୁ ବିଚଳିତ କରୁଥିବା ସମାଲୋଚକମାନେ କହୁଛନ୍ତି। ସେହିପରି ଚଳଚ୍ଚିତ୍ର ଜଗତକୁ ଫେରିଆସି ପୁଣି ଥରେ ସକ୍ରିୟ ରହିବାକୁ ଅନୁଭବଙ୍କୁ ତାଙ୍କ ପ୍ରଶଂସକମାନେ ସୋସିଆଲ ମିଡିଆରେ ନିବେଦନ କରୁଛନ୍ତି। ଏଭଳିସ୍ଥଳେ ପ୍ରଥମ ୟୁଟ୍ୟୁବ୍ ଭିଡିଓ ପରେ ବର୍ଷାଙ୍କ ପଛରେ ତାଙ୍କ ସମର୍ଥକମାନେ ମଧ୍ୟ ଠିଆ ହୋଇ ଅନୁଭବଙ୍କୁ ନାନା ପ୍ରକାର ସମାଲୋଚନା କରୁଛନ୍ତି। ତେବେ ଗଣମାଧ୍ୟମରେ ପ୍ରକାଶିତ ଖବର ଏବଂ ସମାଲୋଚକଙ୍କ ବିଭିନ୍ନ କଥାକୁ ଦୃଷ୍ଟିରେ ରଖି ଅନୁଭବ ଶନିବାର 'ଅନ୍‌ଟୋଲ୍ଡ ଟ୍ରୁଥ୍' ନାମରେ ଆଉ ଏକ ଭିଡିଓ ପୋଷ୍ଟ୍ କରିଛନ୍ତି। ସେଥିରେ ଗଣମାଧ୍ୟମ ତାଙ୍କ କଥାକୁ ବିଶ୍ୱାସକୁ ନ ନେଇ ବର୍ଷାଙ୍କ କଥାକୁ ଏକପାଖିଆ ପରିବେଷଣ କରୁଛନ୍ତି। ଏପରି କି କେତେକ ମନଗଢ଼ା କଥା ତାଙ୍କ ବିରୋଧରେ କୁହାଯାଉଛି ବୋଲି ଅନୁଭବ କ୍ଷୋଭ ପ୍ରକାଶ କରିବା ସହ ଏହି ଭିଡିଓ ମାଧ୍ୟମରେ ସେ ସତ କଥା ସାମ୍ନାକୁ ଆଣିଥିବା କହିଛନ୍ତି। ଏହି ଦ୍ୱିତୀୟ ଭିଡିଓରେ ସେ ନିଜର ୮ ବର୍ଷର ବୈବାହିକ ଜୀବନ ବିଷୟରେ କହିଛନ୍ତି। ସେ ନିଜକୁ ଜଣେ 'ମ୍ୟାରେଡ୍ ବ୍ୟାଚେଲର' ବୋଲି କହିଛନ୍ତି। ବିବାହ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ହେଉଛି ପବିତ୍ରର ସମ୍ପର୍କ। ହେଲେ ବର୍ଷା ସେଥିରୁ ତାଙ୍କୁ ବଞ୍ଚିତ କରିଛନ୍ତି ଓ ସ୍ୱାମୀର ଅଧିକାର ତାଙ୍କୁ ଦେଇନାହାନ୍ତି। ବିଭିନ୍ନ ଆଳ ଦେଖାଇ ତାଙ୍କଠାରୁ ବର୍ଷା ଦୂରେଇ ରହିଆସିଛନ୍ତି ବୋଲି ଅନୁଭବ ଭିଡିଓରେ କହିଛନ୍ତି।

ଭିଡିଓ ମାଧ୍ୟମରେ ଅନୁଭବ ତାଙ୍କର ଚରିତ୍ର ସଂହାର କରିଛନ୍ତି ବୋଲି ବର୍ଷା ଏତଲାରେ ଦର୍ଶାଇଛନ୍ତି। ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀଘାଟ ଥାନା ସବ୍‌ଇନ୍ସପେକ୍ଟର ସ୍ୱପ୍ନଳା ସୁଚ୍ରୋ ସାହୁ କହିଛନ୍ତି। ବର୍ଷାଙ୍କ ଏତଲା ସଂକ୍ରାନ୍ତରେ ଅନୁଭବଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ମନ୍ଦିରରେ ଚାଲିଗଲା ନାବାଳକଙ୍କ ଜୀବନ

କିଡ୍‌ନୀ ରୋଗରୁ ଭଲ ହେବା ପାଇଁ ଅଧିଆ ପଡ଼ିଥିଲେ

ବନ୍ତଳା,୨୨।୫(ଡି.ଏନ.ଏ.)

କିଡ୍‌ନୀ ରୋଗ ଭଲ ହୋଇଯିବ ବୋଲି ବିଶ୍ୱାସ କରି ୧୦ ଦିନ ହେଲା ଠାକୁରଙ୍କ ନିକଟରେ ଅଧିଆ ପଡ଼ିଥିବା ଜଣେ ୧୪ ବର୍ଷର ନାବାଳକଙ୍କ ମନ୍ଦିର ପରିସରରେ ମୃତ୍ୟୁ ହୋଇଯାଇଛି। ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମ ଭୋକିଲାପାଳରେ ରବିବାର ଅପରାହ୍ନରେ ଘଟିଥିବା ଏହି ଦୁଃଖଦ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ତାଳଚେର ବ୍ଲକ ଅଞ୍ଚଳର ସମ୍ପୃକ୍ତ ନାବାଳକ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। କିଛିଦିନ ହେଲା ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ତେବେ ରୋଗ ଭଲ ନ ହେବାରୁ ବନ୍ତଳା ଥାନା ପୋକତୁଙ୍ଗା ଭୋକିଲାପାଳରେ ଥିବା କୃଷ୍ଣଗୁରୁ ମନ୍ଦିରରେ ଗତ ୧୦ ଦିନ ହେଲା ସେ ଅଧିଆ ପଡ଼ିଥିଲେ। ନିକଟରେ ପରିବାର ଲୋକେ ମଧ୍ୟ ଉପସ୍ଥିତ ରହୁଥିଲେ। ହେଲେ ଅପରାହ୍ନରେ ସମ୍ପୃକ୍ତ ନାବାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ପରିବାର ଲୋକେ ମୃତଦେହ ନେଇ ଘରକୁ ପଳାଇ ଯାଇଥିଲେ। ସମ୍ପୃକ୍ତ ନାବାଳକଙ୍କ ପୂର୍ବରୁ ଏହି ମନ୍ଦିରରେ ବିଭିନ୍ନ ସମୟରେ ଅଧିଆ ପଡ଼ିଥିବା ଲୋକଙ୍କ ମଧ୍ୟରୁ ୫ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏପରି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବିକ୍ରି ପୂର୍ବରୁ ବଜ୍ରକାପ୍ତା ଉଦ୍ଧାର, ଶିକାରୀ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)/ ରୁପ୍ରା ରୋଡ୍, ୨୨।୫(ଡି.ଏନ୍.ଏ)

ବଜ୍ରକାପ୍ତା ବିକ୍ରି ପାଇଁ ଡିଲ୍‌ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କଳାହାଣ୍ଡି ଜିଲା ନର୍ଲା ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ କେସିଙ୍ଗା ଥାନା ଅଞ୍ଚଳର ଜିତେନ୍ଦ୍ର କୁମାର। ତାଙ୍କୁଠାରୁ ଏସ୍‌ଟିଏଫ୍ ୧୩ କେଜି ୩୩୦ ଗ୍ରାମ ଓଜନର ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଛି। କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ କଳାହାଣ୍ଡି ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ ସୁରକ୍ଷା ଦୃଷ୍ଟିରୁ ଉଦ୍ଧାର ବଜ୍ରକାପ୍ତାକୁ ଏସ୍‌ଟିଏଫ୍ କଳାହାଣ୍ଡି ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ଜିତେନ୍ଦ୍ର ପାଖରେ ଥିବା ଏକ ବଜ୍ରକାପ୍ତାକୁ ବିକ୍ରି ପାଇଁ ଗ୍ରାହକ ଖୋଜୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ସ୍ଥାନୀୟ ବନ ବିଭାଗକୁ ଜଣାଇ ଧରିବାକୁ ଯୋଜନା କରିଥିଲା। ଶନିବାର ରାତିରେ ଜିତେନ୍ଦ୍ର ଜଣେ ଗ୍ରାହକଙ୍କ ସହ ମୂଲଚାଲ କରି ବଜ୍ରକାପ୍ତା ବିକ୍ରି କରିବାକୁ ଭବାନୀପାଟଣା–ମଦନପୁର ରୋଡ ମଝିରେ ଥିବା କର୍ନିଖୁଣ୍ଟି ଗ୍ରାମ ନିକଟକୁ ଯାଇଥିଲେ। ଏସ୍‌ଟିଏଫ୍ ଓ ବନବିଭାଗର ମିଳିତ ଟିମ୍ ସେଠାରେ ଚଢ଼ାଉ କରି ଜିତେନ୍ଦ୍ରଙ୍କୁ କାବୁ କରିଥିବାବେଳେ ଅନ୍ୟମାନେ ସେଠାରୁ ଖସି ପଳାଇଥିଲେ। ଜିତେନ୍ଦ୍ର ଧରିଥିବା ଏକ ବ୍ୟାଗକୁ ଯାଞ୍ଚ କରାଯିବାରୁ ସେଥିରୁ ଏକ ଜୀବନ୍ତ ବଜ୍ରକାପ୍ତା ମିଳିଥିଲା। ନିକଟ ଜଙ୍ଗଲରୁ ଉକ୍ତ ବଜ୍ରକାପ୍ତାକୁ ସେ ଧରିଥିବା ଅନୁମାନ କରାଯାଉଛି। ଏସ୍‌ଟିଏଫ୍ ରିପୋର୍ଟ ଅନୁଯାୟୀ, ବନ୍ୟଜନ୍ତୁ ଚାଲାଣକାରୀଙ୍କ ବିରୋଧରେ ୨୦୨୦ରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ୨୮ ବାଘ ଛାଲ, ୨୯ ବାଘ ନଖ, ୨୪ ହାତୀଦାନ୍ତ, ୭ ହରୀଣ ଚମଡ଼ା, ୧୪ ଜୀବନ୍ତ ବଜ୍ରକାପ୍ତା, ୩୦ କେଜି ୪୦୦ ଗ୍ରାମ ବଜ୍ରକାପ୍ତା କାତି ଓ ୪୬ ଶୁଆ ଆଦି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୬୯ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

୪ବର୍ଷର ପୁଅ ପାଇଁ ଉଦ୍ଧାର ପାଇଲେ ମା'

ଦୁର୍ବୃତ୍ତଙ୍କୁ କାବୁ କଲେ ଗ୍ରାମବାସୀ

ବାଲେଶ୍ୱର ଅଫିସ, ୨୨।୫

ବାଲେଶ୍ୱର ସଦର ଥାନା ଅଧୀନ ଅନନ୍ତପୁର ଗ୍ରାମରେ ଜଣେ ମହିଳାଙ୍କ ଘରେ ଦୁର୍ବୃତ୍ତ ପଶି ଲୁଟପାଟ୍ କରିବା ସହ ଆକ୍ରମଣ କରୁଥିବା ବେଳେ ତାଙ୍କ ୪ ବର୍ଷ ପୁଅ ପାଇଁ ସେ ରକ୍ଷା ପାଇଯାଇଛନ୍ତି। ଗ୍ରାମବାସୀ ଘର କବାଟ ଭାଙ୍ଗି ମହିଳାଙ୍କୁ ଉଦ୍ଧାର କରିବା ସହ ଦୁର୍ବୃତ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଘଟଣା ଘଟିଛି ଶନିବାର ରାତିରେ।

ରାତି ପ୍ରାୟ ୯ଟା ବେଳେ ଅନନ୍ତପୁର ଗାଁର ଉଜ୍ଜ୍ୱଳ ଜେନାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ମଧୁପୁରା ଗ୍ରାମର ଲିପନ ଜେନା ଘରେ ପଶି ଉଜ୍ଜ୍ୱଳଙ୍କ ସ୍ତ୍ରୀ ପଲ୍ଲବୀଙ୍କୁ ପାଣି ମାଗିଥିଲେ। ପଲ୍ଲବୀ ପାଣି ଆଣିବାକୁ ଯାଇଥିବା ବେଳେ ଲିପନ ତାଙ୍କ ଘର ଭିତରେ ପଶି ଆଲମାରୀ ଖୋଲିବାକୁ ଚେଷ୍ଟା କରିଥିଲେ। ଏହାଦେଖି ପଲ୍ଲବୀ ବିରୋଧ କରିବାରୁ ଲିପନ ଘର କବାଟ ଆଉଜେଇ ଦେଇ ତାଙ୍କୁ ମାଡ଼ ମାରି ସୁନା ଗହଣା ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପଲ୍ଲବୀଙ୍କ ୪ବର୍ଷର ପୁଅ ଘରୁ ବାହାରକୁ ପଳାଇ ଆସି ଲୋକଙ୍କୁ ଡାକିବାକୁ ଚେଷ୍ଟା କରିଥିଲେ। ସେ ଠିକ୍ ଭାବେ କଥା କହି ପାରୁ ନ ଥିବାରୁ ଲୋକେ ପ୍ରଥମେ କିଛି ବୁଝି ପାରି ନ ଥିଲେ। ହେଲେ ପିଲାଟି ବାରମ୍ବାର ଲୋକଙ୍କୁ ଡାକିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ସେମାନେ ଘରକୁ ଆସି ପଲ୍ଲବୀଙ୍କୁ ଘର ଭିତରେ ଲିପନ ମାଡ଼ ମାରୁଥିବା ଦେଖିଥିଲେ। ଲୋକେ ପଲ୍ଲବୀଙ୍କୁ ଉଦ୍ଧାର କରିବା ସହ ଏଥିସହ ଲିପନଙ୍କୁ କାବୁ କରି ମାଡ଼ ମାରିଥିଲେ। ସଦର ଥାନା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲେ। ଅନ୍ୟପକ୍ଷେ ଗୁରୁତର ଆହତ ପଲ୍ଲବୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। କୁନି ପୁଅର ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ବିପଦ ଟଳି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

ଆଜିର ମନ୍ତବ୍ୟ

ଓ୍ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଇଟାଲୀୟ ଚଷମା ଖୋଲିଲେ ଅରୁଣାଚଳ ପ୍ରଦେଶରେ ହୋଇଥିବା ବିକାଶ କାର୍ଯ୍ୟକୁ ଦେଖିପାରିବେ। **-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

ସିସିଟିଭିରେ ହତ୍ୟାର ଦୃଶ୍ୟ

ବଲାଙ୍ଗୀର ଅଫିସ,୨୨।୫

ବଲାଙ୍ଗୀର ଆର୍‌ଟିଓ ଅଫିସ ଛକରେ ଶନିବାର ପୂର୍ବାହ୍ନରେ ସିରିଜ୍ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା ଓ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିଲେ। ଏହି ସିରିଜ୍ ଦୁର୍ଘଟଣା ସମୟର ସିସିଟିଭି ଫୁଟେଜ୍ ରବିବାର ଭାଇରାଲ ହେବା ପରେ ଏହା ଦୁର୍ଘଟଣା ଛଳରେ ଏକ ସୁପରିକଳ୍ପିତ ହତ୍ୟା ଯୋଜନା ବୋଲି ସ୍ପଷ୍ଟ ହୋଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମିନିଟ୍ରକ୍ ଚଢ଼ାଇ ହତ୍ୟା ଯୋଜନା କରାଯାଇଥିବା ମୃତ ଶ୍ରୀକାନ୍ତ ବାଗ (୩୦) ଓ ଆହତ ସାନୁ ନାୟକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଗୁରୁତର ଆହତ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତିଙ୍କୁ ପୋଲିସ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ହେପାଜତରେ ରଖିଛି। ଏହି ଘଟଣାରେ ବଲାଙ୍ଗୀର ପୋଲିସ ଅନ୍ୟ ୨ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଟିଟିଲାଗଡ଼ ପଟରୁ କ୍ଷିପ୍ରଗତିରେ ଆସୁଥିବା ଏକ ମିନିଟ୍ରକ୍ (ଓଆର୦୩ ଏ ୫୩୯୦) ଆର୍‌ଟିଓ ଅଫିସ ନିକଟରେ ଏକ ବାଇକ୍‌କୁ ଧକ୍କା ଦେବା ପରେ ରାସ୍ତାକଡ଼ ନିମଗଛରେ ପିଟିହୋଇ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ରେ ବସିଥିବା ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ହୋଟେଲ ମାଲିକ ସାନୁ ନାୟକ ଗୁରୁତର ଆହତ ହୋଇଥିଲେ। ସନ୍ଧ୍ୟାରେ ମୃତ ଶ୍ରୀକାନ୍ତ ଓ ଆହତ ସାନୁଙ୍କ ପରିବାର ଲୋକେ ଟାଉନ୍ ଥାନାରେ ଚିତ୍ତରଞ୍ଜନ ମହାନ୍ତି ମିନିଟ୍ରକ୍‌ରେ ଧକ୍କା ଦେଇ ହତ୍ୟା କରିଥିବା ଲିଖିତଭାବେ ଜଣାଇଥିଲେ। ଚିତ୍ତରଞ୍ଜନ ମହାନ୍ତିଙ୍କ ବିରୋଧରେ ଲାଗିଛି ଦଫା ୩୦୨, ୩୦୭, ୧୨୦ବିରେ ଏକ ମାମଲା(୨୫୩/୨୨)ରୁଜୁ ହୋଇଛି। ଦୁର୍ଘଟଣା ପରେ ଚିତ୍ତରଞ୍ଜନଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ସେ ୱାଲଟିଅର ଯାଉଥିବା ଖବର ପାଇବା ପରେ ପୋଲିସ ଥେରୁବାଲି ନିକଟରୁ ତାଙ୍କୁ ବଲାଙ୍ଗୀର ଫେରାଇ ଆଣିଛି। ସିସିଟିଭି ଫୁଟେଜ୍‌ରେ ଦେଖାଯାଉଛି ଯେ ମିନିଟ୍ରକ୍‌ଟି କ୍ଷିପ୍ରଗତିରେ ଆସି ବାଇକ୍‌କୁ ଧକ୍କା ଦେଇଛି। ଏହି ବାଇକ୍‌ରେ ସାନୁ ଓ ଶ୍ରୀକାନ୍ତ ବସିଥିଲେ। ଇଡ୍‌କୋ ଏବଂ ସରକାରୀ ଜମି ଅକ୍ତିଆରକୁ ନେଇ ସାନୁ ଓ ଚିତ୍ତରଞ୍ଜନଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା। କିଛିଦିନ ପୂର୍ବରୁ ସାନୁଙ୍କ ବଡ଼ଭାଇ ମଧ୍ୟ ସମାନ ଷ୍ଟାଇଲରେ ଦୁର୍ଘଟଣାରେ ଆହତ ହୋଇଥିଲେ। ଏହା ମଧ୍ୟ ହତ୍ୟା ଷଡଯନ୍ତ୍ର ଥିଲା ବୋଲି ଚର୍ଚ୍ଚା ଜୋର ଧରିଛି। ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ପଚାରିବାରୁ ଆର୍‌ଟିଓ ଅଫିସ ଦୁର୍ଘଟଣା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ପୋଲିସ ହେପାଜତରେ ଏକ ନର୍ସିଂହୋମ୍‌ର ରଖି ଚିକିତ୍ସା କରୁଛି। ଅନ୍ୟ ଦୁଇ ସନ୍ଦିଗ୍ଧଙ୍କୁ ଏ ନେଇ ପଚରାଉଚରା କରାଯାଉଛି ବୋଲି କହିଛନ୍ତି।

ସିସିଟିଭି ଫୁଟେଜ୍‌ରେ କଏଦ ହୋଇଥିବା ଗାଡି ଚଢାଇ ଦେବା ସମୟର ଦୃଶ୍ୟ।

ଗାଡି ଚଢ଼ାଇବା ଥିଲା ସୁପରିକଳ୍ପିତ

- **ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତିଙ୍କ ବିରୋଧରେ ହତ୍ୟା ମାମଲା**
- **ପୁରୁଣା ଶତ୍ରୁତା ନେଇଥିଲା ସାଂଘାତିକ ରୂପ**
- **ଟାର୍ଗେଟ୍‌ରେ ଥିଲେ ହୋଟେଲ ମାଲିକ**
- **୨ ସନ୍ଦିଗ୍ଧ ଅଟକ**

ପୋଖରୀରୁ ମୁଣ୍ଡବିହୀନ ମୃତଦେହ ଜବତ

ରାହାମା,୨୨।୫ (ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ସାଇଲୋ ପଞ୍ଚାୟତ ଅନ୍ତର୍ଗତ ଭରାଳ ଗ୍ରାମର ବିଚିତ୍ର କୁମାର ସ୍ୱାଇଁଙ୍କ ପୋଖରୀରୁ ରବିବାର ମୁଣ୍ଡବିହୀନ ମୃତଦେହ ମିଳିଛି। ପୋଖରୀରୁ ଦଳ ସଫା କରାଯାଉଥିବା ବେଳେ ଉକ୍ତ ମୃତଦେହ ଦେଖି ପୋଲିସରେ ଖବର ଦିଆଯାଇଥିଲା। ତିର୍ତ୍ତୋଲ ଆଇଆଇସି ଯୁଗଳ କିଶୋର ଦାସ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ମୃତଦେହ ପଚିଶଢି ଯାଇଥିବାରୁ ପରିଚୟ ମିଳିପାରିନାହିଁ। ପୋଖରୀରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏହି ମୃତଦେହ ପଡ଼ିଥିବା ଅନୁମାନ କରାଯାଉଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨)ରୁଜୁ କରି ତଦନ୍ତ ଚଳାଇଛି।

ଏଏସ୍‌ଆଇ ଅଜାଣତରେ ...

କରାଇବା। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଏଏସ୍‌ଆଇର ବିନା ଉପସ୍ଥିତିରେ ରାତିଅଧିଆ ଜିପିଆରଏସ୍ କାର୍ଯ୍ୟକାରୀ କରାଇ ପ୍ରଶାସନ କ'ଣ ଲୁଚାଇବାକୁ ଚାହୁଁଛି। ସେହିଭଳି ଶନିବାର ରାତିରେ ହୋଇଥିବା ଜିପିଆରଏସ୍ ଶ୍ରୀମନ୍ଦିର ମେଘନାଦ ପ୍ରାଚୀରର ଅତି ନିକଟ ଅଞ୍ଚଳରେ ହେଉଥିଲା। ଖନନସ୍ଥଳ ପାଖରେ ଜିପିଆରଏସ୍ କରାଯାଇନାହିଁ। ଏନେଇ ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ଜିପିଆର୍‌ଏସ୍ ନ କରି ରାଜ୍ୟ ସରକାର ବିରାଟ ଖନନ କରିସାରିଛନ୍ତି। ଏବେ ଜିପିଆରଏସ୍ କେବଳ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବା ଉଦ୍ଦେଶ୍ୟରେ କରାଯାଉଛି। ସରକାର ଐତିହ୍ୟ ଓ କୀର୍ତ୍ତିରାଜି ପ୍ରତି ଚିନ୍ତିତ ଥିଲେ ପ୍ରଥମେ ଜିପିଆର୍‌ଏସ୍ କରିଥାଆନ୍ତେ। ସେହିପରି ସୂଚନା ଅଧିକାର କର୍ମୀ ତଥା ହାଇକୋର୍ଟରେ ଏ ସମ୍ପର୍କିତ ଆବେଦନ କରିଥିବା ଦିଲୀପ ବରାଳ କହିଛନ୍ତି, ଏଭଳି ରାତିଅଧରେ ଜିପିଆର୍‌ଏସ୍ ଯୋଗୁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପଦାରେ ପଡ଼ିଛି। ସମ୍ପ୍ରତି କରାଯାଉଥିବା ସର୍ଭେରେ ଶ୍ରୀମନ୍ଦିର ଚୌହଦିର ନିର୍ମାଣସ୍ଥଳୀରେ କୌଣସି ଗୁରୁତ୍ୱପୂର୍ଣ୍ଣ ଓ ଐତିହ୍ୟସମ୍ପନ୍ନ କୀର୍ତ୍ତିରାଜିର ସନ୍ଧାନ ମିଳିଲେ କ'ଣ କରାଯିବ। ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଦିଗରେ ସରକାର ଆଦୌ ଚିନ୍ତିତ ନୁହନ୍ତି। ହାଇକୋର୍ଟରେ ଆସନ୍ତା ଦିନରେ ସତ୍ୟପାଠ କରିବାକୁ ଥିବାରୁ ପ୍ରଶାସନ କୌଶଳକ୍ରମେ ଜିପିଆର୍‌ଏସ୍ କରି ଏହାକୁ ପ୍ରକଳ୍ପ କାର୍ଯ୍ୟ ପୂର୍ବର ସର୍ଭେ ବୋଲି କହିବାକୁ ପ୍ରୟାସ କରୁଛି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଜିଲା ପ୍ରଶାସନ, ଓବିସିସି କିମ୍ବା ଟାଟା କମ୍ପାନୀ କେହି ମୁହଁ ଖୋଲୁନାହାନ୍ତି।

ସାନି ଜିପିଆର୍‌ଏସ୍ ଚାଲିଛି: ଓବିସିସି

ପୁରୀ ଅଫିସ,୨୨।୫: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପାଇଁ ଖନନସ୍ଥଳରେ ରାତିଅଧରେ ଜିପିଆର୍‌ଏସ୍ ନେଇ ସାଧାରଣରେ ପ୍ରଶ୍ନ ଉଠିବା ସହ ରାଜନୀତି ତେଜିବା ପରେ ଶେଷରେ ରବିବାର ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍‌ଶନ କର୍ପୋରେଶନ (ଓବିସିସି) ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପୁରୀ ଓବିସିସି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ପ୍ରକଳ୍ପ କାର୍ଯ୍ୟ ପାଇଁ ପୂର୍ବରୁ ଜିପିଆର୍‌ଏସ୍ କରାଯାଇଥିଲା। ଆହୁରି ଭଲ ପ୍ରଦର୍ଶନ ପାଇଁ ସାନି ଜିପିଆରଏସ୍ କରାଯାଉଛି। ଗାନ୍ଧୀନଗର ଆଇଆଇଟିକୁ ଏହି ଦାୟିତ୍ୱ ହସ୍ତାନ୍ତର ହୋଇଛି। ଆହୁରି ୨ଦିନ କାର୍ଯ୍ୟ ଚାଲିବ। ଆଇଆଇଟି ଦେଶର ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ ହୋଇଥିବାରୁ ପ୍ରକଳ୍ପ କାର୍ଯ୍ୟରେ ଏହି ସଂସ୍ଥାକୁ ନିୟୋଜିତ କରାଯାଇଛି। ତେବେ ବିଳମ୍ବିତ ରାତ୍ରରେ କାର୍ଯ୍ୟ କରିବାକୁ ଆମେ ବାଧ୍ୟ। ଦିନବେଳା ଶ୍ରୀମନ୍ଦିର ଚାରିପାଖରେ ପ୍ରବଳ ଗହଳି ରହୁଛି। ଏଭଳି ସ୍ଥିତିରେ ଜିପିଆରଏସ୍ କରିବା ସମ୍ଭବପର ନୁହେଁ। ଏଣୁ ରାତ୍ର ସମୟରେ ସର୍ଭେ କରାଯାଉଛି। କାମ ସରିବାର ୧୦ ଦିନ ମଧ୍ୟରେ ଏ ସଂକ୍ରାନ୍ତ ରିପୋର୍ଟ ଓବିସିସିର ହସ୍ତଗତ ହେବ। ରିପୋର୍ଟ କମ୍ପ୍ୟୁଟରାଇଜଡ୍ ହୋଇଥିବାରୁ ଠିକ ରିପୋର୍ଟ ମିଳିପାରିବ ବୋଲି ଓବିସିସି ପକ୍ଷରୁ କୁହାଯାଇଛି।

ପ୍ରକଳ୍ପ ସମ୍ପର୍କରେ ...

ସୁରକ୍ଷାକୁ ନେଇ ପ୍ରଶ୍ନ କଲେ କୁହାଯାଉଛି, ଶଙ୍କରାଚାର୍ଯ୍ୟ ବିକାଶକୁ ବିରୋଧ କରୁଛନ୍ତି। ଜନତା ମୌନ ରହୁଛନ୍ତି। ତପୋଭୂମିକୁ ଭୋଗଭୂମିରେ ପରିଣତ କରିବା ଶାସନତନ୍ତ୍ରର ଅଭ୍ୟାସ। ପୁରୀକୁ ତୀର୍ଥକ୍ଷେତ୍ର ନୁହେଁ ପର୍ଯ୍ୟଟନକ୍ଷେତ୍ର କରାଯାଉଛି। ଶ୍ରୀମନ୍ଦିର କୌଣସି ନିର୍ମାଣର ଆଡୁଆଳରେ ନ ରହୁ। ଶ୍ରୀମନ୍ଦିର ମରାମତି ହେବାରେ ଅସୁବିଧା ନାହିଁ, ମାତ୍ର ସୁରକ୍ଷା ଦୃଷ୍ଟିକୋଣରୁ ବଡ଼ ନିର୍ମାଣ ହେବା ଉଚିତ୍ ନୁହେଁ। ୨୫ବର୍ଷ ତଳେ ଶ୍ରୀମନ୍ଦିର ମରାମତି ହୋଇଥିଲା, ସେସମୟରେ ମୁଁ ହିଁ ପ୍ରଶ୍ନ ଉଠାଇଥିଲି। ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ପ୍ରକାର ନିଷ୍ପତ୍ତି ପୂର୍ବରୁ ମୋତେ ପଚରାଯିବା ଦରକାର। ମୁଁ ଆଖି ବନ୍ଦ କରି କୌଣସି ନିଷ୍ପତ୍ତି ନିଏ ନାହିଁ। ବିଶେଷଜ୍ଞଙ୍କ ପରାମର୍ଶ ନେଇ ସବୁ ନିଷ୍ପତ୍ତି କରାଯିବା ଉଚିତ୍। ସେହିଭଳି ମୁଁ କୌଣସି ରାଜନୈତିକ ଦଳର ନୁହେଁ, ଏଣୁ ଆଖି ବନ୍ଦ କରି ସରକାରଙ୍କୁ ସମର୍ଥନ କରିବାର ପ୍ରଶ୍ନ ଉଠୁନାହିଁ। ନା ସମର୍ଥନ କରାଯିବ ନା ବିରୋଧ କରାଯିବ, ଶ୍ରୀମନ୍ଦିର ପାଇଁ ଯାହା ଠିକ୍ ତାହାକୁ ସମର୍ଥନ ରହିବ। ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କରେ ବିଶେଷଜ୍ଞମାନେ ଅଧିକ ଭଲ ଭାବେ କହିପାରିବେ। ବିଶେଷଜ୍ଞମାନଙ୍କ କଥା ଶୁଣିବା ପରେ ସ୍ପଷ୍ଟ ଭାବେ ଏସମ୍ପର୍କରେ କୁହାଯାଇପାରିବ। ତେବେ ଧର୍ମଶାସ୍ତ୍ରରେ ମଧ୍ୟ ମନ୍ଦିର ଚାରିପାଖର ପରିବେଶ କିଭଳି ହେବ ସେ ସମ୍ପର୍କରେ ଉଲ୍ଲେଖ ରହିଛି। ଶୁକ୍ରନୀତି ନାମକ ପୁସ୍ତକରେ ଶ୍ରୀମନ୍ଦିର ଚାରିପାଖର ପରିବେଶ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଛି। ବିଶେଷଜ୍ଞମାନେ ଧାର୍ମିକ ବ୍ୟାପାର ସମ୍ପର୍କର ଜ୍ଞାନ ରଖିନାହାନ୍ତି। ଏଣୁ ଧାର୍ମିକ ହସ୍ତକ୍ଷେପ ନ ରହିଲେ ଧାର୍ମିକ ପରିବେଶ ସୃଷ୍ଟି ହୋଇପାରିବ ନାହିଁ। ତେବେ ଶ୍ରୀମନ୍ଦିର ଭିତ୍ତିଭୂମି ସୁରକ୍ଷିତ ରହୁ, ଶ୍ରୀମନ୍ଦିର କାହାରି ଆଡୁଆଳରେ ଲୁଚି ନ ଯାଉ, ଚାରିପାଖରେ ଖାଲି ଜାଗା ରହୁ ଓ ଆଧ୍ୟାତ୍ମିକ କ୍ଷେତ୍ର ଭାବେ ବିକଶିତ ହେଉ। ଏହି ସବୁ ଦିଗରେ ଧ୍ୟାନ ଦେଇ କାର୍ଯ୍ୟ କରାଯାଉ ବୋଲି ଶଙ୍କରାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ର ହ୍ରାସ ...

ଆଙ୍ଗୁଠି ଉଠାଇବା ଉଚିତ ନୁହେଁ ବୋଲି ଚିଦାମ୍ବରମ୍ ଟୁଇଟ କରି କହିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ କହିବା ହେଲା ଏକ୍ସାଇଜ୍ ଡ୍ୟୁଟିରେ ବେସିକ୍ ଏକ୍ସାଇଜ୍ ଡ୍ୟୁଟି(ବିଇଡି), ସ୍ପେଶାଲ ଆଡିଶନାଲ ଏକ୍ସାଇଜ୍ ଡ୍ୟୁଟି(ଏସ୍‌ଏଇଡି), ରୋଡ୍ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ସେସ୍(ଆର୍‌ଆଇସି) ଏବଂ ଏଗ୍ରିକଲ୍‌ଚର ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ସେସ୍(ଏଆଇଡିସି) ଅନ୍ତର୍ଭୁକ୍ତ। ବିଇଡି ମାଧ୍ୟମରେ ଯେଉଁ ରାଜସ୍ୱ ମିଳେ, ସେଥିରୁ ରାଜ୍ୟଗୁଡ଼ିକର ଅଂଶ ରହିଛି। ଶନିବାର କେନ୍ଦ୍ର ସରକାର ଯେଉଁ ଏକ୍ସାଇଜ୍ ଡ୍ୟୁଟି ହ୍ରାସ କରିଛନ୍ତି, ତାହା ଆର୍‌ଆଇସିରୁ ହ୍ରାସ କରାଯାଇଛି। ଫଳରେ ରାଜ୍ୟଗୁଡ଼ିକୁ ମିଳୁଥିବା ଅଂଶରେ କୌଣସି ପ୍ରଭାବ ପଡ଼ିବ ନାହିଁ। ତାହା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ରାଜସ୍ୱ ହ୍ରାସ ହେଉଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ଏକ ବିବୃତିରେ କହିଛନ୍ତି। ଏଥିସହ ରାଜ୍ୟ ସରକାରମାନଙ୍କୁ ପେଟ୍ରୋଲ, ଡିଜେଲ୍ ଉପରୁ ଭାଟ ହ୍ରାସ କରି ଜନସାଧାରଣଙ୍କୁ ଆଶ୍ୱସ୍ତି ଦେବାକୁ ଅନୁରୋଧ କରିଛନ୍ତି। ଗତ ନଭେମ୍ବର ୩ରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଯଥାକ୍ରମେ ୫ ଏବଂ ୧୦ଟଙ୍କା ହ୍ରାସ କରିବା ପରେ ଓଡ଼ିଶା ସମେତ ୮ରୁ ଊର୍ଦ୍ଧ୍ୱ ରାଜ୍ୟ ଭାଟ୍ କମାଇଥିଲେ। ଫଳରେ ଲୋକଙ୍କୁ କିଛିଟା ଆଶ୍ୱସ୍ତି ଦେଇଥିଲା। ହେଲେ ଏବେ ଭାଟ୍ ହ୍ରାସ କଲେ ଅଧିକ ରାଜସ୍ୱ ଭାର ପଡ଼ିବାର ଆଶଙ୍କା କରି ରାଜ୍ୟଗୁଡ଼ିକ ପଛଘୁଞ୍ଚା ଦେଉଛନ୍ତି।

ପ୍ରଥମ ପୃଷ୍ଠାରୁ...

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜି କର୍ମାଧ୍ୟକ୍ଷଙ୍କ ସହିତ ଚନ୍ଦ୍ରଙ୍କ ସଂଯୋଗ ହେତୁ ସାମାଜିକ ସ୍ତରରେ ସମ୍ମାନିତ ହେବେ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

ବୃଷ

ପାପଗ୍ରହଙ୍କ ଚତୁର୍ଥଭାବପ୍ରତି ଦୃଷ୍ଟି ପ୍ରଭାବରେ ପାରିବାରିକ ସ୍ଥିତି ଚିନ୍ତାଜନକ ହୋଇପାରେ। ହାତକୁ ନେଇଥିବା କାମ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଘର ସକାଶେ, ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବର ପରିବର୍ତ୍ତନ ଯୋଗୁ ଖୁସି ରହିବେ।

ମିଥୁନ

ଆଜି ଯାହା ନିଷ୍ପତ୍ତି ନେବେ ଶେଷ ସମୟରେ ଅନ୍ୟମାନଙ୍କ ବିରୋଧ କାରଣରୁ ଓଲଟ ପାଲଟ ହୋଇଯିବ। ମିତ୍ରମାନେ ପୂର୍ବ ଶତ୍ରୁତା କଥା ସ୍ମରଣ କରି ମତ ବଦଳାଇ ଅସହଯୋଗ କରିବେ। ପୁନର୍ବସୁ ନକ୍ଷତ୍ରର ବନ୍ଧୁ ମିଳନ ସହିତ ଆମୋଦ ପ୍ରମୋଦର ସୁଅ ଛୁଟିବ। କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଫଳ ପାଇପାରନ୍ତି।

କର୍କଟ

ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ପୁଷ୍ୟା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବା ଯୋଗୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ବନ୍ଧୁ ପରିଜନଙ୍କ ସହ କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହେବେ।

ସିଂହ

କର୍ମକ୍ଷେତ୍ରର ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିପାରେ। ଆଜି ଆପଣ ଯାହା ପାଇବେ ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

କନ୍ୟା

ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ହୋଇପାରେ। ଆନୁଷ୍ଠାନିକ ବନ୍ଧୁମିଳନ ସମୟରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ।

ତୁଳା

କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବାର ସୂଚନା ପାଇବେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇ ପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

ବିଛା

ଅନୁକୂଳ ଗ୍ରହଯୋଗରୁ ପ୍ରତ୍ୟେକ ଅସ୍ୱସ୍ତିକର ପରିସ୍ଥିତି ସୁଧୁରି ଯିବ। କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସିଆଲି କାମରେ ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

ଧନୁ

କେତେକ ନୂତନ କାମର ପରିକଳ୍ପନା କରିବା ସାଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ କ୍ଷେତ୍ର ଭଲ ରହିବ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

ମକର

ସହାନୁଭୂତି ଦେଖାଇ ନିକଟ ସମ୍ପର୍କୀୟମାନେ ପାଖେଇ ଆସିବେ। ଅତି ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ପାରିବାରିକ କ୍ଷେତ୍ରରେ ଟେନସନ୍ କିଛିମାତ୍ରାରେ କମିଯିବା ସାଙ୍ଗକୁ ମାଙ୍ଗଳିକ କାମରୁ ଖୁସି ରହିବେ। ଆଲୋଚନା ପରିସରରେ ବିତର୍କ ଜନିତ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

କୁମ୍ଭ

ପରିବାରର ବାରଣକୁ ନ ମାନି କୌଣସି କାମରେ ଆଗଭର ହେବା ଠି

୬୪୫ କୋଟିରୁ ଅଧିକ ଆୟ କରିଛି ପିଏନ୍‌ବି

ନୂଆଦିଲ୍ଲୀ: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଗତ ଆର୍ଥିକ ବର୍ଷରେ ଗ୍ରାହକଙ୍କଠାରୁ ଏଟିଏମ୍ କାରବାର ଶୁଳ୍କ ବାବଦରେ ୬୪୫ କୋଟିରୁ ଅଧିକ ଟଙ୍କା ଆଦାୟ କରିଛି। ଜଣେ ସୂଚନାଧିକାରୀ କର୍ମୀ ସୂଚନା ଅଧିକାର ଆଇନ ବଳରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ସମ୍ପୃକ୍ତ ବ୍ୟାଙ୍କ ମୁଖ୍ୟାଳୟଠାରୁ ଆବଶ୍ୟକ ସୂଚନା ପ୍ରଦାନ ପାଇଁ ଆବେଦନ କରିଥିଲେ। ଉକ୍ତ ସୂଚନା ଅନୁସାରେ ପିଏନବି ତା'ର ଏଟିଏମ୍ କାରବାର ଆଦିରୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୬୪୫.୬୭ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଥିଲା ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଅଧିକାର (ଆରଟିଆଇ) ଅଧିନିୟମ ଅନୁଯାୟୀ ସୂଚନା ପ୍ରଦାନ କରିଛନ୍ତି।

ଏନ୍‌ଆଇଏଫ୍‌ଟି ପରୀକ୍ଷା ସର୍ବଭାରତୀୟ ସ୍ତରରେ କୋରାପୁଟ ଝିଅ ଅନ୍ୱେଷା ଅର୍ପିତା

କୋରାପୁଟ,୨୨।୫(ସ୍ୱ.ପ୍ର.): ଏନ୍‌ଆଇଏଫ୍‌ଟି (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେଶନ ଟେକ୍ନୋଲୋଜି) ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୬୨ତମ ର୍ୟାଙ୍କ ପାଇଛନ୍ତି କୋରାପୁଟ ଝିଅ ଅନ୍ୱେଷା ଅର୍ପିତା ପାତ୍ର। ଏନେଇ ଅନ୍ୱେଶାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ଅନ୍ୱେଷା ଏହି ସଫଳତାର ଶ୍ରେୟ ବାପା ଅଞ୍ଜନ କୁମାର ପାତ୍ର ଓ ମା' ରଶ୍ମିତା

ବେହେରାଙ୍କୁ ଦେଇଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟରୁ ଯୁକ୍ତ ୨ ଶେଷ କରିବା ପରେ ଅନ୍ୱେଷା ଭୁବନେଶ୍ୱରସ୍ଥିତ ଏକାଡେମୀ ଅଫ୍ ଫ୍ୟାଶନ ଆଣ୍ଡ ଆର୍ଟ (ଏଏଫଏ)ରେ କୋଚିଂ ନେଉଥିଲେ। ଡ୍ରଇଂ, ପେଣ୍ଟିଂ, ଆଙ୍କ୍ଟି, ମେକ୍‌ଅପ ଆଦିରେ ରୁଚି ରଖିଥିବା ଅନ୍ୱେଷା ଭବିଷ୍ୟତରେ ଫ୍ୟାଶନ ଉପରେ ଅଧିକ ପଢିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

'ମଣିଷ ବଞ୍ଚିବା ପାଇଁ ଜୈବବିବିଧତାର ସଂରକ୍ଷଣ ଜରୁରୀ'

ଓଡ଼ିଶାର ଜୈବବିବିଧତା ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଅନ୍ତର୍ଜାତୀୟ ଜୈବବିବିଧତା ଦିବସ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ମଣିଷ ସମାଜ ପାଇଁ ସମଗ୍ର ଜୀବଜଗତ ବିପଦ ମଧ୍ୟକୁ ଟାଣି ହୋଇଆସୁଛି। ଆମେ ହେଉଛୁ ସୃଷ୍ଟିର ଗୋଟିଏ ଅଂଶ ଓ ଆମ ପାଇଁ ସୃଷ୍ଟି ରହି ନାହିଁ। ଜୈବବିବିଧତାର ସଂରକ୍ଷଣ ଓ ସୁରକ୍ଷା ବଳରେ ଆମେ ନିଜେ ହିଁ ନିଜକୁ ବଞ୍ଚାଇବାକୁ ପଡ଼ିବ ବୋଲି ଜଙ୍ଗଲ ମନ୍ତ୍ରଣାଳୟର ପୂର୍ବତନ ମହାନିର୍ଦ୍ଦେଶକ ତଥା ଓରେରା ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ କହିଛନ୍ତି। ଶନିବାର ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଇମେଜ୍ ପରିସରରେ ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିଦ୍ଧାନ୍ତ କହିଲେ, ଆମର ସ୍ୱାର୍ଥ ପାଇଁ ଜୈବବିବିଧତାର ସଂରକ୍ଷଣ ନିତାନ୍ତ ଆବଶ୍ୟକ। ଏହାକୁ ହୃଦୟଙ୍ଗମ କରି ଏ ଦିଗରେ ସଂକଳ୍ପ ନେବାକୁ ପଡ଼ିବ ବୋଲି ସେ ଆହ୍ୱାନ ଦେଇଛନ୍ତି।

ପୂର୍ବତନ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ କହିଲେ, ଖାଦ୍ୟଠାରୁ ଆରମ୍ଭ କରି ପାଣି, ପବନ ପର୍ଯ୍ୟନ୍ତ ମଣିଷର ସମସ୍ତ ଆବଶ୍ୟକତା ଜୈବବିବିଧତାରୁ ମିଳିଥାଏ। ତେଣୁ ଜଳବାୟୁ ପରିବର୍ତ୍ତନ ହେଉଛି ଜୈବବିବିଧତା ପାଇଁ ବଡ଼ ବିପଦ। ଓଡ଼ିଶା ଜୈବବିବିଧତାରେ ସମୃଦ୍ଧ। ତେଣୁ ତା'ର ସଂରକ୍ଷଣ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି। ବୋର୍ଡ ଅଧ୍ୟକ୍ଷ ରାଜୀବ କୁମାର କହିଲେ, ଭାରତରେ ଦେଖାଯାଉଥିବା ୧୬ ପ୍ରକାରର ପ୍ରମୁଖ ଜଙ୍ଗଲ ମଧ୍ୟରୁ ୫ ପ୍ରକାର ଓଡ଼ିଶାରେ ଦେଖାଯାଏ। ଜୈବବିବିଧତାର ସଂରକ୍ଷଣ ଓ ସୁରକ୍ଷା ପାଇଁ ରାଜ୍ୟ ସରକାର ୧୯ ବନ୍ୟପ୍ରାଣୀ ଅଭୟାରଣ୍ୟ ସହିତ ଗୋଟିଏ ଜାତୀୟ ଉଦ୍ୟାନ, ପ୍ରସ୍ତାବିତ ଜାତୀୟ ଉଦ୍ୟାନ, ଜୈବମଣ୍ଡଳ ଏବଂ ଦୁଇଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟରେ ୫୧୭୪ ପ୍ରଜାତିର ଉଦ୍ଭିଦ ଚିହ୍ନଟ ଓ ନାମକରଣ କରାଯାଇଥିବାବେଳେ ୨୮ ସ୍ଥାନୀୟ ପ୍ରଜାତି ଓ ୧୫୭ଟି ବିଲୁପ୍ତପ୍ରାୟ ପ୍ରଜାତି ଉଦ୍ଭିଦ ରହିଥିବା ରାଜୀବ କୁମାର ସୂଚନା ଦେଇଛନ୍ତି।

ଏହି ଅବସରରେ ଓଡ଼ିଶାର ଜୈବବିବିଧତା ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର, ଦେବୀ ମୁହାଣର ସମୁଦ୍ର କଙ୍କଡ଼ା ସମ୍ପର୍କିତ ଏକ ପୁସ୍ତିକା ଏବଂ ବନ୍ୟଜନ୍ତୁ ପରିଚାଳନା ପାଇଁ ମାର୍ଗଦର୍ଶିକା ଉନ୍ମୋଚିତ ହୋଇଥିଲା। ସେହିପରି ରାଜ୍ୟର ୧୦ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ପଣ୍ଡା, ପିସିସିଏଫ୍(ବନ୍ୟପ୍ରାଣୀ) ଶଶି ପଲ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ଜୈବବିବିଧତାର ସ୍ଥିତି ଉପରେ ଆଲୋକପାତ କରିଥିଲେ। ବୋର୍ଡ ସଦସ୍ୟସଚିବ ନୀହାର ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

ୟୁଜିସି ଏନ୍‌ଇଟି: ଆବେଦନ ଫର୍ମରେ ଏଡିଟ୍ କରିପାରିବେ ଛାତ୍ରୀଛାତ୍ର

UGC-NET

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ୟୁଜିସି ଏନ୍‌ଇଟି ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କୁ ଫର୍ମ ଏଡିଟ୍ ବା ପରିବର୍ତ୍ତନ କରିବା ଲାଗି ସୁଯୋଗ ଦିଆଯାଇଛି। ଛାତ୍ରୀଛାତ୍ରମାନେ ନିଜ ଅନ୍‌ଲାଇନ୍ ଆବେଦନ ଫର୍ମକୁ ପରିବର୍ତ୍ତନ କରିପାରିବେ। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ugcnet.nta.nic.inରେ ଲଗ୍ ଇନ୍ କରି ନିଜ ଫର୍ମରେ ପରିବର୍ତ୍ତନ ତଥା ଏଡିଟ୍ କରିବାକୁ ପଡ଼ିବ। ଏନେଇ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ୟୁଜିସି ଏନ୍‌ଇଟି ଡିସେମ୍ବର ୨୦୨୧ ଓ ଜୁନ୍ ୨୦୨୨ ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ସୁଯୋଗ ମିଳିବ। ତେବେ ୨୩ ତାରିଖ ରାତି ୯ଟା ସୁଦ୍ଧା ଛାତ୍ରୀଛାତ୍ରମାନେ ଆବେଦନ ଫର୍ମକୁ ଏଡିଟ୍ କରିପାରିବେ ବୋଲି ୟୁଜିସି ପକ୍ଷରୁ କୁହାଯାଇଛି।

'ଶିଳ୍ପ ବାତାବରଣକୁ ରୂପାନ୍ତରିତ କରିଛି ଓସିସିଏଲ୍'

ଓଡ଼ିଶା ନିର୍ମାଣ ନିଗମର ପ୍ରତିଷ୍ଠା ଦିବସ

■ ୪୫୦ କୋଟିର ୧୮ ପ୍ରକଳ୍ପ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍)ର ୬୦ତମ ପ୍ରତିଷ୍ଠା ଦିବସ ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନ୍ ସେଣ୍ଟରରେ ପାଳିତ ହୋଇଯାଇଛି। ଆଧୁନିକ ଓଡ଼ିଶା ନିର୍ମାଣରେ ଓସିସିଏଲ୍‌ର ଅବଦାନ ଓ ପ୍ରମୁଖ ଭୂମିକାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ଉଚ୍ଚପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୬୦ ବର୍ଷରେ ଏହା ଜଳ ବିଦ୍ୟୁତ୍, ଜଳସେଚନ, ତାପଜ ବିଦ୍ୟୁତ୍, ଶିଳ୍ପାୟନ, ବନ୍ଦର, ରେଳ ଏବଂ ଇନ୍‌ଷ୍ଟିଚ୍ୟୁଶନାଲ ବିଲ୍ଡିଂ ଭଳି ବହୁ ପ୍ରମୁଖ ପ୍ରକଳ୍ପ ହାତକୁ ନେଇଛି। ଏହି ପ୍ରକଳ୍ପଗୁଡ଼ିକରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଏହାସହ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଜଳ, ବିଦ୍ୟୁତ୍ ଏବଂ ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣିଛି। ଓସିସିଏଲ୍ ରାଜ୍ୟର ସାମାଜିକ-ଅର୍ଥନୈତିକ ଓ ଶିଳ୍ପ ବାତାବରଣକୁ ରୂପାନ୍ତରିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓସିସିଏଲ୍ ଗଠନରେ ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ସ୍ମରଣ କରି ସେ କହିଲେ, ବହୁ ପ୍ରତିଷ୍ଠିତ ପ୍ରତିଷ୍ଠାନ ଭଳି ୧୯୬୨ ମେ' ୨୨ରେ ରାଜ୍ୟର ଏହି ପିଏସ୍‌ୟୁ ଦୂରଦର୍ଶୀ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ୫-ଟି ଉପକ୍ରମ ଆପଣାଇବା ସହ ଏକବିଂଶ ଶତାବ୍ଦୀରେ ଓଡ଼ିଶାର ରୂପାନ୍ତରଣ ଦିଗରେ ଏହି ନିଗମ ଅଧିକ ଦକ୍ଷତା ଏବଂ ବୃତ୍ତିଗତତା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୫୦ କୋଟି ଟଙ୍କାର ୧୮ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହାସହ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ରାଜ୍ୟର ଜଳସେଚନ ଭିତ୍ତିଭୂମିର ଉନ୍ନତି ଆଣିବାରେ ପିଏସ୍‌ୟୁର ଭୂମିକା ଉପରେ ଆଲୋକପାତ କରିଥିଲେ। ପରେ ମନ୍ତ୍ରୀ ଦାସ ଓସିସିଏଲ୍‌ର ଲାଭାଂଶ ସ୍ୱରୂପ ୧୪.୭୫ କୋଟି ଟଙ୍କାର ଚେକ୍ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓସିସିଏଲ୍‌ର ଅଧ୍ୟକ୍ଷା ଅନୁ ଗର୍ଗ ଏବଂ ଓସିସିଏଲ୍ ଏମ୍‌ଡି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ବଜ୍ରପାତରେ ୨ ମୃତ, ୪ ଆହତ

ବାଲୁଗାଁ/ନିରାକାରପୁର/ଟାଙ୍ଗୀ/ ଆନନ୍ଦପୁର, ୨୨।୫ (ଡି.ଏନ୍.ଏ./ସ୍ୱ.ପ୍ର.)

କାଳବୈଶାଖୀ ପ୍ରଭାବରେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ନଈରୀ ଗ୍ରାମର ମତ୍ସ୍ୟଜୀବୀ ନାରାୟଣ ବେହେରା(୫୭) ଓ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ହରଡ଼ଭୋଳ ଗ୍ରାମର ପାଲ ଦିଗି(୧୨)। ରବିବାର ପ୍ରତିକୂଳ ପାଗ ଯୋଗୁ ନାରାୟଣ ମାଛ ମାରିବାକୁ ଯାଇନପାରି ଗ୍ରାମ ନିକଟ ଚିଲିକା ଘାଟକୁ ମାଛ କିଣିବା ପାଇଁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ନାରାୟଣଙ୍କ ସମେତ ୩ଜଣ ଆହତ ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନାରାୟଣଙ୍କୁ ମୃତ ଘୋଷଣା କରିଥିଲେ। ନାରୁଣୀ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଦାବି ହୋଇଛି। ସେହିପରି ହରଡ଼ଭୋଳ ଗ୍ରାମର ଦିଗି ଘର ବାରଣ୍ଡାରେ ଖାଉଥିବା ବେଳେ ବଜ୍ରାଘାତରେ ଦିଗି ପ୍ରାଣ ହରାଇଥିବା ବେଳେ ବଣିଆଯୋଡ଼ି ଗ୍ରାମରେ ବଜ୍ରପାତ ଘଟି ୨ଜଣ ଆହତ ହୋଇଛନ୍ତି।

ବାଣ ବିସ୍ଫୋରଣରେ ୪ ନାବାଳକ ଗୁରୁତର

ତିର୍ତ୍ତୋଲ, ୨୨।୫ (ଡି.ଏନ୍.ଏ.)

ଚନ୍ଦନଯାତ୍ରା ଶୋଭାଯାତ୍ରା ପରେ ଅଘଟଣ

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ କନକପୁର ଗ୍ରାମରେ ରବିବାର ଚନ୍ଦନଯାତ୍ରା ଶୋଭାଯାତ୍ରା ପରେ ଏକ ଅଘଟଣ ଘଟିଛି। ୪ ନାବାଳକ ବାଣ ବିସ୍ଫୋରଣରେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ବଳରାମ ନାୟକ (୧୧), ଚୁବୁଲ ମହାରଣା (୧୧), କାହ୍ନା ମହାରଣା (୧୪) ଏବଂ ସାହିଲ ମହାରଣା (୪)। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

କନକପୁର ଗ୍ରାମରେ ଅପରାହ୍ନରେ ଚନ୍ଦନ ଯାତ୍ରା ପାଇଁ ଶୋଭାଯାତ୍ରା ହୋଇଥିଲା। ଏହି ସମୟରେ ବାଣ ଫୁଟାଯାଇଥିଲା। ସେଥିରୁ କିଛି ବାଣ ଦରଫୁଟା ରହିଯାଇଥିଲା। କିଛି ପିଲା ସେଗୁଡ଼ିକୁ ଗୋଟାଇ ଅଗ୍ନି ସଂଯୋଗ କରିଥିଲେ। ସେଥିରୁ ଗୋଟିଏ ବାଣ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫୁଟିବାରୁ ଉପରୋକ୍ତ ନାବାଳକମାନେ ବାଣ ପାଖକୁ ଯାଇ ନଇଁ ପଡ଼ି ଦେଖିଥିଲେ। ଏହି ସମୟରେ ହଠାତ୍ ବାଣଟି ବିସ୍ଫୋରଣ ହେବାରୁ ସେମାନେ ଗୁରୁତର ହୋଇଥିଲେ।

ସ୍ମାର୍ଟ ସ୍କୁଲ୍ ପରିସରରେ ବୋମା

■ ପୋଲିସ ଆସିବା ଆଗରୁ ପୋଖରୀରେ ଫିଙ୍ଗିଦେଲେ ଲୋକେ

■ ଘଟଣା ଚପାଇ ଦେବାକୁ ଉଦ୍ୟମ, ତଦନ୍ତ ଦାବି

ରସୁଲପୁର,୨୨।୫(ଡି.ଏନ.ଏ.)

୫-ଟି ରୂପାନ୍ତରଣ ପ୍ରକ୍ରିୟାରେ ସ୍ମାର୍ଟ ସ୍କୁଲ୍ ହୋଇଥିବା ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ କଳଣ ପଞ୍ଚାୟତର ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ରବିବାର ପୂର୍ବାହ୍ନରେ ଏକ ବୋମା ଠାବ କରାଯାଇଛି। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ବୋମାକୁ ନିଷ୍କ୍ରିୟ କରି ଦିଆଯିବାକୁ ସଫଳ ପ୍ରୟାସ କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୋଲିସ ଅତି ହାଲୁକା ଭାବେ ନେଇଥିବା ମନେ ହେଉଛି। ତେବେ ବିଦ୍ୟାଳୟ ପରିସରକୁ ବୋମା କିପରି ଆସିଲା ତା'ର ତଦନ୍ତ ହେଉ

ବିଦ୍ୟାଳୟ ପରିସରେ ପଡ଼ିଥିବା ବୋମା।

ବୋଲି ଦାବି ହେଉଛି। ଉକ୍ତ ଘଟଣାକୁ ନେଇ ଅଞ୍ଚଳରେ ଆଲୋଚନା ଜୋର୍ ଧରିଛି।

ବିଦ୍ୟାଳୟ କ୍ଲାସରୁମ୍ ପଛପଟ ଆମ୍ବଗଛ ମୂଳରେ ବୋମା ପଡ଼ିଥିବା ଦେଖିବାକୁ ପାଇଥିଲେ ବଗିଚା ଜଗୁଆଳ। ଏନେଇ ସେ ବିଦ୍ୟାଳୟ ପିଅନ ସୁଶାନ୍ତ ବାରିକଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ପିଅନ ଏହା ଦେଖିବା ସହ ପ୍ରଧାନଶିକ୍ଷକ କୁଶମଣି ପଣ୍ଡାଙ୍କୁ ଫୋନ ଯୋଗେ ଅବଗତ କରିଥିଲେ। ପ୍ରଧାନଶିକ୍ଷକ ମାଟ୍ରିକ ଖାତା ଦେଖା ଦାୟିତ୍ୱରେ ଥିବାରୁ ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମମତା ମହାନ୍ତିଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପିଅନ ବାରିକ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଫୋନ ଯୋଗେ ଅବଗତ କରାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ତେବେ ଏହି ସମୟ ମଧ୍ୟରେ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚିଲା ବେଳକୁ ବୋମାଟିକୁ କେତେଜଣ ଲୋକ ପାଣିରେ ପକାଇ ଦେଇଥିଲେ। ଫଳରେ ପୋଲିସ ସେଠାରୁ ଫେରି ଆସିଥିଲା। ତେବେ ପଡ଼ିଥିବା ବୋମାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କେହି ଏହାକୁ ବାହାଘରରେ ବ୍ୟବହୃତ ହେଉଥିବା ନଡ଼ିଆ ବମ୍ ବୋଲି କହୁଥିବା ବେଳେ ଅନ୍ୟ କେହି ଏହାକୁ ହାତ ବୋମା ବୋଲି କହୁଛନ୍ତି। ତେବେ ଏହି ବୋମାଟି କି ପ୍ରକାରର ଏବଂ ତାହା କେଉଁଠୁ ଆସିଲା ସେ ଦିଗରେ ତଦନ୍ତ କରାଗଲେ ସ୍ପଷ୍ଟ ହୋଇପାରିବ। ହେଲେ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ବୋମାଟି ପାଣିରେ ପକାଇ ଦିଆଯିବାକୁ ନେଇ ସନ୍ଦେହ ଘନୀଭୂତ ହେଉଛି। ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ଉକ୍ତ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଛି ବୋଲି ଆଲୋଚନା ହେଉଛି।

ପ୍ରକାଶଥାଉ କି, ଗତ କିଛି ବର୍ଷଧରି ବିଭିନ୍ନ ଘଟଣାବଳୀକୁ ନେଇ ଉକ୍ତ ବିଦ୍ୟାଳୟଟି ଚର୍ଚ୍ଚାରେ ରହି ଆସୁଛି। ଶିକ୍ଷକଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଛି। ଗତ ୧୧ ତାରିଖରେ ବିଦ୍ୟାଳୟରୁ ଚୋରି ହୋଇଥିଲା। ଚୋରି ଘଟଣାରେ ଶିକ୍ଷକଙ୍କ ଗୋଷ୍ଠୀ ବିବାଦ ସମ୍ପୃକ୍ତି ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏନେଇ ତଦନ୍ତ ଚାଲିଥିବା ବେଳେ ବିଦ୍ୟାଳୟପରିସରରୁ ବୋମା ମିଳିବା ଘଟଣାର ଗମ୍ଭୀରତାକୁ ବଢ଼ାଇ ଦେଇଛି। ତେବେ ପୋଲିସ ଏସବୁ ଦିଗପ୍ରତି ଧ୍ୟାନ ଦେଇ ତଦନ୍ତ କଲେ ଘଟଣା ପଛର ଅସଲ ରହସ୍ୟ ଉନ୍ମୋଚିତ ହୋଇପାରନ୍ତା ବୋଲି କୁହାଯାଉଛି। ଏନେଇ ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ପଚାରିବାରୁ ସେ ଖାତାଦେଖା ଦାୟିତ୍ୱରେ ଅଛନ୍ତି। ବିଦ୍ୟାଳୟରେ ବୋମା ପଡ଼ିଥିବା ଖବର ତାଙ୍କ ଷ୍ଟାଫ୍‌ଙ୍କଠାରୁ ଜାଣିବାକୁ ପାଇ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଜଣାଇବାକୁ ପରାମର୍ଶ ଦେଇଥିଲେ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ କୁଆଖିଆ ଥାନା ଅଧିକାରୀ ଶିବଚରଣ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ବୋମା ଠାବ ହୋଇଥିବା ସମ୍ପର୍କରେ ଅବଗତ ହୋଇ ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ମାତ୍ର ପୋଲିସ ପହଞ୍ଚିଲାବେଳକୁ ବୋମାଟିକୁ କେହି ପାଣିରେ ପକାଇ ଦେଇଥିଲେ। ତେଣୁ ପୋଲିସ ଫେରି ଆସିବାକୁ ବାଧ୍ୟ ହୋଇଥିଲା।

FORM No.- 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA.
O.A.NO. 216 OF 2019
Canara Bank - SME Mancheswar ...Applicant
Versus
Manmath Dash ...Defendant(s)
To,
MANMATH DASH, S/o.: Prasana Dash, At/PO.: Plot No.: LIG-90, Phase - 5, Dumduma Housing Board Colony, Bhubaneswar, Dist.: Khurda, PIN - 751019, Odisha (Defendant)
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an **O.A. No.- 216/2019** in the court of the Debts of Recovery Tribunal, Cuttack for recovery of **Rs.33,84,503.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **04.07.2022 at 10.30 a.m.** as to why reliefs prayed

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ

ବାଧରେ ନଇଁଛନ୍ତି

ଦେଶରେ ପେଟ୍ରୋଲ ଓ ଡିଜେଲର ଅହେତୁକ ମୂଲ୍ୟ ବୃଦ୍ଧିଜନିତ ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିଚାଲିଛି। ୨୦୨୨ ମେ' ୨୧ ସନ୍ଧ୍ୟାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଟୁଇଟ୍ କରିଥିଲେ, ସରକାର ପେଟ୍ରୋଲ ଉପରୁ ୮ ଟଙ୍କା ଓ ଡିଜେଲରେ ୬ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ଏହି ଟିକସ ହ୍ରାସ ଫଳରେ ପେଟ୍ରୋଲ ଦର ଲିଟର ପିଛା ୯.୫୦ ଓ ଡିଜେଲ ୭ ଟଙ୍କା କମିବ ବୋଲି ସେ ସୂଚନା ଦେଇଥିଲେ। ଅର୍ଥମନ୍ତ୍ରୀଙ୍କ ଏହି ଟୁଇଟ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରିଟୁଇଟ୍ କରିଥିଲେ। ଏହା ପରେ ଧର୍ମେନ୍ଦ୍ର ପ୍ରଧାନଙ୍କଠୁ ନେଇ ଏସ୍. ଜୟଶଙ୍କର, ରାଜନାଥ ସିଂ ଓ ଅମିତ୍ ଶାହାଙ୍କ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଏବଂ ଯୋଗୀ ଆଦିତ୍ୟ ନାଥ ଓ ଶିବରାଜ ସିଂ ଚୌହାନଙ୍କ ଭଳି ମୁଖ୍ୟମନ୍ତ୍ରୀମାନେ ଟୁଇଟ୍ କରି ଲେଖିଥିଲେ 'ଥ୍ୟାଙ୍କ ୟୁ ମୋଦି ଜୀ'। ଭାଜପାର ଏହି ନେତାମାନଙ୍କ ଟୁଇଟ୍‌କୁ ଦେଖି ମନେହେଲା ସତେଯେମିତି ମୋଦି ହିଁ ଏପରି ଜନ ମଙ୍ଗଳକାରୀ ଐତିହାସିକ ନିଷ୍ପତ୍ତି ନେଇପାରନ୍ତି।

୨୦୧୪ ମେ' ୨୬ ପୂର୍ବରୁ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ସବୁବେଳେ ପୂର୍ବ କେନ୍ଦ୍ର ସରକାରଙ୍କୁ ଆକ୍ରମଣ କରିଆସୁଥିଲେ। 'ଗାତର ଦୋଷ' ଗପ ଯେଉଁମାନେ ଶୁଣିଥିବେ, ସେମାନେ ମୋଦିଙ୍କ ପରିସ୍ଥିତି ଭଲଭାବେ ବୁଝିପାରୁଥିବେ। କାରଣ କେବଳ ତେଲ ଦର ବୃଦ୍ଧି ନୁହେଁ, ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସକୁ ନେଇ ମୋଦିଙ୍କ ପୂର୍ବ ମତ ଆଉ ତାଙ୍କୁ ମନେପଡୁ ନାହିଁ। ଇତିମଧ୍ୟରେ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ବାବଦକୁ ମୋଟ ୨୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିସାରିଛନ୍ତି। ଅପରପକ୍ଷେ ସୀତାରାମନ୍ କହିଛନ୍ତି ଯେ, ୨୧ ମେ'ରେ କରାଯାଇଥିବା ଶୁଳ୍କ ହ୍ରାସ ଦ୍ୱାରା କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କା ହରାଇବେ। ଏଥିରୁ ସାଧାରଣ ନାଗରିକ ଭାବିପାରନ୍ତି ଯେ, ଏହି ଶୁଳ୍କ ହ୍ରାସ ପରେ ଏବଂ ଆସନ୍ତା ୧୨ ମାସ ଭିତରେ ତେଲ ଦର ବୃଦ୍ଧି କରାଯିବ ନାହିଁ। ଅର୍ଥନୀତିରେ ଚାଲବାଜିର ସ୍ଥାନ ନାହିଁ। ସରକାରଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକଟି ପଦକ୍ଷେପର ସିଧା ପ୍ରଭାବ ସର୍ବନିମ୍ନ ସ୍ତରରେ ଥିବା ଗରିବଙ୍କଠାରୁ ଆରମ୍ଭକରି ମଧ୍ୟବିତ୍ତଙ୍କୁ ଜୀବନମୃତ୍ଯୁ ମାଡ଼ କରିସାରିଲାଣି। ଏହା ସ୍ୱୀକାରଯୋଗ୍ୟ ଯେ, ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ ଦ୍ୱାରା ରାଜ୍ୟ ଟିକସ ହ୍ରାସ ମଧ୍ୟ କରାଯାଉଛି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଅବଶ୍ୟ ଓଡ଼ିଶା ସରକାର ସେ ଦିଗରେ କୌଣସି ପଦକ୍ଷେପ ନେବାକୁ ଉଚିତ ମନେକରି ନାହାନ୍ତି। ମନେରଖିବାକୁ ହେବ ଯେ, ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଯୋଗୁ ପ୍ରତ୍ୟେକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ଘଟିଛି। କିନ୍ତୁ ସାଧାରଣ ନାଗରିକଙ୍କ ଜୀବନଶୈଳୀରେ ଘଟିଥିବା କ୍ଷତି କେବଳ ଏବେକାର ତୈଳ ଦର ବୃଦ୍ଧି ଯୋଗୁ ହୋଇନାହିଁ। ୨୦୧୬ ନଭେମ୍ବର ବିମୁଦ୍ରୀକରଣଠାରୁ ଆରମ୍ଭକରି ପ୍ରତ୍ୟେକଟି ସରକାରୀ ନିଷ୍ପତ୍ତି ଦେଶର ଅର୍ଥନୀତି ସହିତ ଅଯଥାରେ ଖେଳୁଥିବା ଭଳି ମନେହେଉଛି। ହୁଏତ ସେଥିପାଇଁ ଦେଶର କେତେକ ବ୍ୟବସାୟିକ ମହାସଂଘ ବିଭିନ୍ନ ହାଇକୋର୍ଟରେ ଇଣ୍ଟରନେଟ୍ ନିଷେଧ ଭଳି ସରକାରୀ ନିଷ୍ପତ୍ତିକୁ ବିରୋଧ କରି ଦର୍ଶାଇଛନ୍ତି ଯେ, ଏଭଳି ପଦକ୍ଷେପ ଅର୍ଥନୀତିକୁ ଦୁର୍ବଳ କରୁଛି। ସେଥିପାଇଁ ତେଲ ଉପରୁ ଏହି ଟିକସ ହ୍ରାସ ରାତାରାତି କୌଣସି ପ୍ରଭାବ ପକାଇବ ବୋଲି ବିଶ୍ୱାସ କରିହେଉ ନାହିଁ। ଅପରପକ୍ଷେ ପୂର୍ବର କେତେକ ଉଦାହରଣକୁ ଦେଖିଲେ କହିହେବ ଯେ, ତେଲ ଉପରେ ହ୍ରାସ କରାଯାଇଥିବା ଟିକସକୁ ଅଳ୍ପ କେତେମାସ ଭିତରେ ପୁନର୍ବାର ବଢ଼ାଇ ଦିଆଯିବ। ଏବେ ମୁଦ୍ରାସ୍ଫୀତି ଏବଂ ବିଶେଷକରି ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଥିବାରୁ ମୋଦି ସରକାର ବାଧରେ ନଇଁଛନ୍ତି।

ବଞ୍ଚିତଙ୍କୁ ଅଣଦେଖା

ନବରଙ୍ଗପୁର ଜିଲା ଉଦୟପୁର ଗ୍ରାମରେ ରାଜୀବ ପାତ୍ର ଓ ତାଙ୍କ ବଡ଼ ଭାଇ ଦେବ ପାତ୍ର ଉଭୟ ଦିବ୍ୟାଙ୍ଗ। ଦେବ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ ରାଜୀବ ଶାରୀରିକ ଭିନ୍ନକ୍ଷମ। ସରକାରଙ୍କ ନିୟମ ଅନୁଯାୟୀ ଦେବ ମାସକୁ ୫୦୦ ଟଙ୍କା ଭତ୍ତା ପାଉଥିବା ବେଳେ ରାଜୀବ ୪୦୦ ଟଙ୍କା ପାଇଥାଆନ୍ତି। ତେବେ ଏତିକି ପରିମାଣର ଅର୍ଥ ପାଇବା ପାଇଁ ଦୁଇ ଭାଇ ୩ କିଲୋମିଟର ଟ୍ରାଇସାଇକେଲରେ ପ୍ରତି ମାସ ପଞ୍ଚାୟତ କାର୍ଯ୍ୟାଳୟକୁ ଅତି କଷ୍ଟରେ ଯାଇଥାଆନ୍ତି। ସେମାନଙ୍କ ଦୁର୍ଦ୍ଦଶା ଦେଖି ତେନ୍ତୁଳିଖୁଣ୍ଟି ବ୍ଲକର ସମ୍ପୃକ୍ତ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ସେମାନଙ୍କ ଘରେ ଦିବ୍ୟାଙ୍ଗ ପେନସନ୍ ଦେବା ଲାଗି ଦାବି କରିଛନ୍ତି।

ଖବରଟି ଏତିକିରେ ସରୁଛି। ତେବେ ପ୍ରଶ୍ନ ଉଠୁଛି ଓଡ଼ିଶା ପ୍ରଶାସନ ପ୍ରତି ମୁହୂର୍ତ୍ତରେ ଦାବି କରୁଛି ଯେ, ଡିଜିଟାଲ ଯୁଗରେ ଦିବ୍ୟାଙ୍ଗଙ୍କୁ ହଇରାଣହରକତ କରା ନ ଯାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ପଠାଇ ଦିଆଯାଉଛି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ବା ଡିବିଟି ଏ ଦିଗରେ ସହାୟକ ହେଉଛି। ହେଲେ ବାସ୍ତବ ସ୍ଥିତି ଦେବ ଓ ରାଜୀବଙ୍କ କଷ୍ଟ ଦେଖିଲେ ବୁଝିହେଉଛି। ଦିବ୍ୟାଙ୍ଗଙ୍କ ଘରେ ପ୍ରଶାସନ ପହଞ୍ଚି ସେମାନଙ୍କ ପ୍ରାପ୍ୟ ଅର୍ଥ ପ୍ରଦାନ କରିବାର ସରକାରୀ ନିର୍ଦ୍ଦେଶ ରହିଛି। ଅବଶ୍ୟ ଏହା ମଧ୍ୟ ଦେଖାଯାଉଛି ଯେ ଯେଉଁ ଦିବ୍ୟାଙ୍ଗମାନେ ଶାରୀରିକ ଦୃଷ୍ଟିରୁ ଭିନ୍ନକ୍ଷମ ଓ ସେମାନଙ୍କ ମଧ୍ୟରୁ ଯାହାଙ୍କର ଆଧାର କାର୍ଡ କରାଯାଇପାରି ନାହିଁ, ସେଭଳି କ୍ଷେତ୍ରରେ ସେମାନଙ୍କୁ ଡିବିଟି ସୁବିଧା ମିଳିପାରୁ ନାହିଁ। ତେଣୁ ପଞ୍ଚାୟତ ସ୍ତରର କର୍ମଚାରୀ ପ୍ରତି ମାସ ସମ୍ପୃକ୍ତ ଦିବ୍ୟାଙ୍ଗଙ୍କ ଘରକୁ ଯାଇ ସେମାନଙ୍କୁ ପେନ୍‌ସନ ଅର୍ଥ ଦେବା କଥା। ସରକାର ବଞ୍ଚିତ ବର୍ଗଙ୍କ ସାମାଜିକ ଓ ଆର୍ଥିକ ନିରାପତ୍ତା ଲାଗି ଯେତେ ଯୋଜନା କରୁଛନ୍ତି, ତାହାକୁ ପ୍ରଶାସନ ଠିକ୍ ଭାବେ କାର୍ଯ୍ୟକାରୀ ନ କଲେ ସେହି ଲୋକମାନେ ହଇରାଣ ହୋଇଯିବା ସ୍ୱାଭାବିକ। ଯଦି ରାଜୀବ ଓ ଦେବଙ୍କ କଥା ଦେଖାଯାଏ, ଖରାବର୍ଷାରେ ଦୁଇ ଭାଇ ମାସକୁ ୯୦୦ ଟଙ୍କା ପାଇବା ପାଇଁ ୩ କିଲୋମିଟର ଯାତ୍ରା କରୁଛନ୍ତି। ଏଥିରୁ ପଞ୍ଚାୟତ ଅଧିକାରୀଙ୍କ ଦାୟିତ୍ୱହୀନତା ବୁଝାପଡୁଛି। ଏହି ଦୁଇ ଭାଇଙ୍କ ଉଦାହରଣ 'ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପିଲା' ଭଳି ପ୍ରତୀୟମାନ ହେଉଛି। ଅନ୍ୟପକ୍ଷରେ ଠିକାଦାରି କାର୍ଯ୍ୟଠାରୁ ଆରମ୍ଭ କରି ଅଧିକାରୀମାନଙ୍କ ପାଇଁ ଲାଭ ଦେଇପାରୁଥିବା ପ୍ରକଳ୍ପ କ୍ଷେତ୍ରରେ ତତ୍ପରତା ଅଧିକ ଦେଖିବାକୁ ମିଳୁଛି।

ଏଭଳି ଦୃଶ୍ୟ କେବଳ ଓଡ଼ିଶାରେ ସୀମିତ ନୁହେଁ। ଦେଶବ୍ୟାପୀ ଏପରି ଦୃଷ୍ଟାନ୍ତ ଦେଖାଯାଉଥିଲେ ମଧ୍ୟ କ୍ୱଚିତ୍ ଘଟଣା ପଦାକୁ ଆସୁଛି। ସରକାର କରଦାତାଙ୍କ ଅର୍ଥରୁ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ସେଗୁଡ଼ିକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ପ୍ରଶାସନ ଉପରେ ନ୍ୟସ୍ତ କରାଯାଇଥିବାରୁ ଅଧିକାରୀ ଓ କର୍ମଚାରୀମାନଙ୍କ ଉପରେ ନିର୍ଭର କରିଥାଏ ସେମାନେ ଜନସାଧାରଣଙ୍କୁ କିଭଳି ସେବା ଯୋଗାଇବେ। ପ୍ରଭାବଶାଳୀ ବ୍ୟକ୍ତିଙ୍କ କାର୍ଯ୍ୟ ସୁରୁଖୁରୁରେ କରିବା ସକାଶେ ଯେଉଁ ତତ୍ପରତା ସରକାରୀ କର୍ମଚାରୀ ଦେଖାଇଥାଆନ୍ତି, ଗରିବଙ୍କ ମଙ୍ଗଳ ସେମାନଙ୍କୁ ଦୃଶ୍ୟମାନ ହୋଇ ନ ଥାଏ। ଯେତେବେଳେ ଗଣମାଧ୍ୟମରେ କୌଣସି ଅସଙ୍ଗତି ବିଷୟରେ ଖବର ପ୍ରକାଶ ପାଏ, ତା'ପରେ କିଛି ସମୟ ପାଇଁ ତତ୍ପରତା ଦେଖାଦିଏ। ପରେ 'ପୋଲ ଯେଉଁଠି ଅଛି ସେଇଠି ଥାଏ' ନ୍ୟାୟରେ କାର୍ଯ୍ୟ ହୁଏ। ଥିଲାବାଲା ଲୋକ ଅସହାୟଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ପାଇବା ସକାଶେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ବା ଧରାଧରି କରି କାର୍ଯ୍ୟ କରି ନେଉଥିବା ବେଳେ ଯୋଜନା ବା କାର୍ଯ୍ୟକ୍ରମର ବାସ୍ତବ ହିତାଧିକାରୀ ତାହା ପାଇବାରୁ ବଞ୍ଚିତ ହେଉଥିବା ଅଧିକାଂଶ ସମୟରେ ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ରାଜୀବ ଓ ଦେବଙ୍କ ଭଳି ବ୍ୟକ୍ତି ଯେଉଁମାନେ ଦୁର୍ଦ୍ଦଶା ଭୋଗୁଛନ୍ତି, ସେହିଭଳି ଘଟଣାକୁ ଗମ୍ଭୀରତାର ସହ ବିଚାର କରାଯିବା ଉଚିତ ଏବଂ ଅବହେଳା ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ବିଭାଗୀୟ ତାଗିଦ କରାଗଲେ ହୁଏତ ପରିବର୍ତ୍ତନ ଆସିପାରନ୍ତା।

ରାଜନୈତିକ ଅସହିଷ୍ଣୁତା ଓ ପୋଲିସରାଜ୍

ସହଦେବ ସାହୁ

ଶାସକ ଦଳର ଛତ୍ରଛାୟାରେ ରହିଲେ ପୋଲିସ ଡର ନାହିଁ। ସମ୍ପୃକ୍ତ ପୋଲିସକୁ ଘୁସ୍ ଦେବାର ପଇସା ଥିଲେ କୋର୍ଟ କଚେରିକୁ ଡର ନାହିଁ – ଏ ଏକ ଲୋକୋକ୍ତି ହୋଇଗଲାଣି। ଘୁସ୍ କାରବାର ଉପରେ ଆଲୋଚନା କରିବା ବୃଥା, ତାହା ତ ଆମର ଚଳଣି ହୋଇଗଲାଣି ବରଂ ଦଳୀୟ ରାଜନୀତିରେ କିପରି 'ଆଇନର ଶାସନ' ଓ 'ଗଣତନ୍ତ୍ର' ଏ ଦୁଇଟି ପଦ ଆଉ ସମାନାର୍ଥକ ହୋଇ ରହିନାହିଁ ସେ ବିଷୟରେ ଆଲୋଚନା କରିବା ବେଳ ଆସିଗଲାଣି।

୧୦ ବର୍ଷ ହେଲା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥାଇ ଅରବିନ୍ଦ କେଜ୍‌ରିୱାଲ ଅସହିଷ୍ଣୁତା ପ୍ରଦର୍ଶନ କରି ନ ଥିବାର କାରଣ ଏବେ ଜଣାପଡ଼ିଗଲା। ଦିଲ୍ଲୀ ପୋଲିସ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ନିୟନ୍ତ୍ରିତ। ପଶ୍ଚିମବଙ୍ଗରେ ମମତା ଦିଦିଙ୍କ ତୃଣମୂଳ କଂଗ୍ରେସ ସରକାର ଭଳି କେଜ୍‌ରିୱାଲ ବି ବିରୋଧ ଓ ବିରୋଧୀଙ୍କୁ ସହ୍ୟ କରନ୍ତି ନାହିଁ। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ନିୟନ୍ତ୍ରିତ ବୋଲି କେଜ୍‌ରିୱାଲଙ୍କ ଚେହେରା ଭିନ୍ନ ଥିଲା, ଏବେ ତାଙ୍କ ଆପ୍ ଦଳ ପଞ୍ଜାବରେ ସରକାର ଗଢ଼ିଲା ପରେ ସେ ଦିଲ୍ଲୀରେ ଥାଇ, ଅର୍ଥାତ୍ ରିମୋଟ୍ କଣ୍ଟ୍ରୋଲରେ ପଞ୍ଜାବ ସରକାରଙ୍କ ଜରିଆରେ ପଞ୍ଜାବ ପୋଲିସ ଦ୍ୱାରା ତାଙ୍କ ବିରୋଧୀମାନଙ୍କ ଉପରେ ଦାଉ ସାଧିପାରୁଛନ୍ତି। ପାୱାର ପାଇଲେ ଭଲ ମଣିଷ ବି ଭେଲ ହୋଇପାରେ ବୋଲି ଚିନ୍ତା କରିପାରୁଥିବା ମହାତ୍ମା ଗାନ୍ଧୀ ପରାମର୍ଶ ଦେଇଥିଲେ ଯେ ସ୍ୱାଧୀନତା ଲାଭ ପରେ ଜାତୀୟ କଂଗ୍ରେସ ଦଳ ଭାଙ୍ଗି ଦିଆଯାଉ ଓ ଶାସନ କରିବା ପାଇଁ ନୂଆ ମୁହଁ ବାହାରୁ, ନୂଆ ଦଳ ତିଆରି ହେଉ। ତା' ହେଲେ ଭଲ ସଂଗ୍ରାମୀମାନେ ଭେଲ ନେତା ହେବାର ପରିବେଶ ପାଇବେ ନାହିଁ। ପଞ୍ଜାବ ପୋଲିସ କେଜ୍‌ରିୱାଲଙ୍କ ଇଙ୍ଗିତରେ ସମ୍ପ୍ରତି ଦିଲ୍ଲୀକୁ ଆସି ଭାଜପା ନେତା ତଜିନ୍ଦର ପାଲ୍ ସିଂହ ବାଗ୍‌ଗାଙ୍କୁ ଗିରଫ ଉଦ୍ୟମ କରିବା ଗାନ୍ଧୀଙ୍କ ସେହି ପରାମର୍ଶକୁ ମନେ ପକାଇଦେଉଛି। କେଜ୍‌ରିୱାଲଙ୍କ ଅସହିଷ୍ଣୁତା ଦେଖନ୍ତୁ: (୧) ଆପ୍ ପାର୍ଟିରେ ଦିନେ ଉଚ୍ଚ ଆସନ ମଣ୍ଡନ କରିଥିବା ଓ କବି ଭାବରେ ଜଣାଶୁଣା କୁମାର ବିଶ୍ୱାସଙ୍କ ଦିଲ୍ଲୀ ବାସଭବନକୁ ପଞ୍ଜାବ ପୋଲିସ ପଠାଇ ଭୟଭୀତ କରାଇ ଥିଲେ, (୨) ଆପ୍ ଦଳ ଛାଡ଼ିଥିବା ଆଉ ଜଣେ ନେତା ଅଲ୍‌କା ଲାମ୍ବାଙ୍କୁ ନେବା ପାଇଁ ତାଙ୍କ ଦିଲ୍ଲୀ ବାସଭବନକୁ ପଞ୍ଜାବ ପୋଲିସ ଆସିଥିଲେ, (୩) ପୁଣି ଭାଜପାର ବାଗ୍‌ଗା। ଗୋଟିଏ ତୁଚ୍ଛ କି କ୍ଷୁଦ୍ରମନା ଅପରାଧୀଙ୍କୁ ଯେମିତି ବାନ୍ଧି ପୋଲିସ ଗାଡ଼ି ଭିତରକୁ ଠେଲି ଦିଆଯାଏ ସେମିତି ବାଗ୍‌ଗାଙ୍କ ଭଳି ଜଣେ ଜଣାଶୁଣା ଧର୍ମାନୁରକ୍ତ ଶିଖକୁ ତାଙ୍କ ଧର୍ମର ଚିହ୍ନ ପଗଡ଼ି ବାନ୍ଧିବାକୁ, ଏପରିକି ଚପଲ ପିନ୍ଧିବାକୁ, ସମୟ ନ ଦେଇ ତାଙ୍କ ଦିଲ୍ଲୀ ବାସଭବନରୁ ପଞ୍ଜାବ ପୋଲିସ ଗାଡ଼ି ଭିତରକୁ ଟେକିନେବା ଭଳି ଘଟଣା ସମ୍ଭବତଃ ଖାଲିସ୍ତାନୀ ବିଦ୍ରୋହୀଙ୍କ ଦମନ କାଳରେ ବି ଘଟି ନ ଥିବ! ଭେଣ୍ଡେଟ୍ଟା (ପ୍ରତିହିଂସା) ରାଜନୀତିରେ କେଜ୍‌ରିୱାଲ ଏମିତି ପାରଦର୍ଶୀ ବୋଲି ଆମେ ଭାବି ନ ଥିଲେ!

ଉତ୍ତରପଶ୍ଚିମ ଦିଗର ପଞ୍ଜାବ ସରକାର ସାଙ୍ଗେ ଉତ୍ତରପୂର୍ବ ଦିଗର ଆସାମ ସରକାର କଥା ତୁଳନା କରନ୍ତୁ। ଆସାମ ପୋଲିସ ଗୁଜରାଟ ଯାଇ ସେଠାକାର ବିଧାୟକ ଜିଗ୍ନେଶ ମେଭାନୀଙ୍କୁ ଗିରଫ କଲା। କାରଣ ସେ କେନ୍ଦ୍ର ସରକାରକୁ ସମାଲୋଚନା କରିଛନ୍ତି ବୋଲି ଆସାମର ଜଣେ ଲୋକ ଏତଲା ଦେଇଥିଲେ। ମହାରାଷ୍ଟ୍ରରେ ରାଣା ଦମ୍ପତିକୁ ଗିରଫ କରାଗଲା। କାରଣ ସେମାନେ କହିହେଲେ ଶବ୍ଦ ପ୍ରଦୂଷଣ ପାଇଁ ଲାଉଡ୍ ସ୍ପିକର ଦାୟୀ। ତେଣୁ ତାହା ବନ୍ଦ କରାଯାଉ, ତା' ନ ହେଲେ ସେମାନେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ଘର ଆଗରେ ଲାଉଡ୍ ସ୍ପିକର ଲଗାଇ ହନୁମାନ ଚାଳିଶା ପଢ଼ିବେ। ଏହା କୁଆଡ଼େ ଦେଶଦ୍ରୋହ ଅପରାଧ! 'ଦଳ' ମାନେ 'ଦେଶ'। ମହାରାଷ୍ଟ୍ରର ମହାଗଠବନ୍ଧନ ସରକାରର ଦଳ ଏହା ନ କହିଥିଲେ ପୋଲିସ ଏପରି କରିଥାନ୍ତା କି? ଆଇନ ଲାଗୁକରୁଥିବା ଏଜେନ୍ସିକୁ ଦଳ କାମରେ ଲଗାଇଲେ ଏପରି ଘଟେ! ରାଜ୍ୟ ରାଜ୍ୟ ଭିତରେ ପୋଲିସ ଗିରଫଦାରି ପ୍ରକ୍ରିୟାର ଆଇନ ଅଛି। ତାହା ସମ୍ପୃକ୍ତ ରାଜ୍ୟଗୁଡ଼ିକ ଭିତରେ ସହଯୋଗ ଉପରେ ଜୋର୍ ଦିଏ, ଏହାର ଖିଲାପ ହେଉଛି ପୋଲିସରାଜ୍। ଶୁକ୍ରବାର ସକାଳୁ ସକାଳୁ ଭାଜପା ନେତା ତଜିନ୍ଦର ପାଲ୍ ସିଂ ବାଗ୍‌ଗାଙ୍କୁ ପଞ୍ଜାବ ପୋଲିସ ବୋହିନେଉଥିବା ବାଟରେ ହରିୟାଣା ରାଜ୍ୟ ପଡ଼ିଲା। ହରିୟାଣାର ଭାଜପା ସରକାର ତାଙ୍କ ପୋଲିସ ପଠାଇ ଅଟକାଇଲା ଓ ବାଗ୍‌ଗାଙ୍କୁ ଦିଲ୍ଲୀକୁ ଫେରାଇ ଆଣିଲା। ଭାଜପା–ଆପ୍ କାଦୁଅ ଫୋପଡ଼ା ଫୋପଡ଼ିରେ ପୋଲିସ ହେଉଛି ଅସ୍ତ୍ର। ଆମ ସମ୍ବିଧାନର ୭ମ ସିଡ୍ୟୁଲର ଦ୍ୱିତୀୟ ତାଲିକାରେ ୨ୟ ଲେଖା ହେଉଛି ପୋଲିସ। ତେଣୁ ପୋଲିସ ରାଜ୍ୟ ସରକାରମାନଙ୍କ ଅଧୀନରେ। ସିଆର୍‌ପିସି ବା ଅପରାଧ ପ୍ରକ୍ରିୟା ସଂହିତାର ୪୧ରୁ ୬୦ ଧାରାରେ ପୋଲିସର ଗିରଫ କରିବାର କ୍ଷମତା ଉଲ୍ଲେଖ ଅଛି। ୭୮ ରୁ ୮୧ ଧାରାରେ ବର୍ଣ୍ଣନା ଅଛି କିପରି ରାଜ୍ୟ ବାହାରେ ଓ ଥାନା ପରିସର ବାହାରେ ଗିରଫ କରାଯିବ। ଅନ୍ୟ ରାଜ୍ୟରୁ କାହାକୁ ଗିରଫ କରିବାକୁ ହେଲେ ସ୍ଥାନୀୟ ପୋଲିସର ସହାୟତା ନିଆଯିବ। ଅଭିଯୁକ୍ତଙ୍କ ସ୍ଥାନୀୟ ଥାନାରେ ସମସ୍ତ କଥା ଉଲ୍ଲେଖକରି ସାରି ବାହାର ରାଜ୍ୟର ପୋଲିସ ଅଭିଯୁକ୍ତଙ୍କୁ ବାହାରକୁ ନେଇପାରିବ। ସ୍ଥାନୀୟ ପୋଲିସ ଯଥାର୍ଥତା ଦେଖି ସହାୟତା ଦିଏ ଏବଂ ବାହାର ରାଜ୍ୟର ପୋଲିସ ସାଙ୍ଗରେ ରହେ। ଗିରଫ ହୋଇଥିବା ବ୍ୟକ୍ତଙ୍କୁ ତାଙ୍କ ଘରୁ ବାହାରକୁ ନେବା ପୂର୍ବରୁ ସେ ଯେପରି ତାଙ୍କ ଓକିଲଙ୍କୁ ଯୋଗାଯୋଗ କରିପାରିବେ ଓ ତାଙ୍କଠାରୁ ପରାମର୍ଶ ନେବେ ତାହାର ସୁବିଧା କରିବାକୁ ପୋଲିସ ବାଧ୍ୟ। ମତପାର୍ଥକ୍ୟ ଥିବା ଦଳର ସରକାରରେ ପୋଲିସ ସହଯୋଗ ମିଳେ ନାହିଁ, କାରଣ ଶାସକ ଦଳର ଇଙ୍ଗିତରେ କାମ କରିଥାଏ। ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟ 'ରିଆ ଚକ୍ରବର୍ତ୍ତୀ ବନାମ ବିହାର ରାଜ୍ୟ ଓ ଅନ୍ୟମାନେ' ମାମଲାରେ ରାୟ ଦେଇଛନ୍ତି ଯେ ସତ୍ୟ ଅନୁସନ୍ଧାନ ପାଇଁ ଏକ ସ୍ୱାଧୀନ ୩ୟ ପକ୍ଷ ଦରକାର, ତାହା ସିବିଆଇ ପୂରଣ କରିବ ବୋଲି ଆଦେଶ ଦେଲେ। କେନ୍ଦ୍ରରେ ରାଜୁତି କରୁଥିବା ଭାଜପା ବିହାରରେ ରାଜୁତି କରୁଥିବା ସରକାରୀ ଦଳର ସମର୍ଥକ କେନ୍ଦ୍ରରେ ଅଛି ବୋଲି ସୁପ୍ରିମକୋର୍ଟ ଲକ୍ଷ୍ୟ କଲେ ନାହିଁ।

କେନ୍ଦ୍ରରେ ଶାସକ ଦଳ ଭିନ୍ନ ହେଲେ ସେମାନେ ସିବିଆଇକୁ ଦନ୍ତହୀନ କରିପାରନ୍ତି, ଯଥା ତଦନ୍ତ କରୁଥିବା ଅଫିସର୍‌କୁ ତଦନ୍ତ ମଝିରେ ଟ୍ରାନ୍ସଫର୍ କରିଦେବା ଉଦାହରଣ ତ କଂଗ୍ରେସ୍ ଶାସନ ସମୟରୁ ଚଳିଆସିଛି। ସିବିଆଇ କେନ୍ଦ୍ର ସରକାରଙ୍କ କର୍ତ୍ତୃତ୍ୱରେ ଥିଲେ ବି ଦିଲ୍ଲୀ ପୋଲିସ୍ ଏଷ୍ଟାବ୍ଲିସମେଣ୍ଟ ହୋଇଥିବାରୁ ଅନ୍ୟ କୌଣସି ରାଜ୍ୟରେ ତଦନ୍ତ ପାଇଁ ଉକ୍ତ ରାଜ୍ୟର ସମ୍ମତି ଲୋଡନ୍ତି, ନିଜର ଯଥେଷ୍ଟ ପୋଲିସ୍ ବଳ ନ ଥିବାରୁ ସେ ରାଜ୍ୟର ପୋଲିସ୍‌ର ସହାୟତା ନିଅନ୍ତି, ଏହି କାରଣରୁ ଜାନକୀବଲ୍ଲଭ ମୁଖ୍ୟମନ୍ତ୍ରୀ ଥିବା ଯାଏ ଅଞ୍ଜନା ମିଶ୍ର ତତ୍କାଳୀନ ଆଡଭୋକେଟ ଜେନେରାଲଙ୍କ ବିରୁଦ୍ଧରେ ଧର୍ଷଣ ଅଭିଯୋଗର ସିବିଆଇ ତଦନ୍ତ ସରୁ ନ ଥିଲା, ଧର୍ଷଣ କରିଥିବା ବ୍ୟକ୍ତିଦ୍ୱୟ ଜାନକୀବଲ୍ଲଭ ସରକାରଙ୍କ ପୋଲିସ୍ ଦ୍ୱାରା ସୁରକ୍ଷିତ ଥିଲେ। ଗିରିଧର ଗମାଙ୍ଗ ମୁଖ୍

ନନ୍ଦନକାନନରେ ୨ ନୀଳଗାଈ ଶାବକ ଜନ୍ମ

ବାରଙ୍ଗ,(ଡି.ଏନ.ଏ.) ନନ୍ଦନକାନନର ୬୫ ନମ୍ବର ଏନକ୍ଲୋଜର ରହୁଥିବା ନୀଳଗାଈ ରବିବାର ସନ୍ଧ୍ୟାରେ ୨ଟି ଶାବକ ଜନ୍ମ ଦେଇଛି। ମା'। ଓ ଶାବକ ଦୁଇଟି ସୁସ୍ଥ ଥିବାବେଳେ ଏମାନଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ମାଈ ନୀଳଗାଈ ପ୍ରାୟ ୨ବର୍ଷ ବୟସରେ ଯୌନକ୍ଷମ ହୋଇ ୮ରୁ ୯ ମାସ ଗର୍ଭଧାରଣ କରି ସାଧାରଣତଃ ଗୋଟିଏରୁ ଦୁଇଟି ଶାବକଙ୍କୁ ଜନ୍ମ ଦେଇଥାନ୍ତି।

ପର୍ଯ୍ୟଟକଙ୍କୁ ପିଟିଲେ ସଫାରି କର୍ମଚାରୀ

ବାରଙ୍ଗ,୨୨।୫(ଡି.ଏନ୍.ଏ.)

ନନ୍ଦନକାନନରେ ଘରୋଇକରଣରେ ଦିଆଯାଇଥିବା ସଫାରିକୁ ନେଇ ଏବେ ବିବାଦ ଛାଡୁ ନାହିଁ। ଟେଣ୍ଡର ସମୟରେ ହୋଇଥିବା ସର୍ତ୍ତକୁ ଖିଲାପ କରି ବିନା କାଗଜପତ୍ରରେ ବିପଦସଙ୍କୁଳ ଅବସ୍ଥାରେ ଚାଲୁଥିବା ବସ୍‌କୁ ନେଇ ବିବାଦରେ ଛନ୍ଦି ହୋଇଥିବାବେଳେ ରବିବାର ସଫାରି ବସ୍‌ର କର୍ମଚାରୀ କେତେଜଣ ପର୍ଯ୍ୟଟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୦/୨୨) ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଛତିଶଗଡ଼ ରାୟପୁରରୁ ୨୬ଜଣ ପର୍ଯ୍ୟଟକ ନନ୍ଦନକାନନ ଆସି ସଫାରିରେ ବୁଲିବା ପାଇଁ ଅପରାହ୍ନ ସୁଦ୍ଧା ସଫାରି କାଉଣ୍ଟରରେ ପହଞ୍ଚିଥିଲେ। ଟିକେଟ ପାଇ ବସ୍‌ରେ ଯିବା ପାଇଁ ଧାଡ଼ିରେ ଅପେକ୍ଷା କରିଥିଲେ ମଧ୍ୟ ଦୀର୍ଘ ସମୟ ହୋଇଯିବାରୁ ସଫାରି ବୁଲିବାର ସୁଯୋଗ ପାଇ ନ ଥିଲେ। ଏହାକୁ ନେଇ କାଉଣ୍ଟରରେ ଥିବା କର୍ମଚାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସଫାରି କର୍ମଚାରୀମାନେ କେତେଜଣ ପର୍ଯ୍ୟଟକଙ୍କୁ ଠେଲାପେଲା କରିଥିଲେ। ପର୍ଯ୍ୟଟକ ଏହାର ବିରୋଧ କରିବା ବେଳେ ସେମାନେ ବ୍ୟାଟେରି ଗାଡି ଚଳାଉଥିବା କର୍ମଚାରୀଙ୍କୁ ଡାକିବା ଦ୍ୱାରା ଗଣ୍ଡଗୋଳ ବଢିଥିଲା। ବ୍ୟାଟେରି ଗାଡି ଓ ସଫାରିର ପ୍ରାୟ ୫୦ଜଣ ପିଲା ଏକାଠି ହୋଇଯାଇ ପର୍ଯ୍ୟଟକଙ୍କୁ ବାଡ଼ି ଓ ଷ୍ଟିଲ ରୋଡ୍‌କୁ ଓପାଡି ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ଫଳରେ ପର୍ଯ୍ୟଟକ ହିମାଂଶୁ ଗୁପ୍ତା, ହରିଷ ଗୁପ୍ତା, ଅନୁ ଗୁପ୍ତା, ରଣକ ଗୁପ୍ତା, ପ୍ରେମଲତା ଗୁପ୍ତାଙ୍କ ସମେତ ଅନ୍ୟ କେତେଜଣ ପର୍ଯ୍ୟଟକ ଆକ୍ରମଣର ଶିକାର ହୋଇଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ପର୍ଯ୍ୟଟକମାନେ ପିଲାଛୁଆ ଧରି ମୁଖ୍ୟ ଫାଟକପାଖକୁ ଦୌଡ଼ି ପଳାଇଆସିଥିଲେ। ନନ୍ଦନକାନନ ନିରାପତ୍ତା ବିଭାଗ ବନାଞ୍ଚଳ ଅଧିକାରୀଙ୍କଠାରୁ ସୂଚନା ପାଇ ନନ୍ଦନକାନନ ପୋଲିସ ପହଞ୍ଚିଥିଲା। ସେଠାରୁ ପର୍ଯ୍ୟଟକଙ୍କୁ ଉଦ୍ଧାର କରି ଥାନାକୁ ଆଣିବା ପରେ ସେମାନେ ଅଭିଯୋଗ କରିଥିଲେ। ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ବେଳେ ରକ୍ତାକ୍ତ ହୋଇଥିବା ୫ଜଣ ପର୍ଯ୍ୟଟକଙ୍କୁ ପୋଲିସ ପ୍ରାଥମିକ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇବା ସହ ମାଡ଼ ମାରିଥିବା ଯୁବକଙ୍କ ମଧ୍ୟରୁ ଜଣକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟେ ଏହିର ଘଟଣା ତଦନ୍ତ ପାଇଁ ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର ନିର୍ଦ୍ଦେଶ ଦେଇଛନ୍ତି।

ନନ୍ଦନକାନନ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ପର୍ଯ୍ୟଟକମାନେ।

ଆହତ ଦୁଇ ପର୍ଯ୍ୟଟକ।

ଜଳହସ୍ତୀ ଦେହରେ ଲାଗିଛି ସିରିଞ୍ଜ

ବାରଙ୍ଗ,୨୨।୫(ଡି.ଏନ.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଚିକିତ୍ସକଙ୍କ ଦାୟିତ୍ୱହୀନତା ଯୋଗୁ ୬୩ ନମ୍ବର ଏନକ୍ଲୋଜରରେ ଥିବା ଏକ ମାଈ ଜଳହସ୍ତୀକୁ ଦୁର୍ଦ୍ଦଶା ଭୋଗିବାକୁ ପଡିଛି। ୪ବର୍ଷର ଏହି ଜଳହସ୍ତୀଟି ଅସୁସ୍ଥ ଥିବା କର୍ମଚାରୀମାନେ ଦେଖିଥିଲେ। ଖବରପାଇ ରବିବାର ସକାଳେ ତା'ର ଚିକିତ୍ସା ପାଇଁ ଦୁଇଜଣ ପ୍ରାଣୀ ଚିକିତ୍ସକ ଆସିଥିଲେ। ଜଳହସ୍ତୀଟିକୁ ଏନକ୍ଲୋଜର ଭିତରେ ଥିବା ଘର ଭିତରେ ପୂରାଇ ଟ୍ରାଙ୍କୁଲାଇଜର ଜରିଆରେ ଟିକା ଦେଇଥିଲା। ହେଲେ ଅସୁସ୍ଥ ମାଈ ଜଳହସ୍ତୀ ଦେହରେ ସିରିଞ୍ଜ ଲାଗିରହିଥିଲେ ମଧ୍ୟ ତାକୁ ବାହାର କରି ଚିକିତ୍ସକମାନେ ଫେରିଯାଇଥିଲେ। ଜଳହସ୍ତୀଟିର ଶରୀରରେ ଉକ୍ତ ସିରିଞ୍ଜଟି ଲାଗିରହିଥିବାର ପର୍ଯ୍ୟଟକମାନେ ଦେଖି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାଇଥିଲେ। ପରେ ଏହି ଖବର ପାଇବା ପରେ ବିଳମ୍ବରେ ଚିକିତ୍ସକମାନେ ଆସି ସିରିଞ୍ଜକୁ କାଢିଥିବାର ଜଣାପଡିଛି।

ସଂକ୍ଷେପରେ

ସେଲ୍ଫ ଫାଇନାନ୍ସିଂ କୋର୍ସ ବନ୍ଦ ନେଇ ସ୍ପଷ୍ଟୀକରଣ ଦିଆଯାଉ

ଭୁବନେଶ୍ୱର,୨୨।୫(ବ୍ୟୁରୋ)- ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେଲ୍ଫ ଫାଇନାନ୍ସିଂ କୋର୍ସ ବନ୍ଦ ନେଇ କଡ଼ା ନିନ୍ଦା କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)। ଚଳିତବର୍ଷ ଏପ୍ରିଲ ୧୨ରେ ଜାରି ହୋଇଥିବା ଚିଠି ଅନୁସାରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକର ନିୟମିତ ପାଠ୍ୟକ୍ରମର ୨୦ ପ୍ରତିଶତ ସିଟ୍ ସେଲ୍ଫ ଫାଇନାନ୍ସିଂ ପାଇଁ ରହିବ। କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ୮ଟି କୋର୍ସ ବନ୍ଦ ହୋଇଥିବାବେଳେ ରେଭେନ୍‌ଶାର ୫୦୦ ସିଟ୍‌କୁ କମାଇ ଦିଆଯାଇଛି। ୨୦୨୨ -୨୩ ଶିକ୍ଷାବର୍ଷରେ ଏ ସବୁ କୋର୍ସ ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାର ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେବେ। ଗରିବ ମେଧାବୀ ଛାତ୍ରୀଛାତ୍ର ଘରୋଇ ଶିକ୍ଷାନୁଷ୍ଠାନ ଉପରେ ନିର୍ଭର କରିବାକୁ ବାଧ ହେବେ। ଉଚ୍ଚଶିକ୍ଷା ବିଭାଗ ଏନେଇ ତୁରନ୍ତ ସ୍ପଷ୍ଟୀକରଣ ରଖିବାକୁ ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଏବିଭିପି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

ଏକ ହେଲା ଉତ୍କଳ ସାମ୍ବାଦିକ ସଂଘ

ଭୁବନେଶ୍ୱର,୨୨।୫(ବ୍ୟୁରୋ)- ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କର ସାମୂହିକ ସ୍ୱାର୍ଥ ତଥା ବିଭିନ୍ନ ସମସ୍ୟା ସମ୍ପର୍କିତ ଦାବି ହାସଲ ଦିଗରେ ଉତ୍କଳ ସାମ୍ବାଦିକ ସଂଘ ଐକ୍ୟବଦ୍ଧ କାର୍ଯ୍ୟ ଜାରି ରଖିବ। ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଂଘ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ବୈଠକରେ ସଦସ୍ୟମାନେ ଯୋଗଦେଇ ଏନେଇ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ସମାନ୍ତରାଳ ସଂଗଠନ ବିଧିବଦ୍ଧ ଭାବେ ମୂଳ ସଂଗଠନ ସହ ବିଲୟ ହୋଇଛି। ଏଥିସହ ସମାନ୍ତରାଳ ସଂଗଠନର କର୍ମକର୍ତ୍ତା ମଣ୍ଡଳୀ ବୈଠକରେ ସାମୂହିକ ଭାବେ ଇସ୍ତଫା ଦେଇଛନ୍ତି। ସେହିପରି ଜିଲାସ୍ତରରେ ସାଂଗଠନିକ ଏକତା ତଥା ଦୃଢତା ପାଇଁ ସଭାପତି କରଙ୍କ ନେତୃତ୍ୱରେ ଏକ ୧୧ ଜଣିଆ କୋର୍ କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ସାମ୍ବାଦିକ ବଙ୍କାମ ଚନ୍ଦ୍ର ନାୟକ, ପପୁ ମହାନ୍ତି ଓ ବୈଷ୍ଣବ ଚରଣ ଜେନାଙ୍କ ଉଦ୍ୟମକ୍ରମେ ଆହୂତ ଉକ୍ତ ବୈଠକରେ ବେଣୁଧର ପଣ୍ଡା, ହାରାଧନ ବାନାର୍ଜୀ, ପୂର୍ଣ୍ଣଚନ୍ଦ୍ର ନାୟକ, ରବିନାରାୟଣ ଖିଲାର, ପ୍ରଭାତ କୁମାର ମିଶ୍ର, ସତ୍ୟନାରାୟଣ ମିଶ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ମନୋଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକ ବିନାୟକ ମିଶ୍ର ଧନ୍ୟବାଦ ଦେଇଥିଲେ।

ରୋଗୀ ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା

ଅନଭିଜ୍ଞ ଡାକ୍ତର ଚିକିତ୍ସା କରିଥିବା ଅଭିଯୋଗ

କଟକ ଅଫିସ,୨୨।୫

କଟକର ଏକ ଘରୋଇ ହସ୍ପିଟାଲରେ ରବିବାର ସକାଳେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯିବାରୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଖବରପାଇ ବିଡାନାସୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରୋଗୀ ସମ୍ପର୍କୀୟଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମିଳିଥିବା ସୂଚନା ଅନୁଯାୟୀ, ବାରଙ୍ଗ ଅଞ୍ଚଳର ବିଷ୍ଣୁପ୍ରିୟା ରାଉତ ସଡକ ଦୁର୍ଘଟଣାରେ ଆହତ ହୋଇ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପ୍ରାୟ ୧୪ ଦିନ ତାଙ୍କର ଚିକିତ୍ସା ଚାଲିଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଜ୍ଞ ଡାକ୍ତର ବଦଳରେ ଏମ୍‌ବିବିଏସ୍ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯିବାରୁ ବିଷ୍ଣୁପ୍ରିୟାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେମାନେ ହସ୍ପିଟାଲ ସମ୍ମୁଖରେ ହୋହଲ୍ଲା କରିଥିଲେ। ପରେ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା। ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୨୨।୫(ଡି.ଏନ୍.ଏ.)

ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ରାମଦାସପୁରର କାଳିଆଶୁଣି ଠାକୁରାଣୀ ପଛପଟରେ ଥିବା ଏକ ବେଲଗଛରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ କୋଲକାତାର ଦିଲୀପ ହାସଁଦା(୪୨)। ଏ ନେଇ ପୋଲିସ ଏକ ମାମଲା(ନଂ.୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ସେ ରାମଦାସପୁରର କାଳିଆଶୁଣି ଠାକୁରାଣୀ ପଛପଟରେ ଥିବା ଏକ ଘରୋଇ ପାଇପ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରିବା ସହ ପିଲାଛୁଆଧରି କମ୍ପାନୀ ପକ୍ଷରୁ ମିଳିଥିବା ଘରେ ରହୁଥିଲେ। ରବିବାର ସକାଳେ ରହୁଥିବା ଘରଠାରୁ ଅଳ୍ପ ଦୂରରେ ଥିବା ଏକ ଗଛରେ ଗାମୁଛା ଲଗାଇ ଦିଲୀପ ଝୁଲୁ ଥିବାର ଶୌଚ ପାଇଁ ଯାଇଥିବା କେତେଜଣ କର୍ମଚାରୀ ଦେଖି ତାଙ୍କ ପରିବାରକୁ କହିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ପୋଲିସ କହିଛି।

ଗଛରେ ପିଟିହେଲା କାର୍, ୨ ମୃତ

ବ୍ରହ୍ମଗିରି,୨୨।୫(ଡି.ଏନ୍.ଏ.): ପୁରୀ ସଦର ଥାନା ଅନ୍ତର୍ଗତ ପୁରୀ ସାତପଡ଼ା ଜାତୀୟ ରାଜପଥର ମଠପାଟଣା ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ କାର୍ ଗୋଟିଏ ଗଛରେ ପିଟି ହୋଇଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ସହଦେବପୁର ଗ୍ରାମର ଧୀରେନ ପଲାଇ(୩୭) ଓ ଭଗବାନପୁର ଗ୍ରାମର ବାବୁ ମହମ୍ମଦ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଧୀରେନ ଓ ବାବୁ ଏକ କାର୍ (ଜିଏ -୦୮ଏଫ-୯୧୩୯)ରେ ପୁରୀରୁ ନିଜ ଗ୍ରାମ ଅଭିମୁଖେ ଆସୁଥିଲେ। ହେଲେ ମଠପାଟଣା ଛକ ନିକଟରେ ହଠାତ୍ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଥିଲା । ଫଳରେ ଗାଡି ମଧ୍ୟରେ ଏହି ଦୁଇଜଣ ଚାପି ହୋଇ ରହିଥିଲେ। ଖବରପାଇ ବ୍ରହ୍ମଗିରି ଅଗ୍ନିସେବା ସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗସ୍ତ ଗାଡିରୁ ଏମାନଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଘଟଣାସ୍ଥଳରେ ଏହି ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଥାଉକି, ବ୍ରହ୍ମଗିରି ଅଞ୍ଚଳରେ ବେଆଇନ ଭାବେ ମାଟି ଚାଲଣ ଚାଲିଛି । ଟ୍ରାକ୍ଟରମାନଙ୍କରେ ଜାତୀୟ ରାଜପଥରେ ଖୁଲମ ଖୁଲା ମାଟି ବୁହା ଚାଲିଥିବା ସମୟରେ ଏହି ମାଟି ରାସ୍ତାରେ ପଡି ରହୁଛି। ଫଳରେ ଶନିବାର ରାତିରେ ବର୍ଷା ଯୋଗୁ ଏହି ମାଟି ଦ୍ୱାରା ରାସ୍ତା ଖସଡା ହୋଇ ରହିଥିଲା। ଫଳରେ ଗାଡି ଚାଳକ ଏହା ଜାଣି ନ ପାରି କାଦୁଅ ଉପରେ ଗାଡି ଖସି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥାଇପାରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଦୁଇଦିନ ଝଡ଼ତୋଫାନ

ଭୁବନେଶ୍ୱର, ୨୨।୫(ବ୍ୟୁରୋ) : ତାତିରୁ ଆଶ୍ୱସ୍ତି ଦେଇଛି କାଳବୈଶାଖୀ ବର୍ଷା। ଶନିବାରଠାରୁ ରବିବାର ସକାଳ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ତୋଫାନ ସହ ବର୍ଷା ହୋଇଥିଲା। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁସାରେ କେନ୍ଦୁଝର ଘସିପୁରାରେ ସର୍ବାଧିକ ୬୨.୧ ମିମି ବର୍ଷା ହୋଇଥିବାବେଳେ କୋରେଇରେ ୫୬.୨, ଦାନଗଦି ୫୩, ଯାଜପୁର ୪୩, ଝୁଙ୍ଗୁରା ୪୧.୨, ସୁକିନ୍ଦା ୪୧, ସତ୍ୟବାଦୀ ୩୮, ବାଂଶପାଳ ୩୭.୧, ଭୁବନେଶ୍ୱର ୩୬.୨, ଭୁବନ ୩୬, କୁଡ଼ା ୩୬, ପୁରୀ ୩୫.୩, ଚାନ୍ଦବାଲି ୩୪.୯, ଭଦ୍ରକ ୩୪.୨, କଣ୍ଟପଡ଼ା ୩୪, ନରସିଂହପୁରରେ ୩୩ ମିମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ଝଡ଼ତୋଫାନ ସହ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସୋମବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ କେନ୍ଦୁଝରରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ତେଣୁ ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯିବା ସହିତ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସେହିଭଳି ମଙ୍ଗଳବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, କଟକ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଏବଂ ପୁରୀକୁ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏସବୁ ଜିଲାରେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦କିମି ରହିବ। ସେପଟେ ଏହି ବର୍ଷା ଯୋଗୁ ରବିବାର ତାପମାତ୍ରାରେ ସାମାନ୍ୟ ହ୍ରାସ ପାଇଥିଲା। ବୌଦ୍ଧ ଜିଲାରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ମାଲକାନଗିରି ୪୨, ଟିଟିଲାଗଡ଼ ୪୧.୮, ନୂଆପଡ଼ା ୪୧.୫, ସୋନପୁର ୪୦.୩, ଭବାନୀପାଟଣାରେ ୪୧ ଡିଗ୍ରୀ ତାପମାତ୍ରା ରହିଥିଲା।

କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ରବିବାର କଟକ ଖଟବିନ ସାହି ରାସ୍ତାରେ ଜମି ରହିଥିବା ବର୍ଷାଜଳ।

OFFICE OF THE SUPERINTENDING ENGINEER
RURAL WORKS DIVISION No-I, KEONJHAR
"e" Procurement Notice for Road Works
Identification No. Online NCB - 01/2022-23

No.O-296:

1. Name of the Work : 27 Nos. Road Work
2. Total Number of Work : 27 Nos.
3. Estimated Cost : Rs. 5.31 Lakhs to 61.94 Lakhs
4. Class of Contractor : As per Annexure
5. Period of Completion : As per Annexure.
6. Other Details

Procurement Officer	Bid Identification No.	Availability of Tender online for bidding		Date & Time of Opening of Tender
		From	To	
1	2	3	4	5
Superintending Engineer, R.W.Divn.No.I, Keonjhar	Road Works Online N.C.B. 01/2022-23	26.05.2022 11.00 A.M.	02.06.2022 5.00 P.M.	03.06.2022 At 11.30 A.M.

Further details can be seen from the Website www.tenderorissa.gov.in.
Sd./- Superintending Engineer
R.W.Divn.No.-I, Keonjhar
OIPR-25110/11/0001/2223

NOTICE INVITING TENDER **No.C-343:**
OFFICE OF THE NOTIFIED AREA COUNCIL, ODAGAON
At/Po - Odagaon, Dist - Nayagarh, Pin - 752081
Phone:06753-260062
Email : nacodagaon@gmail.com
Tender Call Notice No 1013. dt 20/05/2022
Tender Reference/E - Procurement Notice No - NAC-ODG- 07-2022-23
Bid Identification No. 2022_ORULB_77863

1	Name of the Work	As per DTCN (ANNEXURE - 1)
2	No. of Works	As per DTCN (ANNEXURE - 1)
3	Value of Work	As per DTCN (ANNEXURE - 1)
4	Class of Contractor	D&C
5	Period of Completion	As per DTCN (ANNEXURE - 1)
6	Date of Publication	Dt. 23/05/2022
7	Date and Time of availability of document in the portal	From dt.23/05/2022 at 10.00 A.M to dt.1/06/2022 upto 1.00 P.M.
8	Last date/ Time for receipt of bids in portal	1/06/2022 upto 1.00 P.M.
9	Submission of or original documents in this office	On date 01/06/2022 upto 1.00 P.M.
10	Date and time of opening the BID	On dt.02/06/2022 at 09.00 A.M.
11	Name and address of the officer inviting Bid	Executive Officer, NAC, Odagaon

Further details can be seen from e-Procurement portal https://tendersodisha.gov.in

Sd./- Executive Officer, NAC, Odagaon
OIPR-13142/11/0005/2223

DSPL-42
କୃଷକ ଓଡ଼ିଶା
GO SUGAM
Government of Odisha - Single Window Unified Gateway for Agrarian Management

କୃଷକ ଓଡ଼ିଶା
- ଫୋନ୍ ମାଧ୍ୟମରେ ଉପଯୁକ୍ତ ପରାମର୍ଶ
- ଅତି ଶୀଘ୍ର ସରକାରୀ ସେବା ଓ ସାହାଯ୍ୟ
- ବ୍ୟାଙ୍କ ମାଧ୍ୟମରେ ସୁବିଧାରେ ଋଣ ସହାୟତା

krushak.odisha.gov.in

ଗୋ-ସୁଗମ
- କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ୩୫ଟି ରୁ ଅଧିକ ଯୋଜନା
- କୃଷି ଉଦ୍ୟୋଗୀମାନଙ୍କ ପାଇଁ ଏକକ ୱିଣ୍ଡୋ ପୋର୍ଟାଲ୍
- ହିତାଧିକାରୀଙ୍କ ଦରଖାସ୍ତର ସ୍ଥିତି ଟ୍ରାକିଂ ଏବଂ ସୂଚନା

sugam.odisha.gov.in

ଦରଖାସ୍ତ କରି ସେବାର ସୁଯୋଗ ନିଅନ୍ତୁ
- ୱେବ୍ ପୋର୍ଟାଲ ଏବଂ ମୋବାଇଲ୍ ଆପ୍
- ମୋ ସେବା କେନ୍ଦ୍ର
- କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ
- ବ୍ଲକ କାର୍ଯ୍ୟାଳୟ (କେବଳ ଗୋ-ସୁଗମ ପାଇଁ)

ସହାୟତା ନିମନ୍ତେ ଯୋଗାଯୋଗ କରନ୍ତୁ ୧୫୫୩୩୩ - ଆମ କୃଷି -

**ଚାଷୀ ଭାଇ ଓ ଭଉଣୀମାନେ କୃଷକ 'ଓଡ଼ିଶା ପୋର୍ଟାଲ'

ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ରବିବାର ପୁରୀ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ ସହ କଳାକାରମାନେ ବିଭିନ୍ନ ବେଶରେ ନୃତ୍ୟ ପରିବେଷଣ କରୁଛନ୍ତି।

ମହାପ୍ରଭୁଙ୍କ ଭଉଁରି ଯାତ୍ରା

୨ବର୍ଷ ପରେ ସାମିଲ ହେଲେ ଶ୍ରଦ୍ଧାଳୁ

ପୁରୀ ଅଫିସ, ୨୨।୫

ପବିତ୍ର ଅକ୍ଷୟ ତୃତୀୟାଠାରୁ ଚାଲିଥିବା ୨୧ଦିନ ବ୍ୟାପୀ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସକୁ ଭଉଁରି ଯାତ୍ରା କୁହାଯାଏ। ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷ ପରି ଜଳକ୍ରୀଡ଼ା କରିଥାନ୍ତି। ଅକ୍ଷୟ ତୃତୀୟା ତିଥିରୁ ବାହାର ଚନ୍ଦନଯାତ୍ରା ଆରମ୍ଭ ହୋଇଥିଲା। ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସରେ ରବିବାର ନରେନ୍ଦ୍ର ପୁଷ୍କରିଣୀରେ ଭଉଁରୀ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବା ପରେ ସେଠାରେ ଭିତରଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରମାନେ ଦିନଚାପ ଖେଳିବା ନିମନ୍ତେ ଚାପଡଙ୍ଗା ନନ୍ଦା ଓ ଭଦ୍ରାକୁ ବିଜେ କରିଥିଲେ।

ଭକ୍ତଙ୍କ ମେଳରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ଭଉଁରି ନୀତି ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଯାଉଛନ୍ତି।

ଦିନଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରସ୍ଥ ଚନ୍ଦନ କୁଣ୍ଡକୁ ବିଜେ କରିଥିଲେ। ଏହାପରେ ବେଶ ହୋଇ ଭୋଗ ମଣୋହି କରାଯାଇଥିଲା। ବିଡିଆ ମଣୋହି ହୋଇ ଠାକୁରମାନେ ଭଉଁରୀ ଯାତ୍ରା କରିବା ପାଇଁ ଚାପକୁ ବିଜେ କରିଥିଲେ। ଠାକୁରମାନେ ଚାପଡଙ୍ଗାରେ ୨୧ ଘେରା ଲେଖାଏ ବୁଲିଥିଲେ। ଭଉଁରୀ ନୀତି ସରିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସୂଚନାଯୋଗ୍ୟ, କୋଭିଡ୍ କଟକଣା ପାଇଁ ଗତ ଦୁଇବର୍ଷ ହେବ ଏହି ଚନ୍ଦନ ଯାତ୍ରା ଦେଖିବାରୁ ଶ୍ରଦ୍ଧାଳୁ ବଞ୍ଚିତ ହେଉଥିଲେ। କିନ୍ତୁ ଚଳିତବର୍ଷ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାରେ ଭକ୍ତମାନେ ସାମିଲ ହୋଇଥିଲେ। ଭଉଁରୀ ଯାତ୍ରା ଅବସରରେ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିରଠାରୁ ନରେନ୍ଦ୍ର ପୁଷ୍କରିଣୀ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ପାରମ୍ପରିକ ବାଦ୍ୟ ତଥା ଭଜନ

ଆଜି ହଳଦୀପାଣି ନୀତି

କୀର୍ତ୍ତନ ପଟୁଆରରେ ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ପୁରୀର ବିଭିନ୍ନ ଯାଗା ଆଖଡ଼ା ପକ୍ଷରୁ ପାରମ୍ପରିକ ସମରକଳା ନୃତ୍ୟ ଯଥା ମେଢ଼, ବାଡ଼ିଖେଳ, ପର୍ଶୁରାମ ନାଗା, ନବ ଶିରା, ହନୁମାନ, କାଳୀମେଢ଼, ଖୋଲା ମେଢ଼ ଆଦି ବାହାରିଥିଲା। କୁନି କୁନି ପିଲାଙ୍କ ମେଢ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୋଟିପୁଅ, ଓଡ଼ିଶୀ, ଆଦି ପରିବେଷଣ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ସଂକୀର୍ତ୍ତନ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସିଂହଦ୍ୱାର, ବଡ଼ଦାଣ୍ଡ, ମାର୍କେଟଛକ ଓ ନରେନ୍ଦ୍ର ପୁଷ୍କରିଣୀ ସମେତ ବିଭିନ୍ନ ପ୍ରବେଶ ପଥରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ସୋମବାର ଠାକୁରଙ୍କ ହଳଦୀପାଣି ନୀତି ଅନୁଷ୍ଠିତ ହେବ।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶାରେ ଜାତି ଏବଂ ଗୋଷ୍ଠୀଗତ ହିଂସାର ରାଜ୍ୟସ୍ତରୀୟ ସମ୍ମିଳନୀ, ଲୋହିଆ ଏକାଡେମୀ, ୟୁନିଟ୍-୯, ପୂର୍ବାହ୍ନ ୧୦ଟା।
- କବି ଡ. ପ୍ରସନ୍ନ କୁମାର ନାୟକଙ୍କ ୩ଟି ପୁସ୍ତକ ଲୋକାର୍ପିତ ଓ ପାଲା ପରିବେଷଣ, ସରସ୍ୱତୀ ମଣ୍ଡପ, ସାମନ୍ତରାପୁର ଛକ, ସନ୍ଧ୍ୟା ୫ଟା ୩୦।
- ଓଡ଼ିଶା ଆଦିମ ଜନଜାତି ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ନୂତନ ଦୁର୍ଗା ମଣ୍ଡପ ପ୍ରତିଷ୍ଠା ଉତ୍ସବ ନିମନ୍ତେ ଅଷ୍ଟମୀ ପୂଜା, ବଙ୍ଗାଳିସାହି, ସକାଳ ୮ଟା।
- .ଜାତୀୟ ଆଦିବାସୀ ମେଳାର ଚତୁର୍ଥ ଦିବସ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୪ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧିକା ମୀନାକ୍ଷୀ ଦେବୀଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀ ଶ୍ରୀ ରାଧାମାଧବଙ୍କ ଚାପକ୍ରୀଡ଼ା, କୁଶଭଦ୍ରା ନଦୀ, ରାତି ୮ଟା। ଫ୍ରି ସେଲରେ ଯାତ୍ରା ପରିବେଷଣ, ବାଲିଅନ୍ତା ହାଟ ପଡ଼ିଆ, ରାତି ୧୧ଟା।
- ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ଚନ୍ଦନ ମହୋତ୍ସବ ୨୦୨୨ ଉପଲକ୍ଷେ ଚାପଖେଳ, କୁଆଖାଇ ନଦୀକୂଳ, ରାତି ୮ଟା। ଫ୍ରି ସେଲରେ ଅପେରା ପରିବେଷଣ ହରିଦାସପୁର ସ୍ୱପ୍ନେଶ୍ୱର ମନ୍ଦିର ପରିସର, ରାତି ୧୧ଟା।

ସାକ୍ଷୀଗୋପାଳଙ୍କ ଭଉଁରି ଯାତ୍ରା

ସାକ୍ଷୀଗୋପାଳ,୨୨।୫(ଡି.ଏନ୍.ଏ./ସ୍ୱ.ପ୍ର.): ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା ଉପଲକ୍ଷେ ରବିବାର ଚନ୍ଦନ ପୁଷ୍କରିଣୀ ଲୋକାରଣ୍ୟ ସହ ଚଳଚଞ୍ଚଳ ହୋଇ ଉଠିଥିଲା। ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା, ଦ୍ୱାରପାଳ, ସକାଳ ଧୂପ, ଚନ୍ଦନ ବେଶ, ଆଲଟ ଲାଗି ତ୍ରିପ୍ରହର ଧୂପ ସମାପନ କରାଯାଇ ବିଜେ ପ୍ରତିମା ମଦନମୋହନ ସୁସଜ୍ଜିତ ବିମାନରେ ଚନ୍ଦନ ମଣ୍ଡପକୁ ବୀଜେ କରିଥିଲେ। ଦିନ ଚାପରେ ପୁଷ୍କରିଣୀରେ ୩ ଘେରା ଓ ପ୍ରତ୍ୟେକ କୋଣରେ ୨୧ ଘେରା ଭଉଁରି ଖେଳିଥିଲେ। ପରେ ମଦନମୋହନଙ୍କ ଚନ୍ଦନସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଚନ୍ଦନ ମଣ୍ଡପରେ ନୃତ୍ୟ ପରିଷେଣ କରାଯାଇଥିଲା।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଜ୍ୟୋତିପ୍ରକାଶ

@ ଶୁଭ୍ରଜ୍ୟୋତି

@ ଭବାନୀ

@ ହରିଶ

@ ପ୍ରିନ୍ସ

ରାତିକରେ ୬୩ହଜାର ଜରିମାନା ଗଣିଲେ ୧୨୬ ମଦ୍ୟପ ଚାଳକ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ରାଜଧାନୀରେ ଯାଞ୍ଚ

ରାଜଧାନୀରେ ଅପରାଧ ଓ ନିଶାସକ୍ତ ଅବସ୍ଥାରେ ଗାଡିଚାଳନାଜନିତ ଦୁର୍ଘଟଣା ବଢ଼ିଚାଲିଛି। ଏହା ଉପରେ ରୋକ୍ ଲଗାଇବା ପାଇଁ ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ ଗତ ୮ ତାରିଖରୁ ରାତ୍ରିକାଳୀନ ଯାଞ୍ଚ କରାଯାଇ ମଦ୍ୟପ ଗାଡିଚାଳକଙ୍କଠାରୁ ୫ଶହ ଲେଖାଏ ଜରିମାନା ଆଦାୟ କରାଯାଉଛି। ଏଥିସହ ସେମାନଙ୍କୁ ସଚେତନତା ମଧ୍ୟ କରାଯାଉଛି। ତେବେ ଶନିବାର ରାତିରେ ବିଭିନ୍ନ ଥାନା ପକ୍ଷରୁ କରାଯାଇଥିବା ରାତ୍ରିକାଳୀନ ଯାଞ୍ଚରେ ୧୨୬ ଜଣ ମଦ୍ୟପ ଚାଳକ ଧରାପଡ଼ି ୬୩ ହଜାର ଟଙ୍କା ଜରିମାନା ଦେଇଛନ୍ତି। ଏନେଇ ଡିସିପି ଅଫିସ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଲିଙ୍ଗରାଜ, ଲକ୍ଷ୍ମୀସାଗର, ଖଣ୍ଡଗିରି, ଖାରବେଳନଗର ଓ ଶହୀଦନଗର ଥାନାରେ ସର୍ବାଧିକ ୧୦ ଜଣ ଲେଖାଏ ଏବଂ ଜଟଣୀ ଓ ଏୟାରପୋର୍ଟ ଥାନାରେ ସର୍ବନିମ୍ନ ଜଣେ ଲେଖାଏ ଧରାପଡ଼ି ଜରିମାନା ଗଣିଛନ୍ତି। ପ୍ରତ୍ୟେକ ଥାନାର ବଛାବଛା ଅଫିସରଙ୍କ ସମେତ ଆଇଆଇସି, ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାତ୍ରିକାଳୀନ ଏହି ଅଭିଯାନ ପରିଚାଳିତ ହେଉଛି। ଏହା ଆଗକୁ ମଧ୍ୟ ଜାରି ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ଦକ୍ଷିଣ ଓଡ଼ିଶାର କଳାସଂସ୍କୃତି, କୀର୍ତ୍ତିରାଜି, ଖାଦ୍ୟ ସ୍ୱତନ୍ତ୍ରତାର ପ୍ରସାର ହେବ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା

ଦକ୍ଷିଣ ଓଡ଼ିଶାର କଳା ସଂସ୍କୃତି, ଐତିହ୍ୟ ଓ କୀର୍ତ୍ତିରାଜି, ସାମାଜିକ ଚାଲିଚଳନ, ଖାଦ୍ୟର ସ୍ୱତନ୍ତ୍ରତା ଅନନ୍ୟ। ଏହାକୁ ଦେଶ ଓ ବିଦେଶରେ ଆଦୃତ କରାଯିବ। ଏସବୁର ପ୍ରଚାର, ପ୍ରସାର କରିବ ଦକ୍ଷିଣ ଉନ୍ନୟନ ପରିଷଦ। ଏଥିସହ ଦକ୍ଷିଣ ଓଡ଼ିଶା ସହ ରହିଥିବା ବିଭିନ୍ନ ସମସ୍ୟାର ମଧ୍ୟ ସମାଧାନ ପାଇଁ ପ୍ରୟାସ କରାଯିବ ବୋଲି ପରିଷଦ ସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି। ଦକ୍ଷିଣ ଓଡିଶାର ବହୁବିଧ ପ୍ରସଙ୍ଗ ଲୋକଲୋଚନକୁ ଆଣିବା ସହ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡା, ଗଜପତି, କନ୍ଧମାଳ ଓ ଗଞ୍ଜାମର ବିକାଶ ତଥା ସମସ୍ୟାର ସମାଧାନ ପାଇଁ ପରିଷଦ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ଲକ୍ଷ୍ମଣ ନାୟକ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରି ବକ୍ସିପାତ୍ର କହିଲେ, ଦକ୍ଷିଣ ଓଡ଼ିଶାର ପ୍ରତିଭାମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ ହେବ। ଆଗାମୀ ଓଡିଶା ବିଜ୍ଞାନ କଂଗ୍ରେସ (୨୨-୨୩) ଦକ୍ଷିଣ ଓଡିଶାରେ କରାଇବା ପାଇଁ ପରିଷଦ ଦାୟିତ୍ୱ ନେବ। ଦକ୍ଷିଣ ଓଡିଶାର ପ୍ରମୁଖ ୫ନଦୀ ଜଳର ସୁପରିଚାଳନା, କୃଷି, ରେଳ, ସଡକ ପଥର ଉନ୍ନତି ସହ ରାଜସ୍ୱ ଅଭିବୃଦ୍ଧି, ସୀମା, ଜଳ, ଖଣି, ପାଣି, ଜଙ୍ଗଲ ଜମିର ସୁରକ୍ଷା ଓ ସ୍ୱତ୍ୱାଧିକାରୀତାର ଉନ୍ନତି କରିବା ପାଇଁ ସଂଗଠନ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ କୋଟିଆ ସମେତ ଆନ୍ଧ୍ର ସୀମାରେ ଥିବା ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳର ସ୍ଥାୟୀ ସମାଧାନ, ବଂଶଧାରା ଉପରମୁଣ୍ଡରେ ଜଳପ୍ରକଳ୍ପ ନିର୍ମାଣ, ଗୁଣପୁର ଥେରୁବାଲି ରେଳ ପ୍ରକଳ୍ପ ନିର୍ମାଣ, ରେଲ୍‌ୱେ ରାୟଗଡା ଡିଭିଜନ କାର୍ଯ୍ୟକାରିତା, ପାରଳାଖେମୁଣ୍ଡିରେ ହୋଇଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ଐତିହାସିକ ମାନ୍ୟତା, ଗଜପତି ଜିଲାର ମହେନ୍ଦ୍ରଗିରିରେ ଜୈବ ସଂରକ୍ଷଣ ମଣ୍ଡଳ ଗଠନ, ସଉରା ଲିପିକୁ ସାମ୍ବିଧାନିକ ମାନ୍ୟତା, ଦକ୍ଷିଣ ଓଡ଼ିଶାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ଓ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଆଦିକୁ ନେଇ କାର୍ଯ୍ୟ କରିବାକୁ ସାର୍ବଜନୀନ ଭାବରେ ବୈଠକରେ ସଂକଳ୍ପ ପାରିତ ହେଲା। ପରିଷଦ ଉପସଭାପତି ପ୍ରଫେସର ରାମଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଇଂ. ବିପିନ ବିହାରି ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ବିଜୟ ଚନ୍ଦ୍ର ଅଧିକାରୀ ପରିଷଦର ଆର୍ଥିକ ହିସାବ ଉପସ୍ଥାପନ କରିଥିଲେ। ପରିଷଦର ପାରଳା ଖେମୁଣ୍ଡି ଶାଖା ଆବାହକ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ରାୟଗଡା ଆବାହକ ଡଃ. ଦୁଷ୍ମନ୍ତ ମହାନ୍ତି, ଗୁଣପୁର ସଦସ୍ୟ ବ୍ରହ୍ମାନନ୍ଦ ପଟ୍ଟନାୟକ, ପୂର୍ବତନ ସଭାପତି ଜଗଦୀଶ ଚନ୍ଦ୍ର ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସାଇ ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଉତ୍କଳ ରଙ୍ଗମଞ୍ଚଠାରେ ରବିବାର ଅନୁଷ୍ଠିତ ଜାତୀୟ ନୃତ୍ୟ ମହୋତ୍ସବ 'ନୃତ୍ୟ ମୋହିନୀ'ରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କଳିଙ୍ଗ ସାଂସ୍କୃତିକ ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ଭୁବନେଶ୍ୱର ଉତ୍କଳ ଦୃଷ୍ଟିହୀନ ମହାସଂଘଠାରେ ଅନୁଷ୍ଠିତ ଇଦ୍ ମିଲନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଏଭେରେଷ୍ଟ ବିଜୟୀ ଓଡ଼ିଆ ପର୍ବତାରୋହୀ ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟ ଓଡ଼ିଶାରେ ପହଞ୍ଚିବା ପରେ ରବିବାର ଭୁବନେଶ୍ୱର ରାମେଶ୍ୱର ମନ୍ଦିରରେ ସମ୍ବର୍ଦ୍ଧିତ କରାଯାଉଛି।

ସଂକ୍ଷେପରେ

୧୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର,୨୨।୫(ବ୍ୟୁରୋ): ଭୁବନେଶ୍ୱରସ୍ଥିତ ହାଇଟେକ ଛକରେ ବ୍ରାଉନସୁଗାର ବେପାର କରୁଥିବାବେଳେ ମଞ୍ଚେଶ୍ୱର ଥାନା ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ କଳାରାହଙ୍ଗ ତନ୍ତି ସାହିର କୃଷ୍ଣଚନ୍ଦ୍ର ନାଥ (୨୭)। ତାଙ୍କଠାରୁ ୧୦ ଗ୍ରାମର ବ୍ରାଉନସୁଗାର, ୨ ମୋବାଇଲ ଫୋନ ଓ ୨୩ ହଜାର ୩୮୦ ଟଙ୍କା ଜବତ କରାଯାଇଛି। ଏଥିସହ ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା (ନଂ.୧୬୫/୨୨) ରୁଜୁ କରି ରବିବାର ଅଭିଯୁକ୍ତ କୃଷ୍ଣଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ

ଭୁବନେଶ୍ୱର,୨୨।୫(ବ୍ୟୁରୋ): ବିନ୍ଦୁ ସାହିତ୍ୟ ସମାଜ, ଭୁବନେଶ୍ୱର ପକ୍ଷରୁ ସପ୍ତମ ବାର୍ଷିକୋତ୍ସବ ଓ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ୮୦ତମ ଜୟନ୍ତୀ ରେଡ୍‌କ୍ରସ ଭବନର ସଭା ଗୃହରେ ରବିବାର ପାଳନ ହୋଇଯାଇଛି। ଅନୁଷ୍ଠାନର ସଭାପତି ବାଉରିବନ୍ଧୁ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କବି ସ୍ୱପ୍ନା ବେହେରା, ସାହିତ୍ୟିକ ଭକ୍ତ ଚରଣ ମଲ୍ଲ ଉତ୍ସବ ସଂଚାଳନ କରିଥିଲେ। ବିନ୍ଦୁ ସାହିତ୍ୟ ସମାଜର ମୁଖପତ୍ର 'ବିନ୍ଦୁ' ଓ ପ୍ରଫେସର ନିତ୍ୟାନନ୍ଦଙ୍କ ୮୦ତମ ଜୟନ୍ତୀ ଉଦ୍ଦେଶ୍ୟରେ ପ୍ରସ୍ତୁତ ସ୍ମରଣିକା 'ଶ୍ରଦ୍ଧାବାନ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଗାଳ୍ପିକା ସୁଷମା ପରିଜାଙ୍କ 'ଗୋଟିଏ ଶୀତ ରାତିର ସ୍କେଚ' ସୁସାହିତ୍ୟିକ ରୋହିଣି କୁମାର ବେହେରାଙ୍କ 'ପୋଏଟିକ୍ ଫ୍ରାଗ୍ମାନ୍ସ' ଅତିଥିଙ୍କ ଦ୍ୱାରା ପାଠକାର୍ପଣ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡ. ଶଶି ଭୂଷଣ ମହାପାତ୍ର ଅତିଥି ପରିଚୟ ଓ ଅରୁଣ କୁମାର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ଅମ୍ବିକା ସ୍ୱାଇଁ ଓ ସୁଚେତା ନନ୍ଦଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା।

କାର୍ ଧକ୍କାରେ ୨ ଛାତ୍ର ଗୁରୁତର

ବୋଲଗଡ଼,୨୨।୫ (ଡି.ଏନ୍.ଏ.): ବୋଲଗଡ଼ ଥାନା ପଞ୍ଚୁକୋଟ ଗ୍ରାମ ନିକଟ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥରେ ରବିବାର ଏକ କାର୍ ଧକ୍କାରେ ଦୁଇଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପଞ୍ଚୁକୋଟ ଗ୍ରାମର ଟାଙ୍ଗୀସାହି ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ୧୦ମ ଶ୍ରେଣୀ ଛାତ୍ର ଶୁଭମ ମହାରଣା ଏବଂ ଶକ୍ତିରଞ୍ଜନ ଦଳାଇ। ଚିକିତ୍ସା ପାଇଁ ଉଭୟଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ପ୍ରତ୍ୟେକ ଦିନ ଭଳି ସାଇକେଲରେ ଛାତ୍ରଦ୍ୱୟ ଭୋର ୫ଟାରେ ଟ୍ୟୁଶନ ପାଇଁ ଟାଙ୍ଗୀସାହି ଯାଉଥିଲେ। ଏହି ସମୟରେ ବରଗଡ଼ରୁ ପୁରୀ ଅଭିମୁଖେ ଯାଉଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇ ବିଲକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟ ଛାତ୍ରଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ବିଏମ୍‌ସି କାର୍ଯ୍ୟକ୍ରମରେ ମହିଳାଙ୍କ ସହଭାଗିତା ବୃଦ୍ଧି

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ସହରାଞ୍ଚଳର ବିକାଶ ଓ ସୌନ୍ଦର୍ଯ୍ୟକରଣରେ ଏବେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମହିଳାକୁ କର୍ମ ଯୋଗାଣ ଭିତ୍ତିରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାରେ ନିୟୋଜିତ କରାଯାଇଛି। ପରିମଳଠାରୁ ଆରମ୍ଭ କରି ପରିବେଶ, ସୌନ୍ଦର୍ଯ୍ୟକରଣ, ନିର୍ମାଣ, ରାଜସ୍ୱ ଆଦାୟ ଆଦି ବିଭିନ୍ନ କାର୍ଯ୍ୟରେ ମହିଳାଙ୍କ ସହାଭାଗିତା ବୃଦ୍ଧି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ରବିବାର ଅନୁଷ୍ଠିତ ମୁକ୍ତା କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ କହିଛନ୍ତି। ମହାନଗରରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ମହିଳାଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ସେମାନଙ୍କ ଅଂଶଗ୍ରହଣକୁ ଅଧିକ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ସହରାଞ୍ଚଳ ଏସଏଚ୍‌ଜିକୁ ସାମିଲ କରିଛନ୍ତି। ଏହାଦ୍ୱାରା ୧ହଜାର ଏସ୍‌ଏଚ୍‌ଜି ସରକାରୀ କାର୍ଯ୍ୟକ୍ରମରେ ନିୟୋଜିତ ହୋଇ ପାରୁଛନ୍ତି। ୩୦୬୩ଟି 'ବୃଷ୍ଟିଜଳ ଅମଳ ପ୍ରକଳ୍ପ'ରେ ୫ଶହରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି କାର୍ଯ୍ୟାଦେଶ ପାଇ କାମ କରୁଛନ୍ତି। 'ମୁକ୍ତା' କାର୍ଯ୍ୟକ୍ରମର ଅନ୍ୟ ପ୍ରକଳ୍ପଗୁଡ଼ିକ ଯଥା ରାସ୍ତାକଡ, ମୁକ୍ତାକାଶ ବ୍ୟାୟାମଶାଳା, ପାର୍କିଂ ବିକାଶ, ଚଲାପଥ ବିକାଶ, ଖେଳ ପଡ଼ିଆ, ଜଳାଶୟ, ମଡ଼େଲ ଭେଣ୍ଡିଂ ଜୋନ୍ ଇତ୍ୟାଦିରେ ମହିଳା ଏସ୍‌ଏଚ୍‌ଜିଙ୍କ ସଂପୃକ୍ତି ରହିଛି। ମହିଳାଙ୍କ ଅଂଶଗ୍ରହଣ 'ମୁକ୍ତା'ର ଏକ ମୁଖ୍ୟ ନିଦର୍ଶନ ବୋଲି ମେୟର ଦାସ କହିଛନ୍ତି। ଉଲ୍ଲେଖ ଯୋଗ୍ୟ, ୧୦ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ପ୍ରକଳ୍ପ କେବଳ ଏସ୍‌ଏଚ୍‌ଜି ମାଧ୍ୟମରେ କରାଯାଇ ମହିଳା ସଶକ୍ତୀକରଣକୁ ଆଗେଇ ନେବାର ବ୍ୟବସ୍ଥା କରିଛି ବିଏମ୍‌ସି। ଏଥିସହ ପରିମଳ ଓ ଆହାର କେନ୍ଦ୍ର ପରିଚାଳନାରେ ୧୧୭ ଏସ୍‌ଏଚ୍‌ଜ ଏବଂ ୫ ମହିଳା ମହାସଂଘର ଯୋଗଦାନ ରହିଛି। ଅନ୍ୟପକ୍ଷରେ ୭୭ କଲୋନୀ ପାର୍କ ମଧ୍ୟରୁ ୪୦ ପାର୍କ ମହିଳା ଏସ୍‌ଏଚ୍‌ଜି ପରିଚାଳନା କରୁଛି। ରାଜସ୍ୱ ଆଦାୟ ପାଇଁ ୬୭, ଜଳସାଥୀ ଭାବରେ ୬୭ ଗ୍ରୁପ୍‌କୁ ଦାୟିତ୍ୱ ଦିଆଯାଇଛି। ବର୍ଜ୍ୟବସ୍ତୁ ପରିଚାଳନାରେ ୩୦୦ ମହିଳା ନିୟୋଜିତ ଅଛନ୍ତି। ମଳ ପରିଚାଳନା ପ୍ଲାଣ୍ଟ ଦାୟିତ୍ୱ ଓ ବିଦ୍ୟୁତ୍ ବିଲ୍ ସଂଗ୍ରହରେ ସେମାନଙ୍କ ସହଭାଗିତା ରହିଛି। ବିଏମ୍‌ସି ଅଧୀନରେ ୫୦୩୨ ଗ୍ରୁପ୍ ନିବନ୍ଧିତ ଅଛି। ଏମାନଙ୍କ ମଧ୍ୟରୁ ୩୬୫୮ ସଂଘକୁ ୧୦ ହଜାର ଲେଖାଏ ଘୂର୍ଣ୍ଣାୟମାନ ପାଣ୍ଠି ଦିଆଯାଇଛି। ବ୍ୟାଙ୍କ୍ ସଂଯୋଗୀକରଣ ମାଧ୍ୟମରେ ୩୬୮ ଗ୍ରୁପ୍‌କୁ ବିଭିନ୍ନ ଧନମୂଳକରଣ ବ୍ୟବସ୍ଥା କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ମାହାଙ୍ଗା,୨୨।୫(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ ଯୌତୁକ ପାଇଁ ବଧୂହତ୍ୟା ହୋଇଥିବା ରବିବାର ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଗ୍ରାମର ରମେଶ ବେହେରାଙ୍କ ସ୍ତ୍ରୀ କୁନ୍ତୀ ଦଳାଇ। ଏନେଇ ମୃତକଙ୍କ ନଣନ୍ଦେଇ କାଳିଆ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୮ରେ ସମସରପୁର ଗ୍ରାମର ସ୍ୱର୍ଗତ ଭରତ ଦଳାଇଙ୍କ ଝିଅ କୁନ୍ତୀ ସହ ରମେଶଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ପରେ ସେମାନଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଏହାପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି କୁନ୍ତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ବାପଘର ପକ୍ଷରୁ ବୁଝାଶୁଝା କରାଯିବା ସହ ଯୌତୁକ ଅର୍ଥ ପ୍ରଦାନ କରାଯିବ ବୋଲି କହିଥିଲେ। ମାତ୍ର ଏହା ଦିଆ ନ ଯିବାରୁ ଶାଶୁଘର ଲୋକେ କୁନ୍ତୀଙ୍କୁ ହତ୍ୟା କରି ଛାତ କଡ଼ିଆରେ ଟାଙ୍ଗି ଦେଇଛନ୍ତି ବୋଲି ଅଭିଯୋଗ କରାଯାଇଛି।

ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ବିକ୍ଷୋଭ

ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଶିକ୍ଷା ବଞ୍ଚାଅ–ଓଡ଼ିଶା ବଞ୍ଚାଅ ଅଭିଯାନ ପକ୍ଷରୁ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ପୁସ୍ତକରେ ବିଭିନ୍ନ ତ୍ରୁଟି ନିନ୍ଦନୀୟ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଲର୍ନିଂ ରିକଭରି ପ୍ଲାନ ପ୍ରଣୟନରେ ୭୦କୋଟି ଟଙ୍କା ବିନିଯୋଗରେ ନୂଆ ପାଠ୍ୟ ପୁସ୍ତକ ଛପା ଯାଉଛି। ହେଲେ ସେଥିରେ ଏକାଧିକ ତ୍ରୁଟି ରହିବା ଦୁର୍ଭାଗ୍ୟଜନକ। ସ୍କୁଲ ପିଲାଙ୍କ ପଠନ ପୁସ୍ତକରେ ଛବି ମାଧ୍ୟମରେ ରାଜ୍ୟର ଐତିହାସିକ କଳାକୃତି, ଦର୍ଶନୀୟ ସ୍ଥାନ ଓ ମହାପୁରୁଷମାନଙ୍କ ଛବି ପରିବର୍ତ୍ତେ କୁରକୁରେ, ପାର୍ଲେଜି, ଫୁଟି, ହର୍ଲିକ୍ସ, ଡାଏରୀ ମିଲ୍କ ଆଦିର ଫଟୋ ଓ ବୃକ୍ଷ ଛବିରେ ପାକସ୍ଥଳୀ ଲେଖାଥିବା ଦର୍ଶାଯିବା ଗଣଶିକ୍ଷା ବିଭାଗର ଅଣଓଡ଼ିଆ ବିଚାରକୁ ଓ ଖାମଖିଆଲି ଭାବକୁ ପ୍ରଦର୍ଶିତ କରୁଛି। କରୋନାବେଳେ ଲକ୍ଷାଧିକ ପିଲା ଶିକ୍ଷାରୁ ଦୂରେଇ ଯାଇ ଶିଶୁ ଶ୍ରମିକ ପାଲଟୁଛନ୍ତି। ଏହି ସମୟରେ ପିଲାଙ୍କୁ ପୁନଶ୍ଚ ଶ୍ରେଣୀଗୃହକୁ ଫେରାଇ ଆଣିବା ପାଇଁ ରାଜ୍ୟ ଶିକ୍ଷା ବିଭାଗ ଆନ୍ତରିକତା ନ ଦେଖାଇ ବ୍ରିଜ୍ କୋର୍ସ ଭଳି ଯୋଜନା କରି ପ୍ରହସନ ଚଳାଇଛନ୍ତି। ଏହି ତ୍ରୁଟିପୂର୍ଣ୍ଣ ପୁସ୍ତକ ରଦ୍ଦ ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ଏବଂ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଶିକ୍ଷା ବଞ୍ଚାଅ ଓଡ଼ିଆ ବଞ୍ଚାଅ ଅଭିଯାନ ପକ୍ଷରୁ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନଠାରେ ରବିବାର ବିକ୍ଷୋଭ ପ୍ରଦଶନ କରାଯାଇଥିଲା। ବିକ୍ଷୋଭରେ ସଂଘମିତ୍ରା ଜେନା, ନମିତା ଦାସ, ସଞ୍ଜୟ ଗିରି, ମନୋଜ କର, ମନୋରଞ୍ଜନ ରାଉତ, ରାଜେଶ୍ୱରୀ ନାୟକ ଓ ଜୀବନବନ୍ଧୁ ଭୋଇଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ ଉପସ୍ଥିତ ଥିଲେ।

ପ୍ରହସନ ବ୍ରିଜ୍ କୋର୍ସ

ସ୍ତ୍ରୀଙ୍କ ବେକ କାଟି ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥ ନଗରରେ ପାରିବାରିକ କଳହକୁ ନେଇ ମଦ୍ୟପ ସ୍ୱାମୀର ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ସ୍ତ୍ରୀଙ୍କ ବେକକୁ ବ୍ଲେଡ୍‌ରେ କାଟି ହତ୍ୟା ଉଦ୍ୟମ କରିଥିବା ସମ୍ପୃକ୍ତ ସ୍ୱାମୀକୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ରଘୁନାଥନଗର ସୁକବିହାରରେ ରହୁଥିବା ନୟାଗଡର ସୋମନାଥ ମଲ୍ଲିକ(୩୮)। ଏନେଇ ପୋଲିସ ଏକ ମାମଲା (ନଂ.୨୬୪/୨୨) ରୁଜୁକରି ଅଭିଯୁକ୍ତକୁ ରବିବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସୋମନାଥ ସ୍ଥାନୀୟ ସୁକବିହାରରେ ସ୍ତ୍ରୀ ବନ୍ଦନା ମଲ୍ଲିକ ଓ ପିଲାଙ୍କୁ ନେଇ ରୁହନ୍ତି। ରବିବାର ସକାଳେ ଘରୋଇ କଳିକୁ ନେଇ ସୋମନାଥ ସ୍ତ୍ରୀଙ୍କ ବେକକୁ ଏକ ବ୍ଲେଡ୍‌ରେ କାଟିଦେଇଥିଲେ। ଫଳରେ ବନ୍ଦନା ଗୁରୁତର ହୋଇପଡ଼ିଥିଲେ। ପଡୋଶୀ ଲୋକେ ଏହାଦେଖି ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କ ଅଭିଯୋଗକ୍ରମେ ପୋଲିସ ସ୍ୱାମୀ ସୋମନାଥକୁ ଗିରଫ କରିଥିଲା। ସେ ନିଜ ଭୁଲ୍ ସ୍ୱୀକାର କରିଥିବା ପୋଲିସ କହିଛି।

ଜେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ବାରଙ୍ଗ,୨୨।୫(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ଜରିପାଟଣା ଗାଁରେ ମା' ସୁନାଦେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜେପିଏଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦିନିକିଆ ଏହି ଟୁର୍ନାମେଣ୍ଟରେ ଅଯୋଧ୍ୟା ୱାରିୟର, ସାଇଲେଣ୍ଟକିଲର ଓ ମହାବୀର ଫାଇଟର ନାମକ ତିନୋଟି ଟିମ୍ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟରେ ଅଯୋଧ୍ୟା ୱାରିୟର ଚାମ୍ପିୟନ ହୋଇଥିବାବେଳେ ସାଇଲେଣ୍ଟ କିଲର ରନର୍ସଅପ୍ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ତଥା ପୂର୍ବତନ ସରପଞ୍ଚ ସୁବ୍ରତ ମହାପାତ୍ର ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ବେହେରା, କୈଳାସ ସାହୁ, ଝୁଲିଆ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

ଅଯୋଧ୍ୟା ୱାରିୟର ଚାମ୍ପିୟନ

ବ୍ୟବସାୟୀଙ୍କୁ ଦାଦାବଟି ମାଗି ଯୁବକ ଗିରଫ

- ଖଣ୍ଡଗିରିରେ ଗୋଟିଏ, ଭରତପୁର ଥାନାରେ ୨ ମାମଲା ରହିଛି
- ସିଆର୍‌ପିସି ଧାରା ୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ମୋ ନା ନିଲୁ। ମୁଁ ଏ ଅଞ୍ଚଳର ଡନ୍। ବଟି ଦିଅ ନ ହେଲେ କିଛି ଭଲ ହେବନି। ଗୁଳି କରିଦେବି। ଲୋକଙ୍କୁ ଏମିତି ଧମକ ଦେଉଥିବା ଜଣେ ଯୁବକଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଭରତପୁର ଅଞ୍ଚଳର ନିଲୁ ନାୟକ (୨୩)। ଦେବୀପ୍ରସାଦ ମିଶ୍ର ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ ୨୦୦/୨୨) ରୁଜୁ କରି ରବିବାର ତାଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଦେବୀପ୍ରସାଦଙ୍କର ଭରତପୁରରେ ଏକ ରେଷ୍ଟୁରାଣ୍ଟ ରହିଛି। ଅଭିଯୁକ୍ତ ନିଲୁ ଓ ତାଙ୍କ ବଡ ଭାଇ ପ୍ରାୟ ସମୟରେ ତାଙ୍କଠାରୁ ଧମକାଇ ଟଙ୍କା ନେଇଥାନ୍ତି। ବିଭିନ୍ନ ସମୟରେ ଧମକ ଦେଇ ଦାଦାବଟି ଆକାରରେ ୫୦ ହଜାର ଟଙ୍କା ନେବା ପରେ ଶନିବାର ସକାଳେ ଅଭିଯୁକ୍ତ ନିଲୁ ପୁଣି ତାଙ୍କ ରେଷ୍ଟୁରାଣ୍ଟକୁ ଯାଇ ଆଉ ଲକ୍ଷେ ଟଙ୍କା ଦାଦାବଟି ମାଗିଥିଲେ। ଦେବୀପ୍ରସାଦ ଟଙ୍କା ଦେବାକୁ ମନା କରିବାରୁ ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ରାତି ୧୦ଟା ସୁଦ୍ଧା ତାଙ୍କ ପାଖରେ ଟଙ୍କା ନ ପହଞ୍ଚିଲେ ତାଙ୍କ ସହ ପରିବାର ସଦସ୍ୟଙ୍କୁ ଗୁଳିକରି ମାରିଦିଆଯିବ ବୋଲି ଧମକ ଦେଇଥିଲେ। ଏନେଇ ସେ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଚଢାଉ କରି ନିଲୁଙ୍କୁ ଗିରଫ କରିଛି । ଏମାନେ କେବଳ ଦେବୀପ୍ରସାଦଙ୍କଠାରୁ ନୁହେଁ, ଅନ୍ୟ ଦୋକାନୀ ଓ ବ୍ୟବସାୟୀଙ୍କଠାରୁ ମଧ୍ୟ ଦାଦା ବଟି ଆଦାୟ କରୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ଏଥିସହ ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ଖଣ୍ଡଗିରି ଥାନାରେ ଗୋଟିଏ ଓ ଭରତପୁର ଥାନାରେ ୨ଟି ମାମଲା ରହିଛି। ଅଭିଯୁକ୍ତ ଜଣକ ଅଭ୍ୟାସଗତ ଭାବରେ ବିଭିନ୍ନ ମାମଲାରେ ଜଡିତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି ଧାରା–୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବାର ବନ୍ଦୋବସ୍ତ କରାଯାଉଛି ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି।

ଶ୍ରୀରାମଲୀଳା ମଣ୍ଡପର ଭୂମି ପୂଜା

ବାରଙ୍ଗ,୨୨।୫(ଡି.ଏନ୍.ଏ.)

ବାରଙ୍ଗ ଅଞ୍ଚଳର ଅଗ୍ରଣୀ ରାମଲୀଳା ଅନୁଷ୍ଠାନ ମଧୁପୁରର ଶ୍ରୀଶ୍ରୀ ସୀତାକାନ୍ତ ରାମଲୀଳା ସମିତି ପାଇଁ ମଧୁପୁର ଗ୍ରାମ୍ୟ କମିଟି ତରଫରୁ ରବିବାର ସକାଳେ ଶ୍ରୀରାମଲୀଳା ମଣ୍ଡପର ଭୂମି ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଭୂମି ପୂଜା ଉତ୍ସବରେ ଗାଁର ମୁରବୀମାନେ ଯୋଗଦେଇ ରାମଲୀଳା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବହୁ ଲୋକ ପ୍ରତିନିଧିଙ୍କ ସହ ଆଖପାଖ ଗାଁର ମୁରବୀମାନେ ଯୋଗଦଇଥିଲେ। ସନ୍ଧ୍ୟାରେ ଗ୍ରାମ୍ୟ କମିଟି ତରଫରୁ ରାମଲୀଳା ସମିତିର ଯୁବକମାନଙ୍କ ଦ୍ୱାରା ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

ବିଭୂତି ସଭାପତି, ରବି ସାଧାରଣ ସମ୍ପାଦକ

ଖୁଣ୍ଟୁଣୀ,୨୨।୫(ଡି.ଏନ୍.ଏ.)

ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଖୁଣ୍ଟୁଣୀସ୍ଥିତ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବ

ପର୍ଶୁରାମ କୁଣ୍ଡକୁ ରେଳ ସଂଯୋଗ ଖୁବ୍‌ଶୀଘ୍ର

ଦେଶର ଅନ୍ୟତମ ହିନ୍ଦୁ ତୀର୍ଥକ୍ଷେତ୍ର ଅରୁଣାଚଳପ୍ରଦେଶର ପର୍ଶୁରାମ କୁଣ୍ଡକୁ ଖୁବ୍‌ଶୀଘ୍ର ରେଳ ସଂଯୋଗ ହେବାକୁ ଯାଉଛି। ଦେଶର ଶେଷ ପ୍ରାନ୍ତ ପର୍ଯ୍ୟନ୍ତ ସଡ଼କ ନେଟ୍‌ୱର୍କ ରହିଥିବାବେଳେ ପର୍ଶୁରାମ କ୍ଷେତ୍ର ରେଳପଥରେ ସଂଯୋଗ ହେବାକୁ ଯାଉଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ସୂଚନା ଦେଇଛନ୍ତି।

ମୁହଁ ଢାଙ୍କିବାକୁ ବାଧ୍ୟହେଲୁ

ତାଲିବାନ ଆଗରେ ହାର୍ ମାନିଲେ ଆଫଗାନ୍ ଉପସ୍ଥାପିକା

ଟୋଲୋ ନ୍ୟୁଜ୍‌ର ସୋନିଆ ନିଆଜି।

କାବୁଲ, ୨୨।୫

ତାଲିବାନୀ କଟକଣା ଆଗରେ ଶେଷରେ ହାର ମାନିଛନ୍ତି ଆଫଗାନ୍ ମହିଳା। ଗତବର୍ଷ ଅଗଷ୍ଟ ୧୫ରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ତାଲିବାନ୍ କାବୁଲ ଦଖଲ କରିଥିବାବେଳେ ମହିଳାମାନେ ପ୍ରଥମେ ଦୃଢ଼ ବିରୋଧ କରିଥିଲେ। ନିକଟରେ ତାଲିବାନୀ ଶାସକ ମହିଳା ଟିଭି ଉପସ୍ଥାପିକାମାନଙ୍କ ଉଦ୍ଦେଶ୍ୟରେ ବୁର୍ଖା ପିନ୍ଧିବା ପାଇଁ ଫତୱା ଜାରି କରିଥିଲେ। ଉପସ୍ଥାପିକାମାନେ ଏହାକୁ ଭୂକ୍ଷେପ କରି ନ ଥିଲେ। କିନ୍ତୁ ରବିବାର ଅନେକ ଉପସ୍ଥାପିକା ନିଜ ମୁହଁ ଢାଙ୍କି ଖବର ପରିବେଷଣ କରିଥିଲେ। ପ୍ରଥମେ ଆମେ ଏହାକୁ ବିରୋଧ କରିଥିଲୁ। କିନ୍ତୁ ମୁହଁ ନ ଢାଙ୍କିଲେ ଚ୍ୟାନେଲରୁ ବାହାର କରି ଦିଆଯିବ ବୋଲି ଆମକୁ କୁହାଯାଇଥିଲା। ଟିଭି ଚ୍ୟାନେଲଗୁଡ଼ିକ ଉପରେ ମଧ୍ୟ ଚାପ ବଢୁଛି। ତେଣୁ ସେମାନେ ବାଧ୍ୟ ହୋଇ ମୁହଁ ଢାଙ୍କିଥିବା ଟୋଲୋ ନ୍ୟୁଜ୍‌ର ସୋନିଆ ନିଆଜି କହିଛନ୍ତି। ସୋନିଆଙ୍କ ଭଳି ଆରିଆନା ଟିଭି, ଶମ୍‌ଶାଦ୍ ଟିଭି ଏବଂ ୱାନ୍ ଟିଭିର ଉପସ୍ଥାପିକାମାନେ ମଧ୍ୟ ସେମାନଙ୍କ ମୁହଁ ଘୋଡ଼ାଇ କାର୍ଯ୍ୟକ୍ରମ ଉପସ୍ଥାପନ କରିଛନ୍ତି। ପୂର୍ବରୁ ଆଫଗାନିସ୍ତାନର ମହିଳାଙ୍କୁ ନ୍ୟୁଜ୍ ପଢ଼ିବାବେଳେ କେବଳ ହେଡ୍‌ସ୍କାର୍ଫ ପିନ୍ଧିବାକୁ ପଡୁଥିଲା। ଇତିମଧ୍ୟରେ ଉପସ୍ଥାପିକାମାନଙ୍କ ସମର୍ଥନରେ ଟୋଲୋ ନ୍ୟୁଜ୍ ସମେତ ଅନ୍ୟ କେତେକ ଚ୍ୟାନେଲର ପୁରୁଷ କର୍ମଚାରୀ ଏବଂ ଖବରଦାତା ମଧ୍ୟ ମୁହଁ ଢାଙ୍କି ପ୍ରତିବାଦ ଜଣାଇଥିଲେ। ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଡ୍ରେସ୍‌କୋଡ୍ ପାଳନ କରିଥିବାରୁ ତାଲିବାନ୍ ସରକାରଙ୍କ ମୁଖପାତ୍ର ମହମ୍ମଦ ଅକିବ୍ ସାଦିକ୍ ମହଜିର ପ୍ରଶଂସା କରିଛନ୍ତି। ତାଲିବାନ୍ କର୍ତ୍ତୃପକ୍ଷ ଟିଭି ଉପସ୍ଥାପିକାମାନଙ୍କ କାର୍ଯ୍ୟକୁ ବିରୋଧ କରୁ ନ ଥିବା ସେ କହିଛନ୍ତି।

ତାଲିବାନ୍‌ର ଏହି କଠୋର ନିର୍ଦ୍ଦେଶ କେବଳ ଉପସ୍ଥାପିକାମାନଙ୍କ ପାଇଁ ନୂଆ କରି ହୋଇନାହିଁ। ଗତବର୍ଷ କ୍ଷମତାକୁ ଆସିବା ପରେ ମହିଳା ଓ ଶିଶୁକନ୍ୟାଙ୍କ ଅଧିକାର ପାଇଁ ଲଢ଼େଇ କରୁଥିବା କର୍ମୀ ଏପରିକି ଜାତିସଂଘ ମିଶନରେ କାମ କରୁଥିବା ପ୍ରତିନିଧିଙ୍କୁ ମଧ୍ୟ ଅନୁରୂପ ନିର୍ଦ୍ଦେଶ ଦେଇଥିଲା ଏହି ଆତଙ୍କବାଦୀ ସଙ୍ଗଠନ। ଚଳିତମାସ ସୁପ୍ରିମ ଲିଡର ହବିବୁଲ୍ଲା ଅଖୁନ୍ଦଜାଦା ସର୍ବସାଧାରଣରେ ମହିଳାମାନେ ପାରମ୍ପରିକ ବୁର୍ଖା ପରିଧାନ କରିବେ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନକୁ ୨ ଦଶନ୍ଧି ଧରି ସୈନ୍ୟ ଛାଉଣୀ କରି ରଖିଥିବା ଆମେରିକା ସେଠାରୁ ଫେରିବା ପରେ ଆଫଗାନ୍ ମହିଳାଙ୍କ ଦୁର୍ଦ୍ଦଶା ବଢ଼ିଛି। ସେମାନଙ୍କ ଉପରେ ଜାରି କରିଥିବା କଟକଣା ପ୍ରତ୍ୟାହାର ନ କଲେ ତାଲିବାନ୍ ସରକାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ୱାଶିଂଟନ୍ କହିଥିଲା। କିନ୍ତୁ ରବିବାର ଆମେରିକା ପକ୍ଷରୁ ପ୍ରତିକ୍ରିୟା ଆସିନାହିଁ।

ଆହୁରି ବର୍ବର ଥିଲା ପୂର୍ବ ଶାସନ

୧୯୯୬ରୁ ୨୦୦୧ ମଧ୍ୟରେ ତାଲିବାନ୍ ପ୍ରଥମ ଥର ପାଇଁ ଶାସନକୁ ଆସିଥିବାବେଳେ ରକ୍ଷଣଶୀଳତା ନାଁରେ ଅନେକ ମହିଳାବିରୋଧୀ ପଦକ୍ଷେପ ନେଇଥିଲା। ସେତେବେଳେ ମହିଳାଙ୍କୁ ଆପାଦମସ୍ତକ ବୁର୍ଖା ପରିଧାନ ପାଇଁ ବାଧ୍ୟ କରାଯାଉଥିଲା, ଯହିଁରେ ଆଖିପାଇଁ କେବଳ ଦୁଇଟି ଫାଙ୍କ ରହିଥିଲା। ଝିଅମାନଙ୍କୁ ସ୍କୁଲକୁ ଯିବା, ଖେଳକୁଦ, ନାଚଗୀତରେ ଭାଗ ନେବା ଭଳି ସ୍ୱାଧୀନତାରୁ ତାଲିବାନ୍ ବଞ୍ଚିତ କରିଥିଲା। ପୂର୍ବ ବର୍ବରତାକୁ ମନେପକାଇ ଚିନ୍ତିତ ଆଫ୍‌ଗାନ ମହିଳା ଏଥିପାଇଁ ତାଲିବାନ୍ ଶାସନକୁ ମୂଳରୁ ବିରୋଧ କରିଥିଲେ। ତାଲିବାନ୍ ଅନ୍ତର୍ଜାତୀୟ ସ୍ୱୀକୃତି ପାଇଁ ନିଜ ଛବି ସୁଧାରିବାକୁ ଉଦ୍ୟମ କରୁଥିଲେ ହେଁ ମୂଳ ପ୍ରକୃତି ଛାଡ଼ିପାରୁନାହିଁ। ଗତ ମାର୍ଚ୍ଚରେ ତାଲିବାନ୍ ବାଳିକା ବିଦ୍ୟାଳୟଗୁଡ଼ିକରେ ତାଲା ଝୁଲାଇ ଦେଇଥିବାବେଳେ ନିକଟରେ ଆଭ୍ୟନ୍ତରୀଣ ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନୀ କହିଥିଲେ, ଝିଅଙ୍କୁ ସ୍କୁଲକୁ ଫେରାଇ ଆଣିବା ପ୍ରତିଶ୍ରୁତି ଆମେ ପୂରଣ କରିବୁ। ତେବେ ଏଥିପାଇଁ ସେ କୌଣସି ସମୟ ଧାର୍ଯ୍ୟ କରିନାହାନ୍ତି।

ସଂକ୍ଷେପରେ

ଲୁଧିଆନା କୋର୍ଟ ବିସ୍ଫୋରଣ: ମୁଖ୍ୟ ଅଭିଯୁକ୍ତ ଗିରଫ

ଚଣ୍ଡିଗଡ,୨୨।୫: ଲୁଧିଆନା କୋର୍ଟ ପରିସର ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଶନିବାର ପଞ୍ଜାବ ପୋଲିସ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସମେତ ୫ ଜଣଙ୍କୁ ଶୁକ୍ରବାର ପୋଲିସ କାବୁ କରିଥିଲା। ସ୍ପେସିଆଲ ଟାସ୍କ ଫୋର୍ସ ଏବଂ ଏନ୍‌ଆଇଏର ମିଳିତ ଉଦ୍ୟମରେ ଏହି ଗିରଫଦାରୀ କରାଯାଇଛି। ଜର୍ମାନରେ ଥିବା ଆତଙ୍କବାଦୀ ଜଶଓ୍ୱନ୍ଦର ସିଂ ମୁଲତାନି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି। ତେବେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତର ପରିଚୟକୁ ପୋଲିସ ଗୋପନ ରଖିଛି। ଲୁଧିଆନା କୋର୍ଟ ପରିସରରେ ଆଇଇଡି ବ୍ଲାଷ୍ଟ କରାଯାଇଥିବାବେଳେ ଏଥିରେ ଡ୍ରୋନ୍ ବ୍ୟବହାର କରାଯାଇଥିବା ପଞ୍ଜାବ ପୋଲିସ ସାଧାରଣ ନିର୍ଦ୍ଦେଶକ ଭି.କେ. ଭଓ୍ୱରା କହିଛନ୍ତି।

ଜାପାନରେ ଭୂକମ୍ପ

ଟୋକିଓ,୨୨।୫: ଜାପାନର ଇବରାକିରେ ରବିବାର ଅପରାହ୍ନ ୧୨ଟା ୨୪ ମିନିଟରେ ୬.୦ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଜାପାନ ପାଣିପାଗ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ସୂଚନାନୁସାରେ ଭୂକମ୍ପର କେନ୍ଦ୍ରସ୍ଥଳ ୩୬.୮ ଡିଗ୍ରୀ ଉତ୍ତର ଅକ୍ଷାଂଶରେ ଏବଂ ୩୦ କି.ମି. ଗଭୀରରେ ବୋଲି ଜଣାପଡିଛି। ଭୂକମ୍ପରେ କୌଣସି ପ୍ରକାର କ୍ଷତି କିମ୍ବା କାହାରି ପ୍ରାଣହାନି ହୋଇ ନ ଥିବା ଜାପାନ ନ୍ୟୁଜ୍ ଚ୍ୟାନେଲ ଜିନ୍‌ହୁଆ ପକ୍ଷରୁ କୁହାଯାଇଛି।

ଦୁର୍ଘଟଣାରେ ୮ ମୃତ

ସିଦ୍ଧାର୍ଥନଗର (ୟୁପି),୨୨।୫: ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ଅଞ୍ଚଳରେ ବରଯାତ୍ରୀ ଦଳ ନେଇ ଯାଉଥିବା ଏକ ଏସ୍‌ୟୁଭି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଟ୍ରକ୍‌କୁ ଧକ୍କା ଦେବାରୁ ୮ ଜଣଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ଜୋଗିଆ ଉଦୟପୁର ଅଞ୍ଚଳର କାତ୍ୟା ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏସ୍‌ୟୁଭିରେ ୧୧ ଜଣ ଯାତ୍ରୀ ଥିଲେ। ଘଟଣାସ୍ଥଳରେ ୪ ଜଣ ପ୍ରାଣ ହରାଇଥିବାବେଳେ ହସ୍ପିଟାଲରେ ଅନ୍ୟ ୪ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

ବୋର୍‌ୱେଲ୍‌ରେ ଖସିଥିବା ଶିଶୁର ମୃତ୍ୟୁ

ଚଣ୍ଡିଗଡ଼,୨୨।୫: ପଞ୍ଜାବର ହୋଶିଆରପୁର ଜିଲା ଅନ୍ତର୍ଗତ ଗଡ଼ିୱାଲା ଗ୍ରାମରେ ଏକ ୩୦୦ ଫୁଟ ଗଭୀର ବୋର୍‌ୱେଲ୍‌ରେ ଖସିପଡ଼ିଥିବା ଶିଶୁର ମୃତ୍ୟୁ ଘଟିଛି। ସେନା ସହାୟତାରେ ଦୀର୍ଘ ୯ ଘଣ୍ଟାର ଉଦ୍ୟମ ପରେ ରତିକ୍ (୬ ବର୍ଷ)ଙ୍କୁ ବୋର୍‌ୱେଲ୍‌ରୁ ବାହାର କରାଯାଇଥିଲା। ହୋଶିଆରପୁର ସିଭିକ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି। ରବିବାର ସକାଳ ୯ଟାରେ ପିଲାଟିକୁ କୁକୁର ଗୋଡ଼ାଇବାରୁ ସେ ବୋର୍‌ୱେଲ୍‌ରେ ଖସିପଡ଼ିଥିଲେ। ଉଦ୍ଧାରକାରୀ ଟିମ୍‌ର କହିବା ଅନୁଯାୟୀ ସେ ୬୫ ଫୁଟ ଗଭୀରରେ ଅଟକି ରହିଥିଲେ। କ୍ଲିପ୍ ସହାୟତାରେ ବାହାର କରିବା ଲାଗି ଉଦ୍ୟମ ବିଫଳ ହେବା ପରେ ଜେସିବି ମେଶିନରେ ଖୋଲାଯାଇଥିଲା। ବୋର୍‌ୱେଲ୍ ଭିତରକୁ ଅକ୍ସିଜେନ୍ ଛଡ଼ାଯାଇଥିଲେ ହେଁ ଉଦ୍ଧାର ବେଳକୁ ସେ ଅଚେତ ହୋଇପଡ଼ିଥିଲେ।

କିଶିଡା, ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ମୋଦି

ନୂଆଦିଲ୍ଲୀ,୨୨।୫

କ୍ୱାଡ୍ ବୈଠକରେ ଯୋଗଦେବା ଲାଗି ଟୋକିଓ ଗସ୍ତରେ ଯାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଅଷ୍ଟ୍ରେଲିଆର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିସ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ପିଏମ୍‌ଓ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଜାପାନ ସହ ସ୍ୱତନ୍ତ୍ର ସାମରିକ ଓ ବୈଶ୍ୱିକ ସହଯୋଗ ବୃଦ୍ଧି ଲାଗି ଟୋକିଓରେ କିଶିଡାଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ। ଏଥିସହିତ ସେଠାର ବ୍ୟବସାୟୀମାନଙ୍କ ସହ ମୋଦି କଥା ହେବେ। ୨୪ରେ ମୋଦି କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ସହ ସେହିଦିନ ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ ସହ ଭାରତର ବହୁମୁଖୀ ସହଯୋଗ ବଢ଼ାଇବା ଲାଗି ମୋଦି ଆଲ୍‌ବାନିସ ଆଲୋଚନା ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଘରକୁ ଗ୍ୟାସ୍ ଚାମ୍ବରରେ ପରିଣତ କରି ମା', ୨ ଝିଅଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୨।୫

ଦିଲ୍ଲୀର ବସନ୍ତ ବିହାର ଅଞ୍ଚଳରେ ଜଣେ ୫୫ ବର୍ଷୀୟ ମହିଳା ଓ ତାଙ୍କର ୩୦ ଓ ୨୬ ବର୍ଷର ଦୁଇ ଝିଅ ସେମାନଙ୍କ ଘରେ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ଆତ୍ମହତ୍ୟା କରିବାର ଯୋଜନା ହୃଦୟ ବିଦାରକ। ସେମାନେ ନିଜ ଫ୍ଲାଟ୍‌କୁ ପଛପଟୁ ତାଲା ଦେବା ସହ କବାଟ ଝରକାକୁ ସିଲ୍ କରି ଗ୍ୟାସ୍ ଚାମ୍ବରରେ ପରିଣତ କରିଥିଲେ। ଭିତରେ ରନ୍ଧନ ଗ୍ୟାସ ସିଲିଣ୍ଡର ଖୋଲା ରହିଥିଲା ଏବଂ ସେମାନଙ୍କ ରୁମ୍‌ରେ କୋଇଲା ନିଆଁ ଜଳୁଥିଲା। ଦିଲ୍ଲୀ ପୋଲିସ କବାଟ ଭାଙ୍ଗି ଘରେ ପ୍ରବେଶ କରିବା ପରେ ସେଠାରୁ ୩ ମୃତଦେହ ସହ ସୁଇସାଇଡ୍ ନୋଟ ଜବତ କରିଛି। ସେମାନେ ଘର ସିଲ୍ କରିବା ସାମଗ୍ରୀ ଏବଂ ଆଙ୍ଗିଠି (କୋଲ୍ ଫାୟାର) ଅନ୍‌ଲାଇନରେ କିଣିଥିବା ଜଣାପଡ଼ିଛି। କୋଇଲା ନିଆଁ ସହ ଘର ସିଲ୍ ହୋଇଥିବାରୁ ବିଷାକ୍ତ କାର୍ବନ ମନୋକ୍ସାଇଡ୍ ଯୋଗୁ ସେମାନଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଗ୍ୟାସ୍ ଭର୍ତ୍ତି ଫ୍ଲାଟ୍‌ରେ ଅଗ୍ନିକାଣ୍ଡ ସମ୍ଭାବନା ଥିବାରୁ ପ୍ରବେଶ କରିବାକୁ ଥିବା ବ୍ୟକ୍ତି ଦିଆସିଲି ନ ଲଗାଇବାକୁ ସୁଇସାଇଡ୍ ନୋଟ୍‌ରେ ସତର୍କ କରିଦିଆଯାଇଛି। ଘରେ ଅତ୍ୟନ୍ତ ବିପଜ୍ଜନକ ଓ ଦହନଶୀଳ ଗ୍ୟାସ ରହିଛି। ତେଣୁ ଝରକା ଖୋଲିବା ସହ ଫ୍ୟାନ୍ ଲଗାଇ ବାୟୁ ଚଳାଚଳ ବ୍ୟବସ୍ଥା କରିବାକୁ ସେଥିରେ ଇଂଲିଶରେ ଲେଖାଯାଇଥିଲା।

ମଙ୍କିପକ୍ସରେ ୯୨ ଆକ୍ରାନ୍ତ

ଲଣ୍ଡନ,୨୨।୫: ମଙ୍କିପକ୍ସ ସଂକ୍ରମଣକୁ ନେଇ ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଶନିବାର ୧୨ ଦେଶରୁ ମୋଟ ୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ୨୮ ଟି ସନ୍ଦିଗ୍ଧ ମାମଲା ସାମ୍ନାକୁ ଆସିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି। ଭାରତରେ ମଙ୍କିପକ୍ସ ଆକ୍ରାନ୍ତ ମାମଲା ସାମ୍ନାକୁ ଆସି ନ ଥିବାବେଳେ ରବିବାର ଇସ୍ରାଏଲ୍‌ରେ ପ୍ରଥମ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମଙ୍କିପକ୍ସ ଶିଶୁ ଓ ଗର୍ଭବତୀଙ୍କୁ ଅଧିକ ସଂକ୍ରମଣ ଆଶଙ୍କା ରହିଛି। ସଂକ୍ରମଣ ରୋକିବା ନେଇ କେନ୍ଦ୍ର ସରକାର ପୂର୍ବ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ଆଇସିଏମ୍‌ଆର୍ ଓ କେନ୍ଦ୍ରୀୟ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ଏହା ଉପରେ ନଜର ରଖିବାକୁ କୁହାଯାଇଛି।

କୁତବ୍‌ମୀନାର ଖନନକୁ ନେଇ ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ, ୨୨।୫

ଉତ୍ତରପ୍ରଦେଶର ବାରାଣସୀ ଜ୍ଞାନବାପି ମସ୍‌ଜିଦ୍ ପରେ ଏବେ ଦିଲ୍ଲୀସ୍ଥିତ କୁତବମୀନାରକୁ ନେଇ ବିବାଦ ମୁଣ୍ଡ ଟେକିଛି। କୁତବମୀନାର ପରିସରରେ ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି ମିଳିଥିବା ଏବଂ ଏହି ଐତିହ୍ୟ କୁତବ୍ ଉଦ୍–ଦିନ୍ ଆଇବାକ୍ ନୁହେଁ ବରଂ ରାଜା ବିକ୍ରମାଦିତ୍ୟ ଦ୍ୱାରା ସୂର୍ଯ୍ୟଙ୍କ ଦିଗ ଅନୁଧ୍ୟାନ କରିବା ପାଇଁ ନିର୍ମିତ ହୋଇଥିବା ଭାରତର ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ)ର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଧରମବୀର ଶର୍ମା ଦାବି କରିଛନ୍ତି। ତେଣୁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ମିନାର ପରିସରରେ ଖନନ କାର୍ଯ୍ୟ କରାଯିବ ବୋଲି ରବିବାର କେତେକ ରିପୋର୍ଟ ପ୍ରକାଶ ପାଇଛି। ତେବେ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ନିଷ୍ପତ୍ତି ହୋଇନାହିଁ କିମ୍ବା ଖନନ ପାଇଁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କେ. ରେଡ୍ଡୀ କହିଛନ୍ତି।



ସଂସ୍କୃତି ମନ୍ତ୍ରଣାଳୟ ସଚିବ ଗୋବିନ୍ଦ ମୋହନ ଶନିବାର କୁତବମୀନାର ପରିଦର୍ଶନରେ ଯାଇଥିଲେ। ୧୯୯୧ରୁ ସେଠାରେ କୌଣସି ଖନନ ହୋଇ ନ ଥିବା ଏଏସ୍‌ଆଇ ଅଧିକାରୀମାନେ ତାଙ୍କୁ ଜଣାଇଥିଲେ। ପରେ ଏହି ଐତିହ୍ୟସ୍ଥଳୀରେ ସର୍ଭେ ନିମନ୍ତେ ସଚିବ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ସଂସ୍କୃତି ମନ୍ତ୍ରୀ ପରେ ଏପରି କୌଣସି ନିର୍ଦ୍ଦେଶନାମା କାହାରିକୁ ଦିଆଯାଇ ନ ଥିବା ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ମୁଖପାତ୍ର ବିନୋଦ ବସଲ୍ଲ କୁତବମୀନାରକୁ 'ବିଷ୍ଣୁ ସ୍ତମ୍ଭ' ନାଁରେ ନାମିତ କରିବାକୁ ଦାବି କରିଥିଲେ। ୨୭ ହିନ୍ଦୁ ଏବଂ ଜୈନ ମନ୍ଦିରକୁ ଭଙ୍ଗାଯାଇ ସେଠାରେ କୁତବମୀନାର ନିର୍ମାଣ କରାଯାଇଥିବା ସେ ଅଭିଯୋଗ କରିଥିଲେ। କୁତବମିନାର ଥିବା ସ୍ଥାନରୁ ୧୨୦୦ ବର୍ଷ ପୁରୁଣା ନରସିଂହ ମୂର୍ତ୍ତି, ଗଣେଶ ଏବଂ କୃଷ୍ଣ ମୂର୍ତ୍ତି ମିଳିବା ପରେ କେତେକ ହିନ୍ଦୁ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ସେଠାରେ ହନୁମାନ ଚାଳଶା ପାଠ କରାଯାଇଥିଲା। ଏଥିସହ ତାହାର ନାମ ବଦଳାଇ 'ବିଷ୍ଣୁ ସ୍ତମ୍ଭ' ରଖାଯିବାକୁ ଦାବି ହୋଇଥିଲା।

ଆସାମରେ ହାଜତ ମୃତ୍ୟୁ

ଗୁଆହାଟୀ,୨୨।୫

ଆସାମର ନାଗାଁଓ ଜିଲାରେ ହାଜତ ମୃତ୍ୟୁ ଅଭିଯୋଗକୁ ନେଇ ଶନିବାର ଉତ୍ତ୍ୟକ୍ତ ଲୋକେ ଏକ ଥାନା ଉପରେ ଆକ୍ରମଣ କରିବା ସହ ନିଆଁ ଲଗାଇଦେଇଥିଲେ। ଏଥିରେ ୩ ଜଣ ଆହତ ହୋଇଥିଲେ। ଏହାର ଦିନକ ପରେ ହିଂସାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଘରକୁ ପୋଲିସ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦେଇଛି। ଅନ୍ୟପକ୍ଷରେ ଜବରଦଖଲ ଉଚ୍ଛେଦ ଲାଗି ସେମାନଙ୍କ ଘର ଭଙ୍ଗାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

ନାଗାଁଓର ଧିଙ୍ଗ ଅଞ୍ଚଳ ଅନ୍ତର୍ଗତ ବଟଦ୍ରଭା ଥାନାରେ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କର ହାଜତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିବାବେଳେ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଏହା ସତ୍ତ୍ୱେ ଶନିବାର ଅପରାହ୍ନରେ ସାଲୋନାବୋରି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଲୋକେ ଉକ୍ତ ଥାନାରେ ନିଆଁ ଲଗାଇଦେଇଥିଲେ। ଫଳରେ ଯେସାକୁ ତେସା ନୀତି ସ୍ୱରୂପ ରବିବାର ସକାଳେ ସାଲୋନାବୋରି ଗ୍ରାମରେ ବୁଲ୍‌ଡୋଜର ପହଞ୍ଚି ଥାନାପୋଡ଼ିରେ ସମ୍ପୃକ୍ତଙ୍କ ଘର ଭାଙ୍ଗିଥିଲା। ହିଂସାକାଣ୍ଡ ଘଟାଇଥିବା ୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୨୧ ଜଣଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚରା ଚଳାଇଛି। ହାଜତ ମୃତ୍ୟୁ ପାଇଁ ଯେଉଁ ପୋଲିସ ଅଧିକାରୀ ଦାୟୀ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏଭଳି ଅଭିଯୋଗ ପାଇଁ ଥାନା ପୋଡ଼ିଦେବାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆସାମ ସ୍ପେଶାଲ ପୋଲିସ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ଜି.ପି. ସିଂ କହିଛ

ଡ୍ରିମ୍‌ଫକ୍ସ ଆଇପିଓକୁ ମଞ୍ଜୁର ଦେଲା ସେବି

ନୂଆଦିଲ୍ଲୀ: ଦେଶର ପ୍ରମୁଖ ବିମାନବନ୍ଦର ସେବା ଏଗ୍ରିଗେଟର ସଂସ୍ଥା ଡ୍ରିମ୍‌ଫକ୍ସ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ପ୍ରସ୍ତାବିତ ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ମଞ୍ଜୁରୀ ହାସଲ କରିଛି। କମ୍ପାନୀ ୨୧,୮୧୪,୨୦୦ ପର୍ଯ୍ୟନ୍ତ ଇକ୍ୱିଟି ଶେୟାରକୁ ଏହି ଅଫରରେ ଜାରି କରିବାକୁ ଯୋଜନା ରଖିଛି। ଏହି ଆଇପିଓ ଜରିଆରେ ପ୍ରତିଷ୍ଠାତା ଓ ପ୍ରତିଷ୍ଠାତା ଗ୍ରୁପ୍ ଅଫର ଫର ସେଲ୍ ଜରିଆରେ ଶେୟାର ବିକ୍ରି କରିବେ। ଆଇପିଓରେ ଜାରି କରାଯିବାକୁ ଥିବା ଶେୟାର ହେଉଛି କମ୍ପାନୀର ୪୧.୭୫% ପେଡ୍-ଅପ୍ ଇକ୍ୱିଟି ଶେୟାର। ଏହି ଆଇପିଓର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଇକ୍ୱିରସ୍ କ୍ୟାପିଟାଲ୍ ପ୍ରାଇଭେଟ୍ ଲିମିଟେଡ୍ ଓ ମୋତିଲାଲ ଓସ୍ୱାଲ୍ ଇନଭେଷ୍ଟମେଣ୍ଟ ଆଡଭାଇଜର୍ସ ଲିମିଟେଡ୍।

ସଂକ୍ଷେପରେ

ଫିନୋଲେକ୍ସର ବାଣିଜ୍ୟିକ ପ୍ରସାରଣ

ନୂଆଦିଲ୍ଲୀ,୨୨।୫ : ଫିନୋଲେକ୍ସ କେବୁଲ୍ସ ଲିମିଟେଡ ପକ୍ଷରୁ ନିକଟରେ ବଲିଉଡ ଅଭିନେତା କାର୍ତ୍ତିକ ଆର୍ଯ୍ୟାନ ଏବଂ ଅଭିନେତ୍ରୀ କିଆରା ଆଡଭାନୀଙ୍କୁ ନିଜର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ସହ 'ନୋ ଷ୍ଟ୍ରେସ ଫିନୋଲେକ୍ସ' ବିଷୟବସ୍ତୁକୁ ନେଇ ୩ଟି ଟିଭିଏସ ପ୍ରଦର୍ଶିତ କରାଉଛି। ଏ ସମ୍ପର୍କରେ ଫିନୋଲେକ୍ସ କେବୁଲ୍ସର ଏକଜିକ୍ୟୁଟିଭ ଚେୟାରମ୍ୟାନ,ଦୀପକ ଛାବ୍ରିଆ କହିଛନ୍ତି, ସମୟ ସହ ମୂଲ୍ୟବୋଧ ଏବଂ ସମକାଳୀନ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ ଫିନୋଲେକ୍ସ କେବୁଲ୍ସ ସର୍ବଦା ନିଜର ଗ୍ରାହକଙ୍କୁ ଉଚ୍ଚମାନର ଉତ୍ପାଦ ଯୋଗାଇ ଦେଇଆସିଛି। ଯାହା ଆମେ ଆମର ତାଜା ବ୍ରାଣ୍ଡ ମନ୍ତ୍ର 'ଏକ୍ସସିଡ୍ସ ଏକ୍ସପେକ୍ଟେସନ୍ସ'କୁ ନେଇ ନିରନ୍ତର ପ୍ରୟାସ ଜାରି ରଖିବୁ। ସେହିଭଳି କମ୍ପାନୀର ପ୍ରେସିଡେଣ୍ଟ (ସେଲ୍ସ ଓ ମାର୍କେଟିଂ) ଅମିତ ମାଥୁର କହିଛନ୍ତି,ନିରାପତ୍ତା, ସ୍ମାର୍ଟ ଏବଂ ଚାପ ରହିତ ବାସଗୃହ ସମାଧାନ ନିମନ୍ତେ ନୂତନ ପିଢିର ଗ୍ରାହକଙ୍କ ମଧ୍ୟରେ ବର୍ଦ୍ଧିତ ସଚେତନତା ପରିଲକ୍ଷିତ ହେଉଛି।

ଡ୍ୟୁରୋଫ୍ଲେକ୍ସର ସମର ଷ୍ଟୋରି-୨୨

ନୂଆଦିଲ୍ଲୀ,୨୨।୫ : ସ୍ଲିପ୍ ସଲ୍ୟୁଶନ ବ୍ରାଣ୍ଡ ଡ୍ୟୁରୋଫ୍ଲେକ୍ସ ପକ୍ଷରୁ ନିକଟରେ ବେଡ୍ ଚଦର ବର୍ଗରେ 'ସମର ଷ୍ଟୋରି ୨୨' କଲେକ୍ଶନର ଶୁଭାରମ୍ଭ କରାଯାଇଛି। ସେହିଭଳି ଏହି ବ୍ରାଣ୍ଡ ନିକଟରେ ଏକ କାଉଚର ବେଡ୍ ଲିନେନ୍ କଲେକ୍ଶନ ଭାରତର ପ୍ରଖ୍ୟାତ ଡିଜାଇନର ରୋହିତ ବଲଙ୍କ ସହ ଶୁଭାରମ୍ଭ କରିଛି। କମ୍ପାନୀ ବର୍ତ୍ତମାନ କ୍ରୋମା, ସାଙ୍କଚୁରି ଓ ନୋଷ୍ଟାଲଜିଆ ଭଳି ଡିଜାଇନ୍ ବଜାରରେ ଉପଲବ୍ଧ କରାଇଛି। ଏ ସମ୍ପର୍କରେ ଡ୍ୟୁରୋଫ୍ଲେକ୍ସର ଚିଫ୍ ମାର୍କେଟିଂ ଅଫିସର ସ୍ମିତା ମୁରାକା କହିଛନ୍ତି, ଆମେ ଗତ ବର୍ଷ ଏହି ବର୍ଗରେ ପ୍ରବେଶ କରିଛୁ ଓ ସମ୍ପୂର୍ଣ୍ଣ ନିଦ୍ରା ସମାଧାନ ଆମର ଗ୍ରାହକମାନଙ୍କୁ ପ୍ରଦାନ କରୁଛୁ ଯାହାକି ଗ୍ରାହକମାନଙ୍କ ଦ୍ୱାରା ବହୁ ମାତ୍ରାରେ ଆଦୃତ ହୋଇପାରିଛି।

ଶୁଳ୍କ ହ୍ରାସ ସତ୍ତ୍ୱେ ୧୦୦ ଉପରେ ପେଟ୍ରୋଲ

ଭୁବନେଶ୍ୱର,୨୨।୫

ବର୍ତ୍ତମାନ ସାରା ଦେଶରେ ସମସ୍ତ ପ୍ରକାରର ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ନେଇ ବିଭିନ୍ନ ସ୍ତରରେ ଚର୍ଚ୍ଚା, ଆଲୋଚନା ଓ ଆନ୍ଦୋଳନ ଜାରି ରହିଛି। ଏପରିକି ବିରୋଧୀ ଦଳଗୁଡ଼ିକ ଦରବୃଦ୍ଧିକୁ ଅସ୍ତ୍ର କରି ସରକାରଙ୍କୁ ଅକଳରେ ପକାଇ ଆସୁଛନ୍ତି। ମେ ୨୧ରେ ହଠାତ କେନ୍ଦ୍ର ସରକାର ତୈଳ ଦର ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ବିଶେଷ କରି ପେଟ୍ରୋଲ ଉପରୁ ୮ଟଙ୍କା ଓ ଡିଜେଲରୁ ୬ଟଙ୍କା ଶୁଳ୍କ କମାଇବା ଫଳରେ ପ୍ରାୟ ଦୁଇ ମାସ ହେବ ସ୍ଥିର ରହିଥିବା ତୈଳ ଦର ରବିବାର ପରିବର୍ତ୍ତନ ହୋଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ ଲିମିଟେଡ (ଆଇଓସିଏଲ)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୩.୧୯ ଟଙ୍କା ଥିବାବେଳେ ଡିଜେଲ ୯୪.୭୬ ଟଙ୍କାରେ ରହିଛି। ସେହିଭଳି ରାଜ୍ୟର ପ୍ରମୁଖ ସହର କଟକ ସହରାଞ୍ଚଳରେ ପେଟ୍ରୋଲ ଲିଟର ପିଛା ୧୦୩.୫୪ ଟଙ୍କା ଥିବାବେଳେ ଡିଜେଲ ୯୫.୧୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ କେନ୍ଦ୍ର ସରକାର ତୈଳ ଦର ଉପରୁ ଟିକସ ହ୍ରାସ କରିବା ଫଳରେ ନୂଆଦିଲ୍ଲୀରେ ରବିବାର ଉଭୟ ପେଟ୍ରୋଲ ଓ ଡିଜେଲରୁ ୯.୫୦ ଟଙ୍କା ଓ ୭ ଟଙ୍କା କମିଥିବା ସୂଚନା ମିଳିଛି। ଫଳରେ ରବିବାର ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୬.୭୨ ଟଙ୍କା ଥିବାବେଳେ ଡିଜେଲ ଲିଟର ପିଛା ୮୯.୬୨ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଦେଶର ପ୍ରମୁଖ ମହାନଗର କୋଲକାତା, ମୁମ୍ବାଇ ଓ ଚେନ୍ନାଇରେ ପେଟ୍ରୋଲ ଦର ୧୦୬.୦୩ ଟଙ୍କା, ୧୧୧.୩୫ ଟଙ୍କା ଏବଂ ୧୦୨.୬୫ ଟଙ୍କାରେ ପହଞ୍ଚିଥିବାବେଳେ ଡିଜେଲ ଦର ମଧ୍ୟ ଯଥାକ୍ରମେ ଉପରୋକ୍ତ ମହାନଗରରେ ୯୨.୭୬ ଟଙ୍କା,୯୭.୨୮ ଟଙ୍କା ଏବଂ ୯୪.୨୫ ଟଙ୍କାରେ କାରବାର ହେଉଥିବା ଆଇଓସିଏଲ ପକ୍ଷରୁ ସୂଚନା ମିଳିଛି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ଉତ୍ପାଦ ଶୁଳ୍କ ହ୍ରାସ ପରେ ଓଡ଼ିଶାର ବିଭିନ୍ନ ସହରାଞ୍ଚଳରେ ୨୨.୫.୨୦୨୨ର ତୈଳଦର

ସ୍ଥାନ (ସହରାଞ୍ଚଳ)	ପେଟ୍ରୋଲ	ଡିଜେଲ
ଭୁବନେଶ୍ୱର	୧୦୩.୧୯	୯୪.୭୬
କଟକ	୧୦୩.୫୪	୯୫.୧୦
ବାଲେଶ୍ୱର	୧୦୩.୧୮	୯୪.୭୬
ଭଦ୍ରକ	୧୦୩.୭୫	୯୫.୩୧
ପୁରୀ	୧୦୩.୧୧	୯୪.୬୮
ଢେଙ୍କାନାଳ	୧୦୩.୯୮	୯୫.୫୨
ସମ୍ବଲପୁର	୧୦୩.୭୮	୯୫.୩୫
ରାଉଲକେଲା	୧୦୪.୬୦	୯୫.୯୩
ମାଲକାନାଗିରି	୧୦୮.୯୩	୧୦୦.୩୦
ଗଜପତି	୧୦୫.୬୬	୯୭.୧୩
ବ୍ରହ୍ମପୁର	୧୦୪.୮୪	୯୬.୩୪

ନିଲ୍‌କମଲର ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୫

ଦେଶର ପ୍ରମୁଖ ଗୃହୋପଯୋଗୀ ସାମଗ୍ରୀ ନିର୍ମାତା ନିଲ୍‌କମଲ ପକ୍ଷରୁ ଭୁବନେଶ୍ୱରରେ ତା'ର ପ୍ରଥମ ଆଉଟଲେଟ ସହ ଓଡ଼ିଶାରେ ୨ୟ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭାରତ ଏଣ୍ଟରପ୍ରାଇଜେସ ସହଯୋଗରେ 'ନିଲ୍‌କମଲ ଫର୍ଣ୍ଣିଚର ଆଇଡିଆଜ' ନାମରେ ଏକ ବୃହତ୍ ଷ୍ଟୋର ରବିବାର ସ୍ଥାନୀୟ ନୟାପଲ୍ଲୀସ୍ଥିତ ଆଇଆରସି ଭିଲେଜ (ବିଜୁ ପଟ୍ଟନାୟକ କଲେଜ ରୋଡ)ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଡିଜିଏମ ସୋଭନ କୁମାର ସେନଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଲକମଲର ଆଞ୍ଚଳିକ ମୁଖ୍ୟ (ଇଷ୍ଟ) ଫର୍ଣ୍ଣିଚର ଡିଭିଜନ, ଅମରନାଥ ରାୟଚୌଧୁରୀ, ନିଲକମଲର ଶାଖା ପରିଚାଳକ ପ୍ରତାପ ସାମନ୍ତରାୟ, ୟୁନିୟନ ବ୍ୟାଙ୍କର ଏଜିଏମ ହରେରାମ ସାହା, ଭାରତ ଏଣ୍ଟରପ୍ରାଇଜେସର ସ୍ୱତ୍ୱାଧିକାରୀ ସୁଚିତ୍ରା ମହାରଣାଙ୍କ ସମେତ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ୱିମେନ୍ ଆଚିଭର୍ସ ଆୱାର୍ଡ-୨୦୨୨

ନୂଆଦିଲ୍ଲୀ,୨୨।୫

ଦେଶର ପ୍ରମୁଖ ସାମାଜିକ ଅନୁଷ୍ଠାନ ଆଇ.କେ.ଜେ. କେୟାର ଫାଉଣ୍ଡେଶନ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ସମ୍ମାନ ଉତ୍ସବର ଆୟୋଜନ କରାଯାଇଥିଲା। ବିଶେଷକରି ଗତ କିଛି ବର୍ଷ ମଧ୍ୟରେ ନିଜ ସାମାଜିକ ଦାୟିତ୍ୱବୋଧକୁ ଭଲ ଭାବେ ନିର୍ବାହ କରୁଥିବା ଉକ୍ତ ସଂସ୍ଥା ଦ୍ୱାରା 'ୱିମେନ୍ ଆଚିଭର୍ସ ଆୱାର୍ଡ-୨୦୨୨' ମହା ଆଡମ୍ବରରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅମ୍ବାଲା ସହରର ପୋଲିସ ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇଟିବିପି ପଞ୍ଚକୁଲା ଟ୍ରେନିଂ ସେଣ୍ଟରର ପୋଲିସ ଆଇଜି ଈଶ୍ୱର ସିଂ ଦୁହାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅମ୍ବାଲା ଏସ୍‌ପି ଲଖବୀର ସିଂ ବରାଡ଼ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିଭଳି ହରିୟାଣା ଯୋଗ ଫେଡେରେଶନର ଅଧ୍ୟକ୍ଷ ରାଜେନ୍ଦ୍ର ବିଜ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଶେଷକରିଶିକ୍ଷା, ସ୍ୱାସ୍ଥ୍ୟ, ପୋଲିସ, ଖେଳ, କଳା ଓ ସଂସ୍କୃତି, ସୋସିଆଲ ୱାର୍କର, ୱିମେନ ଏମ୍ପାୱାରମେଣ୍ଟ ଭଳି ୮ଟି ଭିନ୍ନ ଭିନ୍ନ କ୍ଷେତ୍ରରୁ ଚୟନ କରାଯାଇଥିବା ୧୪୦ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଛି।

ଏ ସମ୍ପର୍କରେ ଆଇ.କେ.ଜେ. କେୟାର ଫାଉଣ୍ଡେଶନ ଅଧ୍ୟକ୍ଷା ରାଧିକା ଚିମା କହିଛନ୍ତି, ସମାଜ ପାଇଁ ମହିଳାମାନଙ୍କ ଦ୍ୱାରା କରାଯାଉଥିବା ଉତ୍କୃଷ୍ଟ କାର୍ଯ୍ୟକୁ ଲୋକଲୋଚନକୁ ଆଣିବା ଏବଂ ଏହା ମାଧ୍ୟମରେ ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଯୋଗାଇବା ହେଉଛି ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ରାଧିକା ମତବ୍ୟକ୍ତ କରିଛନ୍ତି। ସେହିଭଳି ଫାଉଣ୍ଡେଶନର ଟ୍ରଷ୍ଟି ଉଷା ଜୁନେଜା ବରିଷ୍ଠ ସଦସ୍ୟ ତଥା ବିଶିଷ୍ଟ ଉଦ୍ୟୋଗୀ ସଞ୍ଜୀବ ଜୁନେଜା, ସାରା ଜୁନେଜା ଏବଂ ଗୁରୁବିନ୍ଦର ଚିମା ପ୍ରମୁଖ ସଦାସର୍ବଦା ସାମାଜିକ କାର୍ଯ୍ୟ ଓ ସେବା କ୍ଷେତ୍ରରେ ଆଗଭର ରହିଆନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତା ତଥା ଫିଲ୍ମ ନିର୍ମାତା ଗୁଲ୍‌ସନ ଗ୍ରୋଭର ମୁଖ୍ୟ ଆକର୍ଷଣ ସାଜିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦବୀନ୍ଦ୍ର ବଜାଜ, ଜତିନ୍ଦ୍ର ବଜାଜ, ଗୁରବିନ୍ଦ୍ର ଚିମା, ସନ୍ଦିପ ସଜ୍ଜଦେବା, ରାକେଶ ମଙ୍କଡ଼, ଅରବିନ୍ଦ ସିକରି, ଗୁରୁବିନ୍ଦର ଜସ୍ୱର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଡିଜୋ ଓୟାରଲେସ୍ ଡ୍ୟାଶ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୫

ରିଅଲ୍‌ମି ଟେକ୍‌ଲାଇଫ୍ ଇକୋସିଷ୍ଟମ ଅଧୀନରେ ପ୍ରଥମ ବ୍ରାଣ୍ଡ ଡିଜୋ ପକ୍ଷରୁ ଏହାର ଡିଜୋ ୱୟାରଲେସ୍ ଡ୍ୟାଶ୍‌ର ଶୁଭାରମ୍ଭ କରାଯାଇଛି। ଏଥିରେ ଏକ ସ୍ୱତନ୍ତ୍ର କେଭ୍‌ଲାର ଡିଜାଇନ୍, ବ୍ଲିଙ୍କ୍ ଚାର୍ଜ ଫିଚର ଓ ୩୦ଘଣ୍ଟାର ମୋଟ ମ୍ୟୁଜିକ୍ ପ୍ଲେ ବ୍ୟାକ୍ ରହିଛି। ଏକ ୧୧.୨ଏମ୍‌ଏମ୍ ଲାର୍ଜ ଡ୍ରାଇଭର, ବାସ୍ ବୁଷ୍ଟ+ ଆଲ୍‌ଗୋରିଦମ୍ ଓ ପିୟୁ+ପିକ୍ ଡାୟଫ୍ରାଜମ୍ ବ୍ୟବହାର କରୁଥିବା ଏହି ଫିଚର ଲୋଡେଡ ଡିଜୋ ୱୟାରଲେସ୍ ଡ୍ୟାଶ୍ ସବୁଠାରୁ ଆକର୍ଷଣୀୟ ମୂଲ୍ୟରେ ଏକ ଉନ୍ନତ ଅଡିଓ ଅନୁଭୂତି ପ୍ରଦାନ କରିବ। ଏ ସମ୍ପର୍କରେ ଡିଜୋ ଇଣ୍ଡିଆର ସିଇଓ ଅଭିଳାଷ ପଣ୍ଡା କହିଛନ୍ତି, ଆମେ ପ୍ରତିଥର ଆକ୍ରମଣାତ୍ମକ ମୂଲ୍ୟ ବର୍ଗରେ ଫିଚର-ସମୃଦ୍ଧ ସମାଧାନ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ ଏବଂ ଆମର ଟିମ୍ ଏହି ଦିଗରେ ନିୟମିତ କାର୍ଯ୍ୟ କରୁଛି।

ପାତ୍ରପଡ଼ାରେ ଶ୍ରୀଦୁର୍ଗାର 'କିଡ୍‌ସ ଫ୍ୟାଶନ' ଷ୍ଟୋର

ଭୁବନେଶ୍ୱର,୨୨।୫

ଦକ୍ଷିଣ ଓଡ଼ିଶାର ସର୍ବବୃହତ୍ ଶାଢ଼ି ଏବଂ ଗାର୍ମେଣ୍ଟ ରିଟେଲର ଶପ୍ 'ଶ୍ରୀଦୁର୍ଗା'ର ସ୍ଥାନୀୟ ପାତ୍ରପଡ଼ା ଶୋ'ରୁମ୍ ପରିସରରେ 'କିଡ୍‌ସ ଫ୍ୟାଶନ' ନାମରେ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକମାନଙ୍କୁ 'ସେଲିବ୍ରେସନ ୱେୟାର'ର ଏକ ସମ୍ପୂର୍ଣ୍ଣ ପାରିବାରିକ ଶପିଂର ଅନୁଭବ ସହ ପିଲାଙ୍କ ପୋଷାକ ଉପରେ ୧୦%ର ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯାଉଛି। ଏହି ଅବସରରେ ଓଡ଼ିଆ ଶିଶୁ କଳାକାର ଦେବାଂଶୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ ସହ ଷ୍ଟୋର ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ ଶ୍ରୀଦୁର୍ଗାର ନିର୍ଦ୍ଦେଶକ କେ. ତିରୁମଲ କୁମାର କହିଛନ୍ତି, ପାତ୍ରପଡ଼ା ଅଞ୍ଚଳରେ ସମ୍ପ୍ରସାରିତ ଆମର ଏହି ଶୋ'ରୁମ୍‌ରେ ଶାଢ଼ି ଏବଂ ଅନ୍ୟାନ୍ୟ ପରିଧାନର ସମାବେଶ ଦେଖିବାକୁ ମିଳୁଥିଲେ ମଧ୍ୟ ଏଠାରେ ଶିଶୁମାନଙ୍କ ପାଇଁ ପରିଧାନର କୌଣସି ସୁବିଧା ନ ଥିଲା। ଏହାଦ୍ୱାରା ପାତ୍ରପଡ଼ା ଅଞ୍ଚଳର ଗ୍ରାହକମାନଙ୍କୁ ସେମାନଙ୍କର ପିଲାମାନଙ୍କ ଡ୍ରେସ୍ କିଣିବା ପାଇଁ ନିରାଶ ହେବାକୁ ପଡୁଥିଲା । ଏବେ ଏଠାରେ ପ୍ରଥମ ଥର ଖୋଲାଯାଇଥିବା ଏହି 'କିଡ୍‌ସ ଫ୍ୟାଶନ' ବର୍ତ୍ତମାନ ଗ୍ରାହକମାନଙ୍କୁ ଏକ ସମ୍ପୂର୍ଣ୍ଣ ପାରିବାରିକ ଶପିଂର ଅନୁଭବ ଦେଇପାରିବ ବୋଲି ସେ ଆଶା ରଖିଛନ୍ତି ।

sridurga
A FAMILY CLOTH STORE

ପିଲାଙ୍କ ପୋଷାକ ଉପରେ ୧୦% ରିହାତି

ଫୁଚର୍‌ସପ୍

ଆଙ୍ଗିବାଠୁ ଲିଭାଇବା ଯନ୍ତ୍ରଣାଦାୟକ

ଅହମଦାବାଦ: ବହୁକାଳରୁ ଦେହରେ ଚିତା କୁଟାଇବାର ପ୍ରଥା ରହିଛି। ସ୍ୱାମୀମାନଙ୍କ ଦୀର୍ଘାୟୁ ସାଙ୍ଗକୁ ଦେବଦେବୀଙ୍କ କୃପା ପାଇବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ପିଲାମାନେ ଗହଳିରେ ନ ହଜିବା ପାଇଁ ଆଗକାଳରେ ଦେହରେ ଚିତା କୁଟାଯାଉଥିଲା। କିନ୍ତୁ ଏକବିଂଶ ଶତାବ୍ଦୀ ବେଳକୁ ଏହି ଚିତାକୁଟା ପରମ୍ପରାର ପରିଭାଷା ବଦଳିଯାଇଛି। ପୂର୍ବକାଳର ଲୋକଙ୍କୁ ଛାଡ଼ିଦେଲେ ବର୍ତ୍ତମାନର ଯୁବପିଢ଼ି ଏହାକୁ 'ଟାଟୁ' ବୋଲି କହୁଛନ୍ତି। ଅତୀତରେ ଦେହରେ ଚିତା କୁଟାଇବାର ଯାହା ଉଦ୍ଦେଶ୍ୟ ଥିଲା ତାହା ଏବେ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଯୁବପିଢ଼ି ଏହାକୁ ବର୍ତ୍ତମାନ ଫ୍ୟାଶନ ବା ଟ୍ରେଣ୍ଡ୍ ଭାବେ ଧରିଛନ୍ତି। ଦେଶ ଛଡ଼ା ବିଦେଶରେ ମଧ୍ୟ ଏହା ଆଦୃତି ଲାଭ କରିଛି। ଟାଟୁ ପ୍ରତି ଲୋକ ଢଳିବା ଆରମ୍ଭ କରିଥିବାବେଳେ ଏହାକୁ ନେଇ ବ୍ୟବସାୟ ମଧ୍ୟ ଖୁବ୍ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ପୂର୍ବ କାଳରେ ଗୋଟିଏ ଅସୁବିଧା ଥିଲା, ଦେହରେ ଲୋକେ ଚିତା ସିନା କୁଟାଇ ଦେଉଥିଲେ କିନ୍ତୁ ଏହାକୁ ଲିଭାଇବାର ବାଟ ନ ଥିଲା। ଆଉ



ଚିତାକୁଟାଳି ଏକକାଳୀନ ୪ଟି ଛୁଞ୍ଚି ଧରି ଚିତା କୁଟୁଥିବାବେଳେ ବର୍ତ୍ତମାନ ମେଶିନ୍ ସାହାଯ୍ୟରେ ଓ କମ୍ ସମୟ ଭିତରେ ଟାଟୁ ତିଆରି ହୋଇଯାଉଛି।

ଟାଟୁ କରିବା ଅପେକ୍ଷା ଏହାକୁ ଲିଭାଇବା ଯନ୍ତ୍ରଣାଦାୟକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ଅନ୍ୟପଟେ ଯେଉଁ ମାତ୍ରାରେ ଲୋକେ ଟାଟୁ ତିଆରି କରୁଛନ୍ତି ସେ ଅନୁସାରେ ତାହାକୁ ମଧ୍ୟ ଲିଭା ଯାଉଛି। ଅହମଦାବାଦ୍‌ରେ ୧୧ ବର୍ଷରେ ୧୧ ହଜାର ଜଣ ଟାଟୁ ଲିଭାଇବା ପାଇଁ ଡାକ୍ତରଖାନାର ଦ୍ୱାରସ୍ଥ ହେଉଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ଟାଟୁ ଲିଭାଇବା ପଛର ମୁଖ୍ୟ କାରଣ ହେଉଛି ଚାକିରି। ଦେଶରେ ଏମିତି କିଛି ସରକାରୀ ଓ ବେସରକାରୀ ଚାକିରି ରହିଛି, ଯାହା ଟାଟୁ କରିଥିବା ବ୍ୟକ୍ତିଙ୍କୁ ଗ୍ରହଣ କରି ନ ଥାଏ। ଯେମିତି ପୋଲିସ, ପାରା ମିଲିଟାରି, ସିଭିଲ୍ ସର୍ଭିସ୍, ମାର୍କେଟିଂ, ଆଭିଏଶନ୍ ଆଦି ଚାକିରିରେ ଟାଟୁ ଆଦୌ ଗ୍ରହଣୀୟ ନୁହେଁ। ୨୦୧୦ରେ ଅହମଦାବାଦ ସିଭିଲ ହସ୍ପିଟାଲକୁ ୩୯୫ ଜଣ ଟାଟୁ ଲିଭାଇବା ପାଇଁ ଆସିଥିବାବେଳେ ୨୦୧୧ରେ ୭୦୦, ୨୦୧୨ରେ ୯୦୦, ୨୦୧୩ରେ ୧,୬୧୭, ୨୦୧୫ରେ ୧,୬୧୧ ଜଣ ଟାଟୁ ରିମୁଭାଲ ପାଇଁ ଡାକ୍ତରଖାନା ଯାଇଥିଲେ। ତେବେ କରୋନା ଯୋଗୁ ୨୦୨୦-୨୧ରେ ଏହି ସଂଖ୍ୟା କମିଥିବାବେଳେ ଚଳିତ ବର୍ଷ ମେ' ମାସ ସୁଦ୍ଧା ୨୬୦ ଜଣ ଟାଟୁ ଲିଭାଇ ଥିବା ଚର୍ମ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର୍ ଉମେଶ କୁମାର କହିଛନ୍ତି। ମେଡିକାଲରେ ଟାଟୁ ଲିଭାଇବା ପାଇଁ ଆବଶ୍ୟକ ଯନ୍ତ୍ରପାତି ଥିବାବେଳେ ଏକ ଛୋଟ ଟାଟୁ ଲିଭାଇବା ପାଇଁ ୭ ଶହ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବଡ଼ ଟାଟୁ ପାଇଁ ହଜାରେ ଟଙ୍କା ଲାଗିଥାଏ। ସରକାରୀ ଡାକ୍ତରଖାନାରେ ଅତିବେଶିରେ ୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଘରୋଇ ହସ୍ପିଟାଲରେ ୪୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ମେଶିନ୍ ସାହାଯ୍ୟରେ ଟାଟୁ ଲିଭାଇବାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ଡାକ୍ତର କହିଛନ୍ତି।

ପ୍ରେମରେ ପଡ଼ିଛନ୍ତି ରକୁଲ

ମୁମ୍ବାଇ: ସିନେ କଳାକାରମାନେ ସେମାନଙ୍କ ବୃତ୍ତି ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରହିଥାନ

କିକ୍ ଅଫ୍ ଡ୍ରିମ୍ ଟିମ୍ ଫୁଟ୍‌ବଲ କାର୍ନିଭାଲ

ଭୁବନେଶ୍ୱର, ୨୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

ସହରରେ ଆଗକୁ ୧୭ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ମ୍ୟାଚ ଆୟୋଜନ ହେବାକୁଥିବା ବେଳେ ଏହାର ସ୍ଥାନୀୟ ଆୟୋଜକ କମିଟି (ଏଲ୍‌ଓସି) ପକ୍ଷରୁ ଉଦ୍‌ଘାଟନୀ ଓଡ଼ିଶା ସଂସ୍କରଣ କିକ୍ ଅଫ୍ ଦି ଡ୍ରିମ୍ ଫୁଟ୍‌ବଲ କାର୍ନିଭାଲ କିଟ୍ ୟୁନିଭର୍ସିଟି କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଶିଶୁ ଭାଗ ନେଇଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପ ଅଚ୍ୟୁତ ସାମନ୍ତ, ପୂର୍ବତନ ଜାତୀୟ ଭଲିବଲ ଖେଳାଳି ତଥା ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଜି.ଇ. ଶ୍ରୀଧରନ, ରାଜ୍ୟର ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜକ କମିଟିର ପ୍ରୋଜେକ୍ଟ ଡାଇରେକ୍ଟର ନନ୍ଦିନୀ ଆରୋରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ କାର୍ନିଭାଲ ଏପରି ଏକ ଉତ୍ସବ ଏଥିରୁ ଅନେକ କିଛି ଶିକ୍ଷା ମିଳିଥାଏ। ଏଥିରେ ବିଭିନ୍ନ କାର୍ଯ୍ୟକଳାପ ଜରିଆରେ ପିଲାମାନେ ଖେଳିବା ସହ ପରସ୍ପର ସକାରାତ୍ମକ ମନୋଭାବ ନେଇ ମିଶିଥାନ୍ତି। ଫୁଟ୍‌ବଲ ଖେଳ ଜଣକୁ ବଳିଷ୍ଠ କରିଥାଏ। ପିଲାମାନଙ୍କ ମାନସିକ ଅବସ୍ଥାରେ ସ୍ଥିରତା ଆଣିଥାଏ। ଏହାଛଡ଼ା ଖୁସି, ଉତ୍ସାହ ଓ ପ୍ରେରଣା ଆଣି ଦେଇଥାଏ। ଏହି ଅବସରରେ ହେଡର ଚ୍ୟାଲେଞ୍ଜ, ଫୁଟ୍‌ବଲ ଷ୍ଟାଇଲ ଡାର୍ଟ ବୋର୍ଡ ଚ୍ୟାଲେଞ୍ଜ, ଫ୍ରିକିକ୍ ଚ୍ୟାଲେଞ୍ଜ, କିଡ୍ ଲେଣ୍ଡିଂ ଏକ୍ସପ୍ରେସନ, କ୍ରିଏଟିଭ ଅନ କ୍ୟାନଭାସ ଥ୍ରୁ ବ୍ରସ୍ ଆଣ୍ଡ୍ କଲର ବ୍ୟତୀତ ୫ ବନାମ ୫ ଫୁଟ୍‌ବଲ ଚ୍ୟାଲେଞ୍ଜ ଅନୁଷ୍ଠିତ ହୋଇଥିଲା। ଦ୍ୱିବାର୍ଷିକି ୟୁଥ୍ ଟୁର୍ନାମେଣ୍ଟ ୨୦୨୨ ସଂସ୍କରଣର ଅଫିସିଆଲ ମାସ୍କଟ ଇଭା ଉପସ୍ଥାପନ କରାଯାଇଥିଲା। କିକ୍ ଅଫ୍ ଡ୍ରିମ୍ ଫୁଟ୍‌ବଲ କାର୍ନିଭାଲ ଚଳିତ ବର୍ଷ ଏପ୍ରିଲରୁ ଆରମ୍ଭ ହୋଇସାରିଛି। ଚଳିତବର୍ଷ ଅକ୍ଟୋବରରେ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ଏହି ଭଳି କାର୍ନିଭାଲର ଆୟୋଜନ ହେବ।

କିକ୍ ଅଫ୍ ଡ୍ରିମ୍ ଟିମ୍ ଫୁଟ୍‌ବଲ କାର୍ନିଭାଲର ଏକ କାର୍ଯ୍ୟକ୍ରମ।

ପ୍ରଥମ ରାଉଣ୍ଡରୁ ମୁଗୁରୁଜା, ଥିମ ବିଦା

ପ୍ୟାରିସ୍, ୨୨।୫

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନର ମୁଖ୍ୟ ପର୍ଯ୍ୟାୟ ରବିବାର ଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ପୂର୍ବତନ ଚାମ୍ପିୟନ ଗାର୍ବିନ ମୁଗୁରୁଜା ଓ ଡୋମିନିକ୍

ଫ୍ରେଞ୍ଚ ଓପନ ଟେନିସ

ଥିମ ପ୍ରଥମ ରାଉଣ୍ଡରୁ ପରାଜୟ ସହ ବିଦାୟ ନେଇଛନ୍ତି। ୨୦୧୬ ସଂସ୍କରଣ ଚାମ୍ପିୟନ ମୁଗୁରୁଜା ୬-୨, ୩-୬, ୬-୪ ସେଟ୍‌ରେ କାଇଆ କାନେପିଙ୍କ ଠାରୁ ପରାସ୍ତ ହୋଇଛନ୍ତି। ଇସ୍ତୋନିଆର ୩୬ ବର୍ଷୀୟ କାନେପି ହେଉଛନ୍ତି ମହିଳା ସିଙ୍ଗଲ୍ସ ବର୍ଗର ବୟୋଜ୍ୟେଷ୍ଠ ଖେଳାଳି। ସେହିଭଳି ୨୦୨୦ ୟୁଏସ୍ ଓପନ ଚାମ୍ପିୟନ ଡୋମିନିକ୍ ଥିମ୍ ୩-୬, ୨-୬, ୪-୬ ସେଟ୍‌ରେ ହୁଗୋ ଡେଲିଅନଙ୍କ ଠାରୁ ପରାସ୍ତ ହୋଇଛନ୍ତି। ଆହତ ସମସ୍ୟାରୁ ମାର୍ଚ୍ଚରେ ଫେରିବା ପରେ ଏପର୍ଯ୍ୟନ୍ତ ୫ ଟୁର୍ନାମେଣ୍ଟରେ ଖେଳିଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିପାରି ନାହିଁ। ସେ ଏକ ବର୍ଷ ତଳେ ରୋମରେ ତାଙ୍କର ଅନ୍ତିମ ବିଜୟ ହାସଲ କରିଥିଲେ।

ମ୍ୟାଚ୍ ଜିତିବା ପରେ ଇସ୍ତୋନିଆର କାଇଆ କାନେପି।

ସଇଦ୍ ଯବାରଙ୍କୁ ନନ୍ଦକିଶୋର ସ୍ମୃତି ସମ୍ମାନ

ଭୁବନେଶ୍ୱର, ୨୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

ସିଟି କ୍ଲବ ନୟାପଲ୍ଲୀ ପକ୍ଷରୁ ରବିବାର ବିଶିଷ୍ଟ ଫୁଟବଲ କୋଚ୍ ନନ୍ଦକିଶୋର ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ବରମୁଣ୍ଡାସ୍ଥିତି ହୋଟେଲ ଚନ୍ଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଆଥ୍‌ଲେଟିକ୍ସ ଆସୋସିଏଶନର ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା, ମୁଖ୍ୟବକ୍ତା ଭାବେ ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡର ଇନ୍ ଚିଫ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗ ଦେଇଥିଲେ। ଏହି ଅବସରରେ ଭାରତର ପୂର୍ବତନ ମହିଳା ଫୁଟ୍‌ବଲ କୋଚ୍ ମହମ୍ମଦ ସଇଦ୍ ଯବାରଙ୍କୁ ପ୍ରଥମ ନନ୍ଦକିଶୋର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭାଗ୍ୟଧର ଜଗଦେବ, ସ୍ନିଗ୍ଧା ମହାପାତ୍ର, ଜାତୀୟ ଖେଳାଳି ତିଲୋତ୍ତମା ବଶ୍ୱାଳ, ଜଲଲ ଖାନ, ବଶିଷ୍ଠ କ୍ରୀଡ଼ା ସଂଗଠକ ସହଦେବ ରାଉତ, ମହମ୍ମଦ ଗୁଲଫାମ, କ୍ଲବ ୭୩ର ସମ୍ପାଦକ ସୁବ୍ରତ ପଟ୍ଟନାୟକ, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ଯୋଗେନ୍ଦ୍ର ଜେନା, ତପନ ଭଞ୍ଜ, ପୂର୍ବତନ ରଣଜୀ ଖେଳାଳି ଅଶୋକ ପଟ୍ଟନାୟକ, ଇଂ ସୁବ୍ରତ ଦାସ ଉପସ୍ଥିତ ଥିଲେ।

ନନ୍ଦକିଶୋର ସ୍ମୃତି ସମ୍ମାନ ଉତ୍ସବ।

ଫିଫା ସଭାପତିଙ୍କ ସହ କଥାହେବେ ପଟେଲ

ନୂଆଦିଲ୍ଲୀ, ୨୨।୫

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ସଭାପତି ପଦରୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ବିଦା ହେବା ପରେ ପ୍ରଫୁଲ ପଟେଲ କହିଛନ୍ତି, ସେ ସୋମବାର ଫିଫା ମୁଖ୍ୟ ଗିଆନ୍ନି ଇନଫାଣ୍ଟିନୋଙ୍କ ସହ କଥା ହେବେ। ଭାରତକୁ ବାସନ୍ଦ ନ କରିବା ପାଇଁ ଏବଂ ନିର୍ବାଚନ ଆୟୋଜନ ଲାଗି ୨ରୁ ୩ ମାସ ସମୟ ଦେବାକୁ ଅନୁରୋଧ କରିବି।

ଏଆଇଏଫ୍‌ଏଫ୍‌ର ଦୈନ୍ୟ ଦିନ କାର୍ଯ୍ୟ ତୁଲାଇବା ପାଇଁ ଏକ ପ୍ରଶାସନିକ କମିଟି (ସିଓଏ) ନିଯୁକ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତରେ ବର୍ତ୍ତମାନ ପରିସ୍ଥିତି ପରଖିବା ପାଇଁ ଫିଫା ଏବଂ ଏସିଆ ଫୁଟବଲ କନଫେଡେରେଶନ (ଏଏଫ୍‌ସି)ର ଏକ ଯୁଗ୍ମ କମିଟି ଗସ୍ତ କରିବେ। ଇନ୍‌ଫାଣ୍ଟିନୋଙ୍କ ସହିତ ଆଲୋଚନା କରିବା ସହ ଫିଫା କାଉନ୍ସିଲ ସଦସ୍ୟ ପଟେଲ ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥାର ସାଧାରଣ ସମ୍ପାଦକ ଫାତମା ସାମୌରାଙ୍କ ସହ ମଧ୍ୟ କଥା ହେବେ ବୋଲି ସେ କହିଛନ୍ତି। ''ମୁଁ ଫିଫା ସହ କଥା ହେବି ଏବଂ ଭାରତକୁ ବାସନ୍ଦ ନ କରିବା ପାଇଁ କହିବି। ନିର୍ବାଚନ ପାଇଁ ୨ରୁ ୩ ମାସ ସମୟ ପ୍ରଦାନ କରିବା ଲାଗି ଅନୁରୋଧ କରିବି।

କଟକରେ ଜାତୀୟ ଜୁନିୟର ଫେନ୍‌ସିଂ ଜୁନ୍ ୧୭ରୁ

ରାଜ୍ୟ ଫେନ୍‌ସିଂ ଆସୋସିଏଶନର ପ୍ରସ୍ତୁତି ବୈଠକ।

ଭୁବନେଶ୍ୱର, ୨୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

୩୦ତମ ଜାତୀୟ ଜୁନିୟର ଫେନ୍‌ସିଂ ପ୍ରତିଯୋଗିତା କଟକସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଜୁନ୍ ୧୭ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କଟକସ୍ଥିତ ୟୁନିୟନ କ୍ଲବଠାରେ ରାଜ୍ୟ ଫେନ୍‌ସିଂ ଆସୋସିଏଶନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଆସୋସିଏଶନର ସଭାପତି ଅନଙ୍ଗ ଉଦୟ ସିଂ ଦେଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରତିଯୋଗିତାରେ ଦେଶର ବିଭିନ୍ନ ୨୭ଟି ରାଜ୍ୟରୁ ପାଖାପାଖି ୮୦୦ ଖେଳାଳି ଭାଗ ନେବେ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ରବିବାର ବୈଠକରେ ରାଜ୍ୟର ୧୭ଟି ଜିଲା ଆସୋସିଏଶନର ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀ ଖେଳାଳିମାନଙ୍କ ଦେଖାଶୁଣା କରିବା ଲାଗି ବହୁ କମିଟି ଗଠିତ ହୋଇଥିଲା। ରାଜ୍ୟ ଜୁନିୟର କ୍ୟାମ୍ପ ଜୁନ୍ ୧ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଫେନ୍‌ସିଂ ଆସୋସିଏଶନର ସମ୍ପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଥିଲେ। ରବିବାର ବୈଠକରେ ୟୁନିୟନ କ୍ଲବ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ସିଂ ଓ ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଯୋଗଦାନ କରିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରତିଯୋଗିତାକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିବା ପୁରୋହିତ ପ୍ରକାଶ କରିଥିଲେ।

ରାଜ୍ୟ ଖବର

ହୀରାକୁଦର ଆବଦ୍ଧ ମାଛଚାଷ ସଫଳ ମଡେଲ

ଭୁବନେଶ୍ୱର, ୨୨।୫ (ବ୍ୟୁରୋ)

ହୀରାକୁଦ ଜଳଭଣ୍ଡାରରେ ଆବଦ୍ଧ ମାଛଚାଷ ବା କେଜ୍ ଫିସ୍ କଲ୍‌ଚର ଏକ ସଫଳ ମଡେଲ୍। ଏହା ଖୁବ୍‌ଶୀଘ୍ର ରାଜ୍ୟର ମଧୁର ପାଣି ମାଛ ଉତ୍ପାଦନକୁ ବହୁ ପରିମାଣରେ ବୃଦ୍ଧି କରିବ। ଉଭୟ କ୍ଷେତ୍ର ପରିଦର୍ଶନ ଏବଂ ଉଚ୍ଚସ୍ତରୀୟ ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହା କହିଛନ୍ତି। ଏହି ଅବସରରେ ସେ ହୀରାକୁଦ ଜଳଭଣ୍ଡାରରେ ସ୍ଥାପିତ କେଜ୍‌ଗୁଡ଼ିକରେ ମାଛ ଚାଷ ସ୍ଥିତି ଅନୁଧ୍ୟାନ କରିବା ସହ ମାଛଚାଷୀ, ଉଦ୍ୟୋଗୀ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କ୍ଷେତ୍ରସ୍ତରୀୟ ମାଛଚାଷର ଅଗ୍ରଗତି ବିଷୟରେ ସନ୍ତୋଷ ପ୍ରକାଶ କରି ମହାପାତ୍ର କମନ୍ ଫେସିଲିଟି ସେଣ୍ଟର, ପରୀକ୍ଷାଗାର ଏବଂ ମାଛ ପହୁଞ୍ଚାଣ ନିମନ୍ତେ ଭାସମାନ ଜେଟି ଆଦି ଭିତ୍ତିଭୂମିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଦ୍ଧ ମାଛ ଚାଷ ବିକାଶ ନିମନ୍ତେ ସରକାର ଆବଶ୍ୟକ ଭିତ୍ତିଭୂମି ଓ ସହଯୋଗ ଯୋଗାଇଦେବେ। କମନ୍ ଫେସିଲିଟି ସେଣ୍ଟରରେ ଚାଷୀମାନେ କେଜରୁ ମାଛ ଧରି ବିପଣୀ ନିମନ୍ତେ ବର୍ଗୀକରଣ, ଓଜନ ଓ ପ୍ରସ୍ତୁତ କରିପାରିବେ। ଏଠାରେ ଚାଷୀଙ୍କ ପାଇଁ ପାଣି, ବିଦ୍ୟୁତ, ପରିଚ୍ଛନ୍ନତା ଓ ଶୌଚାଳୟ ଆଦିର ବ୍ୟବସ୍ଥା ରହିବ। ମାଛ ଚାଷୀମାନେ କେଜ୍‌ରେ ବଢୁଥିବା ମାଛଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଗୁଣାତ୍ମକମାନର ଉତ୍ପାଦନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେଇପାରିବେ। ଜଳଭଣ୍ଡାର ଉପରିଭାଗର ୧ ପ୍ରତିଶତ ଅଞ୍ଚଳରେ ଏହି କେଜ୍ କଲ୍ଚର ସୀମିତ ରଖିବା ଲାଗି ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହୀରାକୁଦ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ଉପନିର୍ଦ୍ଦେଶକ ବିରଜା ପ୍ରକାଶ ଦ୍ୱିବେଦୀ ଜଣାଇଥିଲେ ଯେ, ଜାତୀୟ ନିୟମାବଳୀ ଦ୍ୱାରା ନିର୍ଦ୍ଧାରିତ ସୀମାଠାରୁ ବହୁ କମ୍ ଅଞ୍ଚଳରେ ବର୍ତ୍ତମାନ ପର୍ଯ୍ୟନ୍ତ ୩୨ କେଜ୍‌ମାଛଚାଷ ଜୋନ୍ ଏବଂ ୬୨୫ ସବ୍ ଜୋନ ଚିହ୍ନଟ କରାଯାଇଛି। ଏହା ମଧ୍ୟରୁ ୧୦୧ ସବ୍- ଜୋନକୁ ପୁଞ୍ଜିନିବେଶ ଆଗ୍ରହ ଭିତ୍ତିରେ ଚୟନ ହୋଇଥିବା ଉଦ୍ୟୋଗୀମାନଙ୍କୁ ଲିଜ୍ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ସେମାନଙ୍କ ମଧ୍ୟରୁ ୭୧ଜଣ ଉଦ୍ୟୋଗୀ ବିଭାଗ ସହ ବୁଝାମଣାପତ୍ର ସ୍ୱାକ୍ଷର କରି କ୍ଷେତ୍ରସ୍ତରୀୟ କାମ ଆରମ୍ଭ କରିଛନ୍ତି। ୩୦ ସବ୍-ଜୋନ୍‌ରେ କେଜ୍ ସ୍ଥାପନ କାର୍ଯ୍ୟ ସରିଛି। ତେବେ ଉଦ୍ୟୋଗୀଙ୍କୁ ନିୟମିତ ଯୋଗାଯୋଗ ଓ ବୈଷୟିକ ଜ୍ଞାନ କୌଶଳ ସମ୍ପ୍ରସାରଣ ମାଧ୍ୟମରେ ଉତ୍ସାହିତ କରି ଆସନ୍ତା ୬ ମାସରେ ଅବଶିଷ୍ଟ ସବ୍-ଜୋନ୍‌ରେ କେଜ୍ ସ୍ଥାପନ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାର ଉପରିଭାଗରେ ୧,୮୭୫ଟି ଗୋଲାକାର କେଜ୍ କିମ୍ବା ୧୫୦୦୦ ଆୟତଘନାକାର କେଜ୍ ପ୍ରତିଷ୍ଠା କରାଯାଇପାରିବ। ଏସବୁରୁ ଥରକେ ପ୍ରାୟ ୪୫ ହଜାର ଟନ୍‌ରୁ ଅଧିକ ମଧୁର ପାଣି ମାଛ ଅମଳ କରାଯାଇପାରିବ।

କ୍ଷେତ୍ର ପରିଦର୍ଶନ, ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

- ରାଜ୍ୟର ମଧୁର ପାଣି ମାଛ ଉତ୍ପାଦନ ବଢ଼ାଇବ
- ପରୀକ୍ଷାଗାର, ଭାସମାନ ଜେଟି ଆଦି ଭିତ୍ତିଭୂମିକୁ ଗୁରୁତ୍ୱ

ମୋ କଥାକୁ ମୋଡ଼ ଦିଆଯାଇଛି: ବିଷ୍ଣୁ

ଭଦ୍ରକ ଅଫିସ, ୨୨।୫

୨୦୨୪ରେ ନବୀନ ପଟ୍ଟନାୟକ ପୁଣି ମୁଖ୍ୟମନ୍ତ୍ରୀ ହେବେ ଏକଥା ମୁଁ କେବେ କହିନାହିଁ। ମୋ କଥାକୁ ମୋଡ଼ ଦେଇ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପ୍ରଚାର କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ନିଜର ଟିଆର୍‌ପି ବଢ଼ାଇବା ପାଇଁ ଆଉ ଜଣକୁ ହତ୍ୟା କରିବା ଗଣତାନ୍ତ୍ରିକ ଅଧିକାର ନୁହେଁ ବୋଲି ରବିବାର ପୂର୍ବାହ୍ନରେ ବିଧାନସଭାର ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଭଦ୍ରକ ସ୍ଥିତ ତାଙ୍କ ବାସଭବନରେ ଆହୂତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଶନିବାର ଭୁବନେଶ୍ୱରରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉତ୍ତରରେ ମୋ କଥାକୁ ସରକାରୀ ଦଳର ପ୍ରାୟୋଜିତ ଏକ ଗଣମାଧ୍ୟମ ମୋଡ଼ ଦେଇ ପ୍ରଚାର କରୁଥିବା ମୁଁ ସୋସିଆଲ ମିଡିଆରେ ଦେଖିବାକୁ ପାଇଲି। ବିଜୁ ବାବୁଙ୍କ ପ୍ଲାଟଫର୍ମରେ ନବୀନ ବାବୁ ଠିଆ ହୋଇଛନ୍ତି। ନିଜେ ଓଡ଼ିଆ ବୁଝି ପାରୁ ନ ଥିବାରୁ ଅଣଓଡ଼ିଆ ଆଇଏସ୍‌ମାନେ ନବୀନ ବାବୁଙ୍କ ପାଖ ଲୋକ ହୋଇପାରିଛନ୍ତି। ପରୀ ହତ୍ୟାକାଣ୍ଡ, ମାହାଙ୍ଗା ଟ୍ରିପଲ୍ ମର୍ଡର, ମମିତା ମେହେର ହତ୍ୟା ଘଟଣା ଓ ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ମନ୍ତ୍ରୀମାନଙ୍କୁ ନବୀନ ବାବୁ ଏ ପର୍ଯ୍ୟନ୍ତ ମନ୍ତ୍ରୀ ପଦରୁ ବହିଷ୍କାର କରି ପାରିନାହାନ୍ତି। ଭାଜପାରେ ମୋଦିଙ୍କ ଭଳି ଲୋକପ୍ରିୟ ନେତା ଥିବା ବେଳେ ମୁଁ ନବୀନ ଚାଳିଶା ପାଠ କରୁଛି ବୋଲି କୁହାଯିବା ହାସ୍ୟାସ୍ପଦ ଅଟେ। ଭାଜପା ବିଶ୍ୱରେ ସର୍ବବୃହତ ଏକକ ସଙ୍ଗଠନ ରାଜନୈତିକ ଦଳ ଅଟେ। ମୋଦି ବଙ୍ଗୋପସାଗର ହେଲେ ନବୀନ ଚିଲିକା ହ୍ରଦ ବୋଲି ବିରୋଧୀ ଦଳ ଉପନେତା ସେଠୀ କହିଥିଲେ। ଭାଜପାରେ ଥାଇ ମୁଁ କେବେ ନବୀନ ପଟ୍ଟନାୟକଙ୍କସ୍ତୁତି ଗାନ କରିନାହିଁ। ଏହା ସମ୍ପୂର୍ଣ୍ଣ ଭୁଲ୍ କଥା। ମୋ କଥାକୁ ରୂପ ଦେଇ ଏପରି ପ୍ରଚାର କରାଯାଉଛି ବୋଲି ଖବରଦାତା ସମ୍ମିଳନୀରେ ସେ ସ୍ପଷ୍ଟ କରିଛନ୍ତି।

ଲାଞ୍ଚ ନେଇ ଫରେଷ୍ଟର, ଫରେଷ୍ଟଗାର୍ଡ ନିଲମ୍ବିତ

ପାଟଣାଗଡ, ୨୨।୫ (ଡି.ଏନ.ଏ.)

ଲାଞ୍ଚ ନେବା ଅଭିଯୋଗରେ ବଲାଙ୍ଗୀର ଜିଲା ପାଟଣାଗଡ ରେଞ୍ଜ ଲରମ୍ବା ସେକ୍ସନର ଫରେଷ୍ଟର ଭାଗବତ ଦାସ, ଫରେଷ୍ଟଗାର୍ଡ ଗୋପାଳ ଗଡତ୍ୟା ନିଲମ୍ବିତ ହୋଇଛନ୍ତି। ବଲାଙ୍ଗୀର ଡିଏଫଓ ନୀତିଶ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଜଙ୍ଗଲରୁ କାଠ କାଟି ଚାଲାଣ କରିବା ଅଭିଯୋଗରେ ଭରତବାହାଲ ଗ୍ରାମର କରୁଣା ମିଶ୍ରଙ୍କ ଟ୍ରାକ୍ଟରକୁ ଗତ ଫେବୃୟାରୀରେ ଫରେଷ୍ଟର ଦାସ ଜବତ କରିଥିଲେ। ପରେ ଚାର୍ଜଶିଟ୍ କୋହଳ କରି ଉକ୍ତ ଟ୍ରାକ୍ଟରକୁ ଛାଡିଦେବା ପାଇଁ କରୁଣା ଫରେଷ୍ଟର ଦାସଙ୍କୁ ୨୦ ହଜାର ଓ ଫରେଷ୍ଟଗାର୍ଡ ଗଡତ୍ୟାଙ୍କୁ ୫ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଲାଞ୍ଚ କାରବାରର ଏକ ଅଡିଓ ଭାଇରାଲ ହୋଇଥିଲା। ଭାଇରାଲ ହୋଇଥିବା ଏହି ଅଡିଓ ଆଧାରରେ ଡିଏଫଓ ଉଭୟଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

୫ ବର୍ଷରେ ମଲେଣି ୪୦୯ ହାତୀ

ଭୁବନେଶ୍ୱର, ୨୨।୫ (ବ୍ୟୁରୋ)

- ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ବନ୍ୟପ୍ରାଣୀ ବିଶେଷଜ୍ଞ
- ହାତୀ ମୃତ୍ୟୁ ରୋକ ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଦାବି
- ବାୟୋ-ଆକୋଷ୍ଟିକ୍‌ସ ବ୍ୟବହାର କରିବାକୁ ପ୍ରସ୍ତାବ

ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଛି ହାତୀ ମୃତ୍ୟୁ। କେତେବେଳେ ବିଦ୍ୟୁତ ତାର ଲାଗି ହାତୀଙ୍କ ମୃତ୍ୟୁ ଘଟୁଛି ତ ଆଉ କେତେବେଳେ ବିଷ ଖାଇ, ଟ୍ରେନ ଧକ୍କାରେ, ଶିକାରୀଙ୍କ ଗୁଳି ଓ ରୋଗରେ ଜୀବନ ଯାଉଛି। ଓଡ଼ିଶା ବନ୍ୟପ୍ରାଣୀ ସମିତିର ଏକ ପରିସଂଖ୍ୟାନ ଅନୁସାରେ, ଗତ ୫ ବର୍ଷରେ ଅର୍ଥାତ୍ ୨୦୧୭-୧୮ ରୁ ୨୦୨୧-୨୨ ମଧ୍ୟରେ ଓଡ଼ିଶାରେ ୪୦୯ ହାତୀ ମରିଛନ୍ତି। ତେବେ ଚଳିତବର୍ଷ ଜୁନ୍ ପର୍ଯ୍ୟନ୍ତ ଆହୁରି ୮ ହାତୀଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ କରୁଛି। କିନ୍ତୁ ବାସ୍ତବ

ସୁସ୍ଥ ଶରୀର ଓ ଦୀର୍ଘାୟୁ ଅନ୍ତରାଳେ..

ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ତୁଳସୀ ବୃକ୍ଷକୁ ଆଧାତ୍ମିକ ଚିନ୍ତାଧାରା ଭାବେ ପ୍ରତିଦିନ ପୂଜା କରାଯାଇଥାଏ। ଏହା ମନୁଷ୍ୟ ସ୍ୱାସ୍ଥ୍ୟ ନିମନ୍ତେ ବେଶ୍ ଉପାଦେୟ । ଆଜ୍‌ମା, ଥଣ୍ଡାଜନିତ ରୋଗ, ଗଳାରେ ବିଭିନ୍ନ ରୋଗ, ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରଖିବା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ତୁଳସୀ । କେବଳ ସେତିକି ନୁହେଁ, ଦିବା ଓ ରାତ୍ରରେ ଏହା ପ୍ରଚୁର ପରିମାଣର ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ।"

ପ୍ରତ୍ୟେକ ଦେଶର ନିଜସ୍ୱ ପାରମ୍ପରିକ ମୌଳିକ ଚିକିତ୍ସା ବିଜ୍ଞାନ ରହିଛି। ସେହିପରି ଆମ ଦେଶର ପାରମ୍ପରିକ, ମୌଳିକ ତଥା ଶ୍ରେଷ୍ଠ ଚିକିତ୍ସା ବିଜ୍ଞାନ ଭାବେ ଆୟୁର୍ବେଦ ଶାସ୍ତ୍ରକୁ ଗ୍ରହଣ କରାଯାଇଛି। ଆମ ଦେଶୀୟ ଚିକିତ୍ସା ବିଜ୍ଞାନରେ ମନୁଷ୍ୟ ଯେପରି ସୁସ୍ଥ ଓ ଦୀର୍ଘାୟୁ ଜୀବନ ଅତିବାହିତ କରିପାରିବ ତାହାରି ଉପରେ ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଆମ ଚାରିପାଖରେ ରହିଥିବା ବିଭିନ୍ନ ବୃକ୍ଷଲତା ଆମକୁ ସୁସ୍ଥ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ, ଯେଉଁ ବିଷୟରେ ଅନେକ ତଥ୍ୟ ଆୟୁର୍ବେଦରେ ରହିଛି, ଯାହା ସହ ଆଧୁନିକ ବିଜ୍ଞାନ ମଧ୍ୟ ଏକମତ ହୋଇପାରିଛନ୍ତି।

ଆୟୁର୍ବେଦ ଶାସ୍ତ୍ରର ସ୍ରଷ୍ଟା ଚରକ, ଶୁଶ୍ରୁସ, ବାଣଭଟ, ବରାହମିହିର ପ୍ରମୁଖ ମନୁଷ୍ୟ କିପରି ସୁସ୍ଥ ଓ ନୀରୋଗ ରହିବ ସେ ନେଇ ଆୟୁର୍ବେଦରେ ବର୍ଣ୍ଣନା କରିଛନ୍ତି। ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ନିୟମାବଳୀ ତଥା ବିଭିନ୍ନ ଔଷଧୀୟ ଉପାଦାନର ସମ୍ମିଶ୍ରଣରେ ବିଭିନ୍ନ ଆୟୁର୍ବେଦ ଔଷଧ, ଆସବ, ଅରିଷ୍ଟ, ବୃର୍ଣ୍ଣ, ଲେହ, ବଟିକା ଓ ପ୍ରଲେପ ଆଦି ପ୍ରସ୍ତୁତି ପାଇଁ ଔଷଧୀୟ ପ୍ରଣାଳୀ ଶହଶହ ବର୍ଷ ପୂର୍ବରୁ ଏଥିରେ ଲିପିବଦ୍ଧ ହୋଇ ରହିଛି। ଉକ୍ତ ପ୍ରସ୍ତୁତି ଶୈଳୀକୁ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ବହୁ ପରୀକ୍ଷା ନିରୀକ୍ଷା ଓ ଗବେଷଣା କରି ଏହାର କାର୍ଯ୍ୟକାରିତା ଏବଂ ଗୁଣବତ୍ତାକୁ ମାନ୍ୟତା ଦେଇଛନ୍ତି। ଏହାହିଁ ଆମ ଆୟୁର୍ବେଦ ଶାସ୍ତ୍ର ପ୍ରଣେତାଙ୍କ ସିଦ୍ଧି, ଦୂରଦୃଷ୍ଟି ଓ ମହାନତାର ପରିଚୟ ଅଟେ।

ଭାରତୀୟ ବେଦ ଶାସ୍ତ୍ର, ଦର୍ଶନ ଶାସ୍ତ୍ର, ଉପନିଶଦ, ସାଂଖ୍ୟ, ବୈଷେଶିକ ମତ ଆଦି ସମସ୍ତ ଶାସ୍ତ୍ର ଆୟୁର୍ବେଦ ଚକିତ୍ସା ଶାସ୍ତ୍ର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ ଆୟୁର୍ବେଦ ଶାସ୍ତ୍ରକୁ ପଞ୍ଚମ ବେଦ ଭାବେ ଗ୍ରହଣ କରାଯାଇଛି।

ମଣିଷ ସୁସ୍ଥ ଓ ଦୀର୍ଘଜୀବୀ ଭାବେ ବଞ୍ଚିରହିବା ପାଇଁ ଆୟୁର୍ବେଦ ଶାସ୍ତ୍ର ଅନୁମୋଦିତ ବିଭିନ୍ନ ଔଷଧ ବ୍ୟବହାର କରିବା ସହ ପର୍ଯ୍ୟାପ୍ତ ତଥା ପରିଷ୍କାର ଅମ୍ଳଜାନ ବାୟୁର ଆବଶ୍ୟକତା ରହିଛି। ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ବିଭିନ୍ନ ବୃକ୍ଷ, ଲତା, ଗୁଳ୍ମ ମଧ୍ୟରୁ ଏମିତି କେତେକ ବୃକ୍ଷ ରହିଛି ଯାହାକି ଦିବାରାତ୍ର ପ୍ରଚୁର ପରିମାଣରେ ଶୁଦ୍ଧ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାନ୍ତି। ସେ ସମ୍ପର୍କିତ କେତୋଟି ପ୍ରମୁଖ ବୃକ୍ଷ ସମ୍ପର୍କରେ ନିମ୍ନରେ ସୂଚନା ଦିଆଯାଉଛି।

ତୁଳସୀ : ତୁଳସୀ ବୃକ୍ଷକୁ ଆଧାତ୍ମିକ ଚିନ୍ତାଧାରା ଭାବେ ପ୍ରତିଦିନ ପୂଜା କରାଯାଇଥାଏ। ଏହା ମନୁଷ୍ୟ ସ୍ୱାସ୍ଥ୍ୟ ନିମନ୍ତେ ବେଶ୍ ଉପାଦେୟ। ଆଜ୍‌ମା, ଥଣ୍ଡାଜନିତ ରୋଗ, ଗଳାରେ ବିଭିନ୍ନ ରୋଗ, ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରଖିବା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ତୁଳସୀ। କେବଳ ସେତିକି ନୁହେଁ, ଦିବା ଓ ରାତ୍ରରେ ଏହା ପ୍ରଚୁର ପରିମାଣର ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ।

ନିମ୍ବ : ଏହା ବାୟୁମଣ୍ଡଳରେ ରହିଥିବା ବିଭିନ୍ନ ଦୂଷିତ ପଦାର୍ଥକୁ ଶୋଷଣ କରିଥାଏ। ଅନ୍ୟପକ୍ଷରେ ବାୟୁମଣ୍ଡଳକୁ ଦିନ ଓ ରାତିରେ ପ୍ରଚୁର ପରିମାଣରେ ପରିଷ୍କାର ଅମ୍ଳଜାନ ଛାଡ଼ିଥାଏ। ଏହା ପ୍ରାକୃତିକ ଉପାୟରେ କୀଟନାଶକ ଓ ବିଭିନ୍ନ ଦୂଷିତ ପଦାର୍ଥକୁ ନଷ୍ଟ କରି ବାୟୁମଣ୍ଡଳକୁ ଶୋଧନ କରିବାରେ ସହାୟକ ହୋଇଥାଏ। ଏହା ଶରୀର ପାଇଁ ବିଭିନ୍ନ ଚର୍ମ ରୋଗ ଓ ରକ୍ତ ପରିଷ୍କାର ପାଇଁ ବ୍ୟବହୃତ ହୋଇଥାଏ। ତେଣୁ ଏହି ବୃକ୍ଷ ବାସଗୃହ ନିକଟରେ ରହିଲେ ସ୍ୱାସ୍ଥ୍ୟ ପାଇଁ ବହୁ ମୂଲ୍ୟବାନ ହୋଇଥାଏ।

ଓସ୍ତ : ଓସ୍ତ ଗଛ ୨୪ ଘଣ୍ଟା ପର୍ଯ୍ୟାପ୍ତ ପରିମାଣରେ ପରିଷ୍କାର ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହା ଆଜ୍‌ମା, ଡାଇବେଟିସ୍, କୋଷ୍ଠକାଠିନ୍ୟ, ଦନ୍ତ ରୋଗ ପାଇଁ ବ୍ୟବହୃତ ହୋଇଥାଏ। ବାୟୁମଣ୍ଡଳକୁ ଶୁଦ୍ଧ ରଖିବାରେ ଏହି ବୃକ୍ଷ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଘିକୁଆଁରୀ : ଏହା ବାୟୁମଣ୍ଡଳରେ ରହିଥିବା ଆଲଡିହାଇଡ୍ ଓ ବେନଜିନ ପରି ବିଷାକ୍ତ ଗ୍ୟାସକୁ ଶୋଷଣ କରି ବାୟୁମଣ୍ଡଳକୁ ଶୁଦ୍ଧ ଅମ୍ଳଜାନ ଛାଡିଥାଏ। ତେଣୁ ଏହାକୁ ସୁପର ପ୍ଲାଣ୍ଟ ମଧ୍ୟ କୁହାଯାଏ। ଏହା ରାତିଦିନ ୨୪ ଘଣ୍ଟା ବାୟୁମଣ୍ଡଳକୁ ଅମ୍ଳଜାନ ଛାଡ଼ିଥାଏ। ଏହାକୁ ବିଭିନ୍ନ ଆମାଶୟ ଜନିତ ଏବଂ ଚର୍ମ ଜନିତ ରୋଗର ଔଷଧ ରୂପେ ବ୍ୟବହାର କରାଯାଇଥାଏ।

ମନି ପ୍ଲାଣ୍ଟ : ଏହା ଦିବା ଏବଂ ରାତ୍ରରେ ପର୍ଯ୍ୟାପ୍ତ ମାତ୍ରାରେ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହାକୁ ବାସଗୃହ ମଧ୍ୟରେ ରଖିପାରନ୍ତି।

ଜାରବେରା ପ୍ଲାଣ୍ଟ : ଏହା ଏକ ପୁଷ୍ପଯୁକ୍ତ ଛୋଟ ପ୍ଲାଣ୍ଟ। ଏହା ରାତିରେ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହାକୁ ବାସଗୃହରେ ଫୁଲଦାନୀରେ ଲଗାଇ ରଖିବା ଉଚିତ। ନିଦ୍ରାହୀନତା ଦୂର କରିବାରେ ଏହା ସହାୟକ ହୋଇଥାଏ।

ଖ୍ରୀଷ୍ଟମାସ କାକ୍‌ଟସ ପ୍ଲାଣ୍ଟ : ଏହା ଉତ୍କୃଷ୍ଟ ବାୟୁ ପରିଷ୍କାରକ ସହ ରାତରେ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହକୁ ବାସଗୃହରେ ସ୍ଥାପନ କରିବା ଉଚିତ।

ଅର୍କିଡ ପ୍ଲାଣ୍ଟ : ଏହା ଦୀପ୍ତିମାନ ପୁଷ୍ପ ଭାବେ ପରିଚିତ। ଏହା ବାୟୁମଣ୍ଡଳରୁ ବିଷାକ୍ତ ବାଷ୍ପ ଓ ବିଭିନ୍ନ ବିଷାକ୍ତ ଉପାଦାନକୁ ଶୋଷଣ କରି ପରିବେଶର ବାୟୁମଣ୍ଡଳକୁ ପରିଷ୍କାର ରଖିଥାଏ। ଏହା ଦିନ ଓ ରାତି ବାୟୁମଣ୍ଡଳକୁ ଅମ୍ଳଜାନ ଛାଡ଼ିଥାଏ।

ଆରିକା ପାମ ପ୍ଲାଣ୍ଟ : ଏହା ଗୋଲଡେନ ପାମ୍, ବଟରଫ୍ଲାଇ ପାମ୍, ୟେଲୋପାମ ଭାବେ ପରିଚିତ। ଏହା ଦକ୍ଷିଣ ଭାରତ ଓ ଫିଲିପାଇନ୍ସ ଦ୍ୱୀପପୁଞ୍ଜରେ ବହୁଳ ମାତ୍ରାରେ ଦେଖାଯାଇଥାଏ। ଏହା ଦିବା ଓ ରାତ୍ର ଶୁଦ୍ଧ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହା ବାସ ଗୃହ ନିକଟରେ ରଖିବା ଉଚିତ।

ସ୍ନେକ ପ୍ଲାଣ୍ଟ : ଏହି ଗଛ ଦିବାରାତ୍ର ୨୪ ଘଣ୍ଟା ବାୟୁମଣ୍ଡଳକୁ ଅମ୍ଳଜାନ ଛାଡ଼ିଥାଏ। ଏହାବ୍ୟତୀତ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳକୁ ଗ୍ରହଣ କରିନେଇଥାଏ। ତେଣୁ ଏହାକୁ ବାସଗୃହ ମଧ୍ୟରେ ଲଗାଇବା ଉଚିତ।

ଉପରୋକ୍ତ ବିଷୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆମ ପ୍ରାଚୀନ, ଦେଶୀୟ ଚିକିତ୍ସା ଶାସ୍ତ୍ରରେ ମନୁଷ୍ୟ ସୁସ୍ଥ ତଥା ଦୀର୍ଘାୟୁ ରହିବା ନିମନ୍ତେ ବୃକ୍ଷରାଶି ସମୂହର ଭୂମିକା ବିଷୟରେ ବିଷଦ ଭାବରେ ବର୍ଣ୍ଣନା କରାଯାଇଛି। ଏହାକୁ ଆମେ ସଦ୍‌ବିନିଯୋଗ କରିପାରିଲେ ଏହାର ଅମୃତତୁଲ୍ୟ ଫଳ ଆମେ ପାଇପାରିବା।

–ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର,
ମୋ : ୭୮୯୪୧୧୨୪୮୭

ଦାନ୍ତକୁ ଦୃଢ଼ କରେ କ୍ଷୀର

କ୍ଷୀରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ଉପକାରୀ ତତ୍ତ୍ୱ ଆମକୁ କେତେକ ରୋଗଠାରୁ ଦୂରେଇ ରଖିଥାଏ। ତେବେ କ୍ଷୀର ପିଇବା ଦ୍ୱାରା ଆଉ ଏକ ଉପକାର ହୋଇଥାଏ। କଥା କ'ଣ କି ଆମେ ପ୍ରତିଦିନ ଖାଦ୍ୟ ଖାଉଛେ। ଭଲ ଭାବରେ କୁଳି ନ କଲେ ଦାନ୍ତ ସନ୍ଧିରେ ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ଲୁଚି ରହିଯାଏ। ପରବର୍ତ୍ତୀ ସମୟରେ ଏହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ନିୟମିତ କ୍ଷୀର ପିଇଲେ ଦାନ୍ତ ଦୃଢ଼ ରହିଥାଏ। ଏହାବ୍ୟତୀତ ଦାନ୍ତମୂଳରେ ଲୁଚି ରହିଥିବା ଜୀବାଣୁ ନଷ୍ଟ ହୋଇଯାଆନ୍ତି ବୋଲି ଏକ ସର୍ଭେରୁ ଜଣାପଡିଛି। ଦାନ୍ତଜନିତ ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରି ନିୟମିତ କ୍ଷୀର ପିଇବାକୁ ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। କିଛି ସପ୍ତାହ ଅନ୍ତରାଳରେ ସେମାନଙ୍କ ଦାନ୍ତ ପରୀକ୍ଷା କରିବାରୁ ଜଣାପଡିଥିଲା ଯେ, ଦାନ୍ତ ସନ୍ଧିରେ ଲୁଚି ରହିଥିବା କେତେକ ଜୀବାଣୁ ଏହାଦ୍ୱାରା ନଷ୍ଟ ହୋଇଯାଇଛନ୍ତି।

ଆଣ୍ଠୁଗଣ୍ଠି ଯନ୍ତ୍ରଣା ଓ ହରମୋନ୍

ଆଜିକାଲି ଆଣ୍ଠୁଗଣ୍ଠି ଯନ୍ତ୍ରଣା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେବେ ଏପରି ସମସ୍ୟାର କାରଣ ବିଷୟରେ ଅବଗତ ହୋଇ ତାହାର ଚିକିତ୍ସା କରାଇନେବା ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ଏହା ଗୁରୁତର ଅବସ୍ଥା ଧାରଣ କରିଥାଏ। ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଉପଶମ ଦେବାରେ ଏକ ହରମୋନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ସମ୍ପର୍କରେ ୟୁନିଭର୍ସିଟି ଅଫ ଲଣ୍ଡନର ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ଉପରୋକ୍ତ ବିଷୟକୁ ନେଇ ଗବେଷଣା କରିବା ସମୟରେ ସେମାନେ ମନୁଷ୍ୟ ଶରୀରରେ ଏକ ହରମୋନକୁ ଠାବ କରିଥିଲେ। ଏହି ହରମୋନଟି ହେଲା 'ପ୍ରୋଲାକ୍ଟିନ୍'। ଯଦି ଏହା ସନ୍ତୁଳିତ ରହେ ତେବେ ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ସଂପୃକ୍ତ ବ୍ୟକ୍ତି କେତେକାଂଶରେ ଉପଶମ ଲାଭ କରିଥାଆନ୍ତି ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ବୁଦ୍ଧିମତ୍ତା ବଢ଼ାଇବାର ସହଜ ଉପାୟ

ବୁଦ୍ଧିମତ୍ତା ବଢ଼ାଇବାର ସହଜ ଉପାୟ ହାତ ପାଆନ୍ତାରେ ରହିଛି। କେବଳ ଏହାକୁ ଠିକ୍ ଭାବରେ ଉପଯୋଗ କରିପାରିଲେ ହେଲା। ତାହା ହେଲା ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆ। ବ୍ରେକ୍ ଫାଷ୍ଟ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ତେବେ ଏହାକୁ ନିୟମିତ ଠିକ୍ ସମୟରେ ଖାଇଲେ ତାହାର ପ୍ରଭାବ ବୁଦ୍ଧିମତ୍ତା ଉପରେ ପଡିଥାଏ। ୟୁନିଭର୍ସିଟି ଅଫ ଓ୍ୱାଶିଂଟନ୍‌ର ପୁଷ୍ଟିବିଜ୍ଞାନୀମାନେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। 'ବୁଦ୍ଧିମତ୍ତା ଓ ବ୍ରେକଫାଷ୍ଟ' ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ ସମୟରେ ସେମାନେ ଏପରି ବିଷୟରେ ଜାଣିପାରିଛନ୍ତି। ତେବେ ବ୍ରେକ ଫାଷ୍ଟରେ ହାଲୁକା ଖାଦ୍ୟ ସାମିଲ କରିବା ଉଚିତ। ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ପିଇଲେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଠିକ୍ ସମୟରେ ବ୍ରେକଫାଷ୍ଟ ଖାଇବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

ଟେନ୍‌ସନ ବଶବର୍ତ୍ତୀ ହୋଇଥିଲେ...

ଆବଶ୍ୟକତାଠାରୁ ଅଧିକ କର୍ମ ବୋଝ ଏବଂ କେତେକ ବିଷୟକୁ ନେଇ ଅଧିକ ଚିନ୍ତା କଲେ ଜଣେ ଟେନ୍‌ସନର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ରହିଛି। ତେବେ ଏପରି ପରିସ୍ଥିତିର ସାମନା କଲେ ବିଚଳିତ ନ ହୋଇ ସେଥିରୁ କିପରି ମୁକୁଳିବେ ସେ ନେଇ ଚିନ୍ତା କରନ୍ତୁ। ଏହାର ଏକ ସହଜ ତଥା ସରଳ ଉପାୟ ରହିଛି। ଯଦି ଆପଣ ଟେନସନରେ ଅଛନ୍ତି ତେବେ ନିଜକୁ ଖୁସିର ମାହୋଲ ଭିତରେ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣଙ୍କ ମାନସିକତାରେ ପରିବର୍ତ୍ତନ ଘଟିଥାଏ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ସହ ସମୟ କାଟନ୍ତୁ। ତାଙ୍କ ସହ କଥା ହେଲେ ତାହା ଆପଣଙ୍କ ଟେନସନ ସମସ୍ୟାକୁ କେତେକାଂଶରେ ଦୂର କରିପାରେ। ଟେନସନକୁ ଏକ ବଡ ସମସ୍ୟା ବୋଲି ଭାବି ସେନେଇ ଚିନ୍ତା କଲେ ଆପଣଙ୍କ ସମସ୍ୟା ବଢ଼ିଯାଇଥାଏ। ତେଣୁ ସବୁବେଳେ ନିଜକୁ ସକାରାତ୍ମକ ପରିବେଶରେ ରଖିବାକୁ ଚେଷ୍ଟା କରନ୍ତୁ।

ରକ୍ତ ପରୀକ୍ଷାରୁ ଜାଣିହେବ ମେଦବହୁଳତା

ଆଜିକାଲି ମେଦବହୁଳତା ବା ଓବେସିଟି ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଗଲାଣି। ଅସନ୍ତୁଳିତ ଜୀବନଶୈଳୀ ଏବଂ ଓଜନ ବଢ଼ାଉଥିବା ଖାଦ୍ୟପେୟ ଏଥିପାଇଁ ମୁଖ୍ୟତଃ ଦାୟୀ। ତେବେ ନିଜର ମେଦବହୁଳତା ସମ୍ପର୍କରେ ଜାଣିବାର ଏକ ନୂଆ ଉପାୟ ନିକଟରେ ଉଦ୍ଭାବିତ ହୋଇଛି। ରକ୍ତ ପରୀକ୍ଷା ଦ୍ୱାରା ଏ ବିଷୟରେ ସୂଚନା ପାଇହେବ ବୋଲି ପ୍ରକାଶ କରିଛନ୍ତି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ମେଦବହୁଳ ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କର ରକ୍ତ ପରୀକ୍ଷା କରିବା ସମୟରେ ସେମାନେ ଏ ବିଷୟରେ ଜାଣିପାରିଥିଲେ। ଏହି ସମୟରେ ସେମାନେ ଡିଏନଏରେ ଥିବା ମିଥିଲେନ୍ସ ସ୍ତରକୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସ୍ତର ଅସନ୍ତୁଳିତ ରହିଲେ ଜଣେ ବ୍ୟକ୍ତିଙ୍କର ଓଜନ ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ରିପୋର୍ଟରୁ ଜଣାପଡିଛି।

ସ୍ୱାସ୍ଥ୍ୟ ସୂଚନା

➤ଆପଣ ଯେତେ ସୁସ୍ଥ ରହିଲେ ମଧ୍ୟ ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। କାରଣ ଏହାର ସୁପ୍ରଭାବ ଶରୀର ଉପରେ ପଡିଥାଏ।

➤ରାତ୍ରଭୋଜନ ଶେଷ କରିବା ପରେ ସାଙ୍ଗେ ସାଙ୍ଗେ ଶୋଇବାକୁ ଯାଆନ୍ତୁ ନାହିଁ। ଏହାପରେ କିଛି ସମୟ ଚାଲବୁଲ କରନ୍ତୁ, ଯଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତ୍ରଭୋଜନରେ ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ସାମିଲ କରନ୍ତୁ।

➤ନିଜକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ଧ୍ୟାନ ଦିଅନ୍ତୁ। ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ।

➤ସବୁବେଳେ ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ। କାରଣ ଏପରି ଖାଦ୍ୟ ଆମକୁ ନୀରୋଗ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।

➤ଯଦି ଡାକ୍ତର କୌଣସି ମେଡିସିନ୍ ନିୟମିତ ଖାଇବାକୁ ପରାମର୍ଶ ଦେଇଛନ୍ତି ତେବେ ମନକୁ ମନ ତାହାକୁ ଅଧାରେ ବନ୍ଦ କରନ୍ତୁ ନାହିଁ। ସେ ନେଇ ଡାକ୍ତରଙ୍କ ଆଲୋଚନା କରିନିଅନ୍ତୁ।

➤ପ୍ରତିଦିନ କିଛି ସମୟ ଶାନ୍ତ ପରିବେଶରେ ରୁହନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।

➤ନିଜ ଶରୀରରେ ଜଳୀୟ ଅଂଶକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ତେଣୁ ଦିନକୁ ଅତିକମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

ବିଜ୍ଞାନ କଥାଶିଳ୍ପୀ ଗୋକୁଳାନନ୍ଦ

ଜନ୍ମ ଶତବାର୍ଷିକୀରେ ସ୍ମୃତିଚାରଣ

ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଓଡ଼ିଆ ବିଜ୍ଞାନ ସାହିତ୍ୟକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ଯେଉଁ କେତେଜଣ ଯୋଗଜନ୍ମା କର୍ମଯୋଗୀମାନଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିବେ ବିଜ୍ଞାନ କଥାଶିଳ୍ପୀ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର। ସେ ୧୯୫୦ ଦଶକରେ କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରୁଥିବା ଅବସରରେ ମାତୃଭାଷାରେ ବିଜ୍ଞାନକୁ ଜନପ୍ରିୟ କରିବା ଲାଗି ସେଠାରେ ଉଦ୍ୟମ ଚଳାଇଥିବା ପ୍ରାତଃସ୍ମରଣୀୟ ବୈଜ୍ଞାନିକ ସତ୍ୟେନ୍ଦ୍ରନାଥ ବୋଷ ଓ ତାଙ୍କର ସହଯୋଗୀମାନଙ୍କ ପ୍ରଭାବରେ ଆସି ଏଥିପାଇଁ ଅନୁପ୍ରାଣିତ ହୋଇଥିଲେ। ଅତଏବ ସେହିଠାରେ ଛାତ୍ରାବସ୍ଥାରେ ହିଁ ସେ ରଚନା କରିଥିଲେ ଓଡ଼ିଶାର ପାଠକ ମହଲରେ ସର୍ବାଧିକ ଆଦୃତ ବିଜ୍ଞାନ ଭିତ୍ତିକ ଉପନ୍ୟାସ 'ଚନ୍ଦ୍ରର ମୃତ୍ୟୁ'। ପୃଥିବୀର ଉପଗ୍ରହ ଚନ୍ଦ୍ରରେ ଏକଦା ଜୀବଜଗତ ଥିଲା ଏବଂ ପରିବେଶର ଅବକ୍ଷୟ ହେତୁ ତାହା କିପରି ଲୋପ ପାଇଲା ତହିଁରେ ଏହାର ଏକ ନିଖୁଣ କାଳ୍ପନିକ ତଥା ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କରିଥିଲେ। ଭାବିଲେ ବିସ୍ମୟ ଲାଗେ ଯେ ସେ ସମୟରେ ପରିବେଶ ପ୍ରଦୂଷଣ ବା ଜୀବମାନଙ୍କ ବିଲୁପ୍ତି କଥା କାହାରି ମନକୁ ସ୍ପର୍ଶ କରି ନ ଥିଲାବେଳେ ତାଙ୍କ କଳ୍ପନାକୁ କିପରି ଏହା ଛୁଇଁପାରିଲା। ଏଥିରୁ ସେ ଜଣେ ଭବିଷ୍ୟଦ୍ରଷ୍ଟା ଥିବାର ସ୍ପଷ୍ଟ ପ୍ରତୀୟମାନ ହୁଏ।

ଏହା ବ୍ୟତୀତ ସେ ଉଡ଼ନ୍ତା ଥାଳିଆ, ଚତୁର୍ଥ ପରି

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମେ ୨୩/୨୦୨୨ Bhubaneswar, Monday, May 23/ 2022

ଭାରତୀୟ ଦଳରେ ଉମରାନ, ଅର୍ଶଦୀପ

ନୂଆଦିଲ୍ଲୀ, ୨୨।୫ (ପି.ଟି.)

ଜୁନ୍ ୯ରୁ ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଘରୋଇ ଟି୨୦ ସିରିଜ ଏବଂ ପରେ ଇଂଲଣ୍ଡ ଟୁର୍ ପାଇଁ ରବିବାର ଭାରତୀୟ କ୍ରିକେଟ ଦଳ ମନୋନୀତ କରାଯାଇଛି। ଜମ୍ମୁ କଶ୍ମୀର ପେସ୍ ସେନସେଶନ ଉମ୍ରାନ ମଲିକଙ୍କୁ

ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ଓ ଇଂଲଣ୍ଡ ଟୁର୍

- ■ଲୋକେଶ ରାହୁଲ ଅଧିନାୟକ
- ■ରୋହିତ, ବିରାଟଙ୍କୁ ବିଶ୍ରାମ
- ■ଟି୨୦କୁ ହାର୍ଦ୍ଦିକ ଓ କାର୍ତ୍ତିକଙ୍କ ପ୍ରତ୍ୟାବର୍ତ୍ତନ
- ■ ଟେଷ୍ଟ ଦଳରେ ପୂଜାରା

ଏଥିରେ ସ୍ଥାନ ମିଳିଛି, ଯାହାକି ଆଶା କରାଯାଉଥିଲା। ଆଇପିଏଲ୍‌ରେ ସେ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳି ୧୩ଟି ଗେମ୍‌ରେ ୨୧ ଉଇକେଟ ଅକ୍ତିଆର କରିଛନ୍ତି। ସେ ଘଣ୍ଟା ପ୍ରତି ୯୫ ମାଇଲ ବେଗରେ ବୋଲିଂ କରିପାରନ୍ତି। ଉମରାନଙ୍କ ବ୍ୟତୀତ ଡେଥ୍ ଓଭର ସ୍ପେଶାଲିଷ୍ଟ ଅର୍ଶଦୀପ ସିଂ ଦଳରେ ପ୍ରଥମ ଥର ସ୍ଥାନ ପାଇଛନ୍ତି।

ଅନ୍ୟପକ୍ଷରେ ନିୟମିତ ଅଧିନାୟକ ରୋହିତ ଶର୍ମା, ଷ୍ଟାର ବ୍ୟାଟର ବିରାଟ କୋହଲି ଏବଂ ଦୁଇ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ଶାମିଙ୍କୁ ଶାମିଙ୍କୁ ସ୍ପାଇଟ୍ ବଲ୍ ସିରିଜରୁ ବିଶ୍ରାମ ଦିଆଯାଇଛି, ଯେଉଁଥିରେ ରିଷଭ ପନ୍ତ୍ ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଏଜବାଷ୍ଟନରେ ଇଂଲଣ୍ଡ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳିବା ଲାଗି ରୋହିତ, କୋହଲି , ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ପ୍ରମୁଖ ଜୁନ୍ ୧୫ରେ ଇଂଲଣ୍ଡ ଗସ୍ତ କରିବେ। ସେଠାରେ ଦଳ ସହିତ ଚେତେଶ୍ୱର ପୂଜାରା ଯୋଗ ଦେବେ। ଇଂଲିଶ କାଉଣ୍ଟି ଚାମ୍ପିୟନଶିପ୍‌ରେ ସସେକ୍ସ ତରଫରୁ ଚମତ୍କାର ପ୍ରଦର୍ଶନ ପାଇଁ ୧୭ ଜଣିଆ ଭାରତୀୟ ଟେଷ୍ଟ ଦଳରେ ଯୋଗ ଦେବା ପାଇଁ ତାଙ୍କ ଡକରା ପାଇଛନ୍ତି। ୩୪ ବର୍ଷୀୟ ପୂଜାରା ସସେକ୍ସ ତରଫରୁ ୫ଟି ଡିଭିଜନ-୨ ଗେମ୍‌ରେ ୭୨୦ ରନ ସ୍କୋର କରିଛନ୍ତି। ଯାହାଫଳରେ ଚୟନକର୍ତ୍ତାମାନେ କରୋନା ଯୋଗୁ ଗତବର୍ଷ ଇଂଲଣ୍ଡ ବିପକ୍ଷ ସିରିଜର ଖେଳାଯାଇ ପାରି ନ ଥିବା ୫ମ ଟେଷ୍ଟ ମ୍ୟାଚ ପାଇଁ ତାଙ୍କୁ ଦଳରେ ନେବାକୁ ବାଧ୍ୟ ହୋଇଛନ୍ତି। ଗତବର୍ଷ ଖେଳିଥିବା ଦଳରେ କୌଣସି ନୂଆ ଖେଳାଳିଙ୍କୁ ନିଆଯାଇ ନାହିଁ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ଷେତ୍ରରେ ମଧ୍ୟ ତାହା ଦେଖିବାକୁ ମିଳିଛି। ତାଙ୍କ ନେତୃତ୍ୱରେ ଗୁଜରାଟ ଟାଇଟାନ୍ସ ଆଇପିଏଲ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ବୋଲିଂ ବ୍ୟତୀତ ସେ ଭଲ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ସେ ଜାତୀୟ ଟି୨୦ ଦଳକୁ ଫେରିଛନ୍ତି। ଦୀନେଶ କାର୍ତ୍ତିକ ମଧ୍ୟ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ଦ୍ୱାରା ରିଷଭ ପନ୍ତଙ୍କ ଉପରେ ଚାପ ହ୍ରାସ ପାଇବ। ଉଭୟେ ହେଉଛନ୍ତି ମିଡଲ ଅର୍ଡର ଫିନିଶର। ଦଳର ସେ ଦ୍ୱିତୀୟ ଉଇକେଟକିପର ଭାବେ ଦାୟିତ୍ୱ ତୁଲାଇ ପାରିବେ।

ଉମରାନ ମଲିକ ଓ ଅର୍ଶଦୀପ ସିଂ।

ଭାରତର ଟେଷ୍ଟ ଦଳ: ରୋହିତ ଶର୍ମା (ଅଧିନାୟକ), କେ.ଏଲ୍. ରାହୁଲ (ଉପଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟାସ ଆୟାର, ହନୁମା ମିହାରୀ, ଚେତେଶ୍ୱର ପୂଜାରା, ରିଷଭ ପନ୍ତ (ଉଇକେଟକିପର), କେ.ଏସ୍ ଭରତ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ଉମେଶ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା।

ଭାରତର ଟି୨୦ ଦଳ: କେ.ଏଲ୍. ରାହୁଲ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଇଶାନ କିଶନ, ଦୀପକ ହୁଡା, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉପଅଧିନାୟକ ଓ ଉଇକେଟକିପର), ଦୀନେଶ କାର୍ତ୍ତିକ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଭେଙ୍କଟେଶ ଆୟାର, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଅକ୍ଷର ପଟେଲ, ରବି ବିଶ୍ନୋଇ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଆଭେସ୍ ଖାଁ, ଅର୍ଶଦୀପ ସିଂ ଓ ଉମରାନ ମଲିକ।

ଅବୁବାକର, ନବଜିତ ଶ୍ରେଷ୍ଠ ଆଥଲେଟ

ଭୁବନେଶ୍ୱର,୨୨।୫

ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେଶନ (ଏଏଫ୍‌ଆଇ) ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ଗ୍ରାଁ ପ୍ରି ୩ (ଆଇଜିପି ୩) ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲା, କ୍ରୀଡ଼ା ସଚିବ ଆର ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

ଇଭେଣ୍ଟର ସମସ୍ତ ପ୍ରତିଯୋଗିତା ଶେଷ ହେବା ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଆଇଜିପି-୩ର ଶ୍ରେଷ୍ଠ ଆଥ୍‌ଲେଟ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଟ୍ରିପଲ ଜମ୍ପର ଅବଦୁଲା ଅବୁବାକର, ଯିଏକି ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ତାଙ୍କ ସହିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଯୋଗ୍ୟତା ପ୍ରାପ୍ତ ଡିସ୍‌କସ୍ ଥ୍ରୋୟର ନବଜିତ କୌର ଧିଲନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲା, ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ନାୟର, ଏଏଫ୍‌ଆଇର ଟେକ୍‌ନିକାଲ କମିଟି ମୁଖ୍ୟ ଷ୍ଟାନ୍‌ଲି ଜୋନ୍ସ, ସାଂଗଠନିକ ପ୍ରତିନିଧି ମୁମତାଜ ଖାନ୍‌ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

"ଓଡ଼ିଶା ଏବଂ ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେଶନ ସହଭାଗିତାରେ ଏହି ରାଜ୍ୟରେ ଆଥ୍‌ଲେଟିକ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇଛି। ଏହା କେବଳ ୨୦୧୭ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିଥିଲା ତାହା ନୁହେଁ, ହାଇ ପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରିବା ସହ ଏଠାରେ ଦେଶର ପ୍ରଥମ ଇଣ୍ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମର ମଧ୍ୟ ନିର୍ମାଣ କରାଯାଉଛି, ଯାହାକି ଭବିଷ୍ୟତର ଚାମ୍ପିୟନଙ୍କ ପାଇଁ ଏକ ହବ୍ ହେବ। ଆଇଜିପି ୩ ଏବଂ ୪ ଆୟୋଜନ କରିବା ସେହି ଦିଗରେ ଆଉ ଏକ ପଦକ୍ଷେପ। ଭାରତକୁ ଆଥ୍‌ଲେଟିକ୍ସରେ ଅଧିକ ଉଚ୍ଚତାରେ ପହଞ୍ଚାଇବା ଲାଗି ଆମେ ଏଏଫ୍‌ଆଇ ସହିତ କାମ କରିବାକୁ ଇଚ୍ଛୁକ" ବୋଲି ୫-ଟି ସଚିବ କହିଛନ୍ତି।

ଅବଦୁଲା ଅବୁବାକରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ଇଷ୍ଟଜୋନ୍ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୨୨।୫: ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ୨ୟ ଇଷ୍ଟଜୋନ୍ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ରାଜ୍ୟରୁ ୪୦୦ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଦ୍‌ଯାପନ ଉତ୍ସବରେ ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୋ କଲେଜର ଅଧ୍ୟକ୍ଷ ଆକାଶ ଦାସ ନାୟକ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ମେଡାଲ ପ୍ରଦାନ କରିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ଜଜ୍ ଓ ରେଫରିଙ୍କ ସହ ଇଷ୍ଟଜୋନ କରାଟେ ସଭାପତି ସିହାନ ପ୍ରେମଜିତ ସେନ, ସମ୍ପାଦକ ପଙ୍କଜ କାମଲି, ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରତିଯୋଗିତାକୁ ସଫଳ ପରିଚାଳନା କରିଥିଲେ।

ସ୍ପୋର୍ଟ୍ସ ଓଡ଼ିଶା ହାରିଲା

ଭୁବନେଶ୍ୱର, ୨୨।୫: ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଗୋକୁଲମ କେରଳ ୭-୧ ଗୋଲ୍‌ରେ ଓଡ଼ିଶା ସ୍ପୋର୍ଟ୍ସକୁ ପରାସ୍ତ କରିବା ସହ ଟେବୁଲରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଦଳ ପକ୍ଷରୁ ଷ୍ଟ୍ରାଇକର ଏଲ୍‌ସାଦାଇ ଆଚିମ୍‌ପଙ୍ଗ୍ ୪ଟି ଗୋଲ ସ୍କୋର କରିଥିବା ବେଳେ ସୌମ୍ୟ ଗୁଗୁଲୋଥ୍ ଦୁଇଟି ଏବଂ ମନିଷା ଗୋଟିଏ ଗୋଲ ଦେଇଥିଲେ। ସ୍ପୋର୍ଟ୍ସ ଓଡ଼ିଶା ତରଫରୁ ଏକମାତ୍ର ଗୋଲ ନ୍ୟାରି ଖାଖା ସ୍କୋର କରିଥିଲେ। ଲିଗ୍‌ରେ ୧୦ ସିଧାସଳଖ ବିଜୟ ସହ ଗୋକୁଲମ କେରଳ ୩୦ ପଏଣ୍ଟ ଅର୍ଜନ କରିଛି। ମେ ୨୬ରେ ଗୋକୁଲମ କେରଳ ଓ ସେଥୁ ଏଫ୍‌ସି ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତା ଟାଇଟଲ ବିଜୟୀ ହେବ।

୪୦୦ମିଟର ଫ୍ରିଷ୍ଟାଇଲରେ ଟିଟ୍‌ମସ୍‌ଙ୍କ ବିଶ୍ୱ ରେକର୍ଡ

ଆଡିଲେଡ୍, ୨୨।୫ (ଏପି): ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଏରିଆର୍ନେ ଟିଟ୍‌ମସ୍ ଅଷ୍ଟ୍ରେଲିଆନ ସୁଇମିଂ ଚାମ୍ପିୟନଶିପ୍ ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ୍‌ରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସାଉଥ ଅଷ୍ଟ୍ରେଲିଆନ ଆକ୍ୱାଟିକ୍ ସେଣ୍ଟରଠାରେ ଟିଟ୍‌ମସ ୩ ମିନିଟ ୫୬.୪୦ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ପୂର୍ବରୁ ଏହି ରେକର୍ଡ ଆମେରିକାର କେଟି ଲେଡେକି (୩:୫୬.୪୬)ଙ୍କ ନାମରେ ରହିଥିଲା। ସେ ଏହି କୀର୍ତ୍ତିମାନ ୨୦୧୬ ରିଓ ଅଲିମ୍ପିକ୍ସରେ ହାସଲ କରିଥିଲେ। ଟିଟ୍‌ମସ୍ ଗତବର୍ଷ ଟୋକିଓ ଗେମ୍ସ ୨୦୦ ମିଟର ଫ୍ରିଷ୍ଟାଇଲରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ।

'ମୁମ୍ବାଇକୁ ଧନ୍ୟବାଦ'

ମୁମ୍ବାଇ,୨୨।୫: 'ଧନ୍ୟବାଦ୍ ମୁମ୍ବାଇ। ଆମେ ଏହି ସାହାଯ୍ୟକୁ ମନେ ରଖିବୁ' ବୋଲି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଇପିଏଲ୍ ପ୍ଲେଅଫ୍‌ରେ ପ୍ରବେଶ କରିବା ପରେ ବିରାଟ କୋହଲି କହିଛନ୍ତି। ଶନିବାର ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ୫ ଉଇକେଟରେ ଦିଲ୍ଲୀକୁ ହରାଇ ଦେବାରୁ ଏହା ସମ୍ଭବ ହୋଇପାରିଛି।

ଭର୍ଷ୍ଟାପେନ୍ ଜିତିଲେ ସ୍ପାନିଶ ଗ୍ରାଁ ପ୍ରି

ମଣ୍ଟମେଲୋ, ୨୨।୫ (ସ୍ପେନ)

ଫର୍ମୁଲା ୱାନ ବିଶ୍ୱ ଚାମ୍ପିୟନ ରେଡ୍‌ବୁଲ୍‌ର ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ମାକ୍ସ ଭର୍ଷ୍ଟାପେନ୍ ସ୍ପାନିଶ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ରେସ୍‌ରେ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଅଗ୍ରଣୀ ରହିଥିଲେ। ରହିଥିଲେ। ମାତ୍ର ଇଞ୍ଜିନ ଅଚଳ ହୋଇଯାଇଥିବାରୁ ସେ ରିଟାୟର୍ଡ ନେଇ ଯାଇଥିଲେ। ଚଳିତ ବର୍ଷର ୬ଟି ରେସ୍ ମଧ୍ୟରେ ଭର୍ଷ୍ଟାପେନ୍‌ଙ୍କ ଏହା ହେଉଛି ୪ର୍ଥ ବିଜୟ। ରେସ୍ ଜିତିବା ଦ୍ୱାରା ୨୦୨୨ରେ ପ୍ରଥମ ଥର ସେ ଚାମ୍ପିୟନଶିପ୍ ଟେବୁଲରେ ଅଗ୍ରଣୀ ଲାଭ କରିଛନ୍ତି। ପରବର୍ତ୍ତୀ ମୋନାକୋ ଗ୍ରାଁ ପ୍ରି ବେଳକୁ ସେ ଲେକ୍‌ରେକଙ୍କଠାରୁ ୬ ପଏଣ୍ଟ ଆଗରେ ରହିଥିବେ। ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ସର୍ଗିଓ ପେରେଜ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମର୍ସିଡିଜର ଜର୍ଜ ରସେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫେରାରିର କାର୍ଲୋସ ସେଞ୍ଜ ଜୁନିୟର ୪ର୍ଥ, ମର୍ସିଡିଜର ଲୁଇସ୍ ହାମିଲଟନ ୫ମ ଓ ଆଲ୍‌ଫା ରୋମିଓର ଭାଲଟେରୀ ବୋଟାସ ୬ଷ୍ଠ ହୋଇଥିଲେ। ୭ମରୁ ୧୦ମ ସ୍ଥାନ ଯଥାକ୍ରମେ ଏଷ୍ଟିବାନ ଓକନ (ଆଲପାଇନ୍), ଲାଣ୍ଡୋ ନୋରିସ (ମ୍ୟାକଲରେନ), ଫର୍ନାଣ୍ଡୋ ଆଲୋଁସୋ (ଆଲ୍‌ପାଇନ) ଓ ୟୁକି ଟିସୁନୋଡା (ଆଲ୍‌ଫା ତାଉରି) ଅଧିକାର କରିଥିଲେ।

ମାକ୍ସ ଭର୍ଷ୍ଟାପେନ୍

ପଞ୍ଜାବ କିଙ୍ଗ୍ସର ସହଜ ବିଜୟ

ମୁମ୍ବାଇ,୨୨।୫

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଆଇପିଏଲର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍‌କୁ ୫ ଉଇକେଟରେ ପଞ୍ଜାବ କିଙ୍ଗ୍ସ ହରାଇ ଦେଇଛି। ଏହି ବିଜୟ ସହ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହି ପଞ୍ଜାବ ଅଭିଯାନ ଶେଷ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ୍ କରିଥିଲା। ଅଭିଷେକ ଶର୍ମା ୪୩ (୫ ଚୌକା ଓ ୨ ଛକା), ରୋମାରିଓ ଶେଫର୍ଡ ୨୬* (୨ ଲେଖାଏ ଚୌକା, ଛକା) ଓ ୱାଶିଂଟନ ସୁନ୍ଦର ୨୫(୩ ଚୌକା ଓ ୧ ଛକା) ରନ୍ କରିଥିଲେ। ପଞ୍ଜାବ ପକ୍ଷରୁ ହରପ୍ରୀତ ବ୍ରାର ଓ ନାଥନ ଇଲିସ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଲିଆମ ଲିଭିଂଷ୍ଟୋନଙ୍କ ବିସ୍ଫୋରକ ଅପରାଜିତ ୪୯ (୨ ଚୌକା ଓ ୫ ଛକା) ବଳରେ ପଞ୍ଜାବ ୧୫.୧ ଓଭରରେ ୫ ଉଇକେଟ ହରାଇ ୧୬୦ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଶିଖର ଧାୱନ ୩୯ ଓ ଜନ୍ନି ବେଆରଷ୍ଟୋ ୨୩ ରନ୍ କରିଥିଲେ।

ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହରପ୍ରୀତ ବ୍ରାର (ଡାହାଣ)।

ସଂକ୍ଷିପ୍ତ ସ୍କୋର

ସନରାଇଜର୍ସ ହାଇଦ୍ରାବାଦ୍: ୨୦ ଓଭରରେ ୧୫୭/୮(ଅଭିଷେକ ଶର୍ମା-୪୩, ରୋମାରିଓ ଶେଫର୍ଡ-୨୬*, ୱାଶିଂଟନ ସୁନ୍ଦର-୨୫, ହରପ୍ରୀତ ବ୍ରାର-୩/୨୬, ନାଥନ ଇଲିସ-୩/୪୦)। ପଞ୍ଜାବ କିଙ୍ଗ୍ସ: ୧୫.୧ ଓଭରରେ ୧୬୦/୫(ଲିଆମ ଲିଭିଂଷ୍ଟୋନ-୪୯*, ଶିଖର ଧାୱନ-୩୯, ଫାଜଲହକ ଫାରୁକି-୨/୩୨)।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୁରୁଣା ଗଣ୍ଠି ବ୍ୟଥାର ପ୍ରଭାବୀ ଉପଚାର

ଆୟୁର୍ବେଦିକ ତେଲ/କ୍ୟାପ୍‌ସୁଲ

ଡା. ଅର୍ଥୋ®

ଡା. ଅର୍ଥୋ ହିଁ କାହିଁକି କିଣିବେ?

ଗ୍ରାମ-ଗ୍ରାମ, ସହର-ସହର, ଯିଏ ବି ଆପଣାଇଲେ - ପରିଣାମ ପାଇଲେ

Rajasthan: ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ ଲେଖିଛନ୍ତି ଯେ କିଛିଦିନ ତଳେ ମୋର ଆକ୍ସିଡେଣ୍ଟ ହୋଇ-ଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।

Uttrakhand: ଲକ୍ଷ୍ମୀ ବାନାର୍ଜୀ, ବୟସ ୫୬ ବର୍ଷ, ବିଗତ ୨-୩ ବର୍ଷ ଧରି ତାଙ୍କର ଅଣ୍ଟା ବ୍ୟଥା ଓ ସାଇଟିକା ଯନ୍ତ୍ରଣା ରହିବାକୁ ଲାଗିଥିଲା। କୁଆଡ଼େ ଯିବାର କଥା ଉଠିଲେ ହିଁ ଭୟ ଲାଗୁଥିଲା । ମୁଁ ପୂର୍ଣ୍ଣ ଆଶା ସହିତ ଡା. ଅର୍ଥୋ ତେଲ ସକାଳେ-ସନ୍ଧ୍ୟାବେଳେ ଆଣ୍ଠୁରେ ଲଗାଇଲି ଓ ନିୟମିତ ରୂପେ କ୍ୟାପ୍‌ସୁଲ ଖାଇବା ଆରମ୍ଭ କଲି । ମାତ୍ର ଦୁଇ-ତିନି ସପ୍ତାହରେ ହିଁ ୭୦ ପ୍ରତିଶତ ଭଲ ହୋଇଯାଇଛି।

Gujarat: ବିନୋଦ ଭାଇ, ବୟସ ୫୬ ବର୍ଷ, ପ୍ରାଇଭେଟ ଚାକିରିଆ ଓ ଆଥ୍‌ଲେଟ୍ ଖେଳାଳି ଥିଲେ। ବିଗତ ୪-୫ ବର୍ଷ ଧରି ମୋ ଡାହାଣ ଆଣ୍ଠୁ ଓ ଶରୀରରେ ବ୍ୟଥାର ସମସ୍ୟା ରହିଥିଲା। ମୁଁ ଖବରକାଗଜରୁ ଆୟୁର୍ବେଦିକ ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ନିର୍ଦ୍ଦେଶ ଅନୁଯାୟୀ ତାହାକୁ ବ୍ୟବହାର କଲି। ଆଜିକୁ ୪ ମାସ ହେଲାଣି ମୁଁ ପୂର୍ବାପେକ୍ଷା ଭଲ ଅନୁଭବ କରୁଛି।

Bihar: ନନ୍ଦ କିଶୋର ବିଶ୍ୱକର୍ମା, ବୟସ ୪୦ ବର୍ଷ, ଅନେକ ସମୟ ଧରି ମୁଁ ଗଣ୍ଠି ଯନ୍ତ୍ରଣା ସମସ୍ୟାରେ ପୀଡ଼ିତ ଥିଲି । ଚଲାବୁଲା କଲାବେଳେ ଆଣ୍ଠୁରୁ ଶବ୍ଦ ବାହାରୁଥିବାର ଅନୁଭବ ହେଉଥିଲା । ବନ୍ଧୁଙ୍କ କଥା ମାନି ମୁଁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଦୈନିକ ସେବନ ଆରମ୍ଭ କଲି । ମୋତେ ଏହାଦ୍ୱାରା ବହୁ ଲାଭ ମିଳିଲା। ଆଜି ମୁଁ ନିର୍ବିଘ୍ନରେ ବସାଉଠା କରିପାରୁଛି ।

Gujarat: ମୋ ନାମ ଲକ୍ଷ୍ମୀ ବେନ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ

ଚନ୍ଦ୍ରମାପାଟପୁରରେ ୫୨ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ବ୍ଲକ ଗୋଲବାଇ ଶାସନ ଅନ୍ତର୍ଗତ ଚନ୍ଦ୍ରମାପାଟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପଞ୍ଚାୟତ ଏକତା ମଞ୍ଚ ଆନୁକୂଲ୍ୟରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୫୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କଟକ ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଦି ବ୍ଲଡ ଡୋନର୍ସ ଓଡ଼ିଶାର ସଭାପତି ରଞ୍ଜନ ମହାପାତ୍ର, ଜିଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂ, ବ୍ଲକ ଚେୟାରମ୍ୟାନ ପ୍ରିୟଦର୍ଶିନୀ ପାତ୍ର ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସୁକାନ୍ତ ହାତା, ଚନ୍ଦ୍ରକାନ୍ତ କହଲସିଂ, ଅକ୍ଷୟ ଜେନା, ତାରେଶ୍ୱର ପଲେଇ, ପଞ୍ଚାନନ ଜେନା, ନୀହାର ନଳିନୀ ପ୍ରଧାନ, ପ୍ରଶାନ୍ତ ପରିଡା ଶିବିର ପରିଚାଳନା କରିଥିଲେ।

ସଂକ୍ଷେପରେ

ବାଇକ୍‌କୁ ଧକ୍କା ଦେଲା କାର୍, ୨ ଗୁରୁତର

ବାଲୁଗାଁ,୨୨।୫(ଡି.ଏନ୍.ଏ.): ବାଲୁଗାଁ ରେଲୱେ ଓଭରବ୍ରିଜ୍‌ରେ ରବିବାର ଏକ କାର୍ ବାଇକକୁ ଧକ୍କା ଦେବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ବାଲୁଗାଁ ଉମାମହେଶ୍ୱର ଦେବ ମନ୍ଦିର ନିକଟରେ ରହୁଥିବା ମାଧବ ରଣା ଏବଂ ମଠପୁର ଗ୍ରାମର ସଞ୍ଜୀବ ରଣା । ଚିକିତ୍ସା ପାଇଁ ଏମାନଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ବାଲୁଗାଁ ପଟୁ ବାଇକ୍ (ଓଡିଶା ଏବି ୮୯୧୮)ରେ ମାଧବ ଓ ସଞ୍ଜୀବ ବାଣପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ବାଲୁଗାଁ ରେଲୱେ ଓଭରବ୍ରିଜରେ ବିପରୀତ ଦିଗରୁ ଆସୁଥିବା କାର୍ (ଓଡି୦୨ ଏଏଲ ୧୦୬୩) ଭାରସାମ୍ୟ ହରାଇ ବାଇକକୁ ଧକ୍କା ଦେଇଥିଲା । ଫଳରେ ବାଇକ ଆରୋହୀ ଦ୍ୱୟ ଗୁରୁତର ଆହତ ହୋଇଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି କାର୍ ଚାଳକଙ୍କୁ ଥାନାକୁ ନେବା ସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

ବାଇକ୍ ଚୋରଙ୍କୁ ପୋଲିସ ଜିମା

ଖୋର୍ଦ୍ଧା ଅଫିସ,୨୨।୫ : ଖୋର୍ଦ୍ଧା ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ପରିସରରୁ ଜଣେ ବାଇକ୍ ଚୋରକୁ ସ୍ଥାନୀୟ ଲୋକେ ଧରି ନିର୍ଧୂମ ପିଟିବା ସହ ପୋଲିସ ଜିମା ଦେଇଛନ୍ତି। ବିଭିନ୍ନ ସମସ୍ୟା ନେଇ ଏଠାକୁ ଆସୁଥିବା ଲୋକଙ୍କ ବାରମ୍ବାର ବାଇକ୍ ଚୋରି ନେଇ ଅଭିଯୋଗ ହୋଇ ଆସୁଥିଲା। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରବିବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ବାଇକ ଚୋରି କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା କେତେଜଣ ଲୋକ ଦେଖି ପାଟି କରିଥିଲେ। ସେ ଖସିଯିବାକୁ ଉଦ୍ୟମ କରିବା ବେଳେ ଧରି ମାଡ଼ ମାରିବା ପରେ ଟାଉନ ପୋଲିସ ଜିମା ଦେଇଥିଲେ।

ଚକ୍ଷୁ ଚିକିତ୍ସା ଶିବିର

ବୋଲଗଡ଼,୨୨।୫(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ କଅଁରପୁର-ବେଗୁନିଆ ମୂଳ ବିଦ୍ୟାଳୟଠାରେ ରାମକୃଷ୍ଣ ମିଶନ ଭୁବନେଶ୍ୱର ପକ୍ଷରୁ ରବିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୧୧୨ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୫୦ଜଣଙ୍କର ମୋତିଆ ବିନ୍ଦୁ ଥିବା ଜଣାପଡ଼ିଛି। ଏହି ବ୍ୟକ୍ତିମାନଙ୍କ ମାଗଣାରେ ଚକ୍ଷୁ ଅସ୍ତ୍ରୋପଚାର କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଡା. ହରିଶଙ୍କର ପାତ୍ର ଚକ୍ଷୁ ପରୀକ୍ଷା କରିଥିବା ବେଳେ ସ୍ୱାମୀ ଅଦ୍ୱୈତାନନ୍ଦ ଜୀ ମହାରାଜ, ସ୍ୱାମୀ ଜ୍ଞାନାତିତାନନ୍ଦ ଜୀ ମହାରାଜ ଉପସ୍ଥିତ ଥିଲେ। ଶିକ୍ଷକ ହୃଷିକେଶ ଚମ୍ପତି, ଦିଲୀପ କୁମାର ପଣ୍ଡା, ମଳୟ, ସାଗର, ଟିକି, ବାଦଲ, ଅଜୟ, ଅଶୋକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ବ୍ରାଉନସୁଗାର ଜବତ, ୪ ଅଟକ

ଖୋର୍ଦ୍ଧା ଅଫିସ,୨୨।୫: ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ବାରମ୍ବାର ଏସ୍‌ଟିଏଫ୍, ପୋଲିସର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। କମ୍ ସମୟରେ ଅଧିକ ରୋଜଗାର ଆଶାରେ ଯୁବପିଢ଼ି ଓ ମହିଳାମାନେ ସାମିଲ ହେଉଥିବା ଜଣାପଡ଼ିଛି। ରବିବାର ଖୋର୍ଦ୍ଧା ଟାଉନ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଗୁରୁଜଙ୍ଗ ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ତେବେ ତଦନ୍ତ ଚାଲିଥିବାରୁ ଅଧିକ ସୂଚନା ମିଳିପାରି ନାହିଁ।

୫୮ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା ଅଫିସ,୨୨।୫ : ଓଡ଼ିଶା ମୋ ପରିବାର ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ସ୍ଥାନୀୟ ପୂର୍ତ୍ତ ଡାକ ବଙ୍ଗଳା ଠାରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୋ ପରିବାର ରାଜ୍ୟ ଆବାହକ ଅରୁପ ମୋହନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ୫୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଜେଡି ଯୁବ ଯୁଗ୍ମ ସମ୍ପାଦକ ରୁଦ୍ର ନାରୟଣ ଦତ୍ତ, ମୋ ପରିବାର ଜିଲା ସଂଯୋଜକ ଦିଲୀପ ହୋତା, ଜିଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂ, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ପୌରାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ବିଜେଡି ଜିଲା ଉପସଭାପତି ବିଭୁ ପ୍ରସାଦ ସାହୁ, ଜିଲା ସମ୍ପାଦକ ଲଳିତ ମୋହନ ମହାପାତ୍ର, ନଗର ସଭାପତି ମହମ୍ମଦ ଆରିଫଙ୍କ ସମେତ ଏକାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଜଓ୍ୱାଦ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳୁନି ସହାୟତା

ବେଗୁନିଆ,୨୨।୫(ଡି.ଏନ୍.ଏ.)

- ୮୫୦୦ ହେକ୍ଟର ଫସଲ ନଷ୍ଟ ହୋଇଥିଲା
- ମିଳିଲାନି ଡାଲି ଜାତୀୟ ବିହନ କିଟ୍

ସାମୁଦ୍ରିକ ଝଡ଼ 'ଜଓ୍ୱାଦ'ରେ ପ୍ରଭାବିତ ହୋଇଥିଲେ ଚାଷୀକୁଳ। ଧାନ ଓ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀଙ୍କ ଫସଲ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସହାୟତା ଯୋଗାଇଦେବାକୁ ପ୍ୟାକେଜ୍ ଘୋଷଣା କରିଥିଲେ। ତେବେ ବାତ୍ୟାକୁ ୫ମାସ ବିତିଯାଇଥିଲେ ମଧ୍ୟ ଚାଷୀଙ୍କୁ କ୍ଷତିପୂରଣ ମିଳିପାରି ନାହିଁ। ଅନ୍ୟପକ୍ଷରେ ଚାଷୀଙ୍କ ପାଇଁ ଆସିଥିବା ଡାଲି ଜାତୀୟ ବିହନ କିଟ୍ ବଣ୍ଟନ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ୨୦୨୧-୨୨ ଖରିଫ ଋତୁ ଆରମ୍ଭରୁ ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀ ୧୩ହଜାର ହେକ୍ଟର ଜମିରେ ଧାନ ଫସଲ ଓ ୨ହଜାର ହେକ୍ଟରରେ ପରିବା ଫସଲ କରିଥିଲେ। ଚାଷ କାର୍ଯ୍ୟ ଆରମ୍ଭରୁ ସ୍ୱଳ୍ପ ବୃଷ୍ଟି ଯୋଗୁ ସମସ୍ୟା ଦେଖାଦେଇଥିଲା। ପରେ ବର୍ଷା ସ୍ୱାଭାବିକ ହେବା ଯୋଗୁ କୃଷି କାର୍ଯ୍ୟ ଆଗେଇଥିଲା। ତେବେ ଧାନ ଫସଲ ଅମଳ ସମୟରେ ତଥା ଡିସେମ୍ବର ୪ରେ 'ଜଓ୍ୱାଦ' ଯୋଗୁ ନଷ୍ଟ ହୋଇଯାଇଥିଲା।

କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସହାୟତା ଯୋଗାଇଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ୩୩% ଫସଲ ନଷ୍ଟ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଅଣ ଜଳସେଚିତ ଉପରେ ନିର୍ଭର କରୁଥିବା ଜମି ପାଇଁ ହେକ୍ଟର ପିଛା ୬୮୦୦ ଟଙ୍କା ଓ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩,୫୦୦ ଟଙ୍କା ସହାୟତା ଦିଆଯିବ। ଫଳ ଚାଷୀଙ୍କୁ ହେକ୍ଟର ପିଛା ୧୮ ହଜାର ଟଙ୍କା ସହାୟତା ମିଳିବ। ଏଥିସହ ଚାଷୀଙ୍କୁ ଡାଲି ଜାତୀୟ ବିହନ କିଟ୍ ଯୋଗାଇ ଦିଆଯିବ। ସେହିପରି ଆବଶ୍ୟକ କୃଷି ଯନ୍ତ୍ରପାତି ରିହାତି ଦରରେ ଯୋଗାଇ ଦିଆଯିବ। ରାଜସ୍ୱ ଓ କୃଷି ବିଭାଗର ମିଳିତ ଏକ ଅନୁଧ୍ୟାନ ଦଳ କ୍ଷେତ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ। ଏହି ବ୍ଲକର ୨୧ଟି ପଞ୍ଚାୟତର ୧୬୨୨ଟି ରାଜସ୍ୱ ଗ୍ରାମର ମୋଟ୍ ୮୫୦୦ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି ବୋଲି କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ଇନପୁଟ ସବ୍‌ସିଡି ଭାବେ ଚାଷୀଙ୍କୁ ସର୍ବନିମ୍ନ ୨ହଜାର ଟଙ୍କା ଓ ଅନ୍ୟାନ୍ୟ ଫସଲ ପାଇଁ ୧ ହଜାର ଟଙ୍କା ଦିଆଯିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ସହାୟତା ପ୍ରଦାନରେ ବିଭାଗ ପକ୍ଷରୁ ଅବହେଳା କରାଯାଇଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ପୁଣି ଏବେ ଖରିଫ ଋତୁ ଆରମ୍ଭ ହେଲାଣି। ସହାୟତା ମିଳିଲେ ଚାଷ କାର୍ଯ୍ୟରେ ଲଗାଇବେ ବୋଲି ଆଶା ବାନ୍ଧି ବସିଛି ଚାଷୀ। ତେବେ ଚାଷୀଙ୍କୁ କେବେ ସହାୟତା ମିଳିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ କୁହନ୍ତି, ସହାୟତା ବଣ୍ଟନ ପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ଚାଷୀଙ୍କ ଆକାଉଣ୍ଟରେ ରାଶି ଜମା କରାଯିବ।

ସ୍ୱାଧୀନତା ସଂଗ୍ରାମୀ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର କ୍ରୀଡ଼ା ଭାରତୀ ପୂର୍ବ ପ୍ରାନ୍ତ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ବାଇକ୍ ଶୋଭାଯାତ୍ରା

ଖୋର୍ଦ୍ଧା ଅଫିସ,୨୨।୫

କ୍ରୀଡ଼ା ଭାରତୀ ଆନୁକୂଲ୍ୟରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ ଭାରତବର୍ଷରେ ରବିବାର ବାଇକ୍ ଶୋଭଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ କ୍ରୀଡା ଭାରତୀ ପୂର୍ବ ପ୍ରାନ୍ତ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଏକ ବାଇକ ଶୋଭାଯାତ୍ରା ଗୀତା ଭବନଠାରୁ ବାହାରି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଠାରେ ଶ୍ରଦ୍ଧା ସୁମନ ଅର୍ପଣ କରି ଚାନ୍ଦପୁର ସ୍ଥିତ ରଘୁ ଦିବାକର ସ୍ମୃତି ସଦନରେ ପହଞ୍ଚି ମାଲ୍ୟାର୍ପଣ କରିଥିଲେ। ସେଠାରେ କାର୍ତ୍ତିକ ମହାପାତ୍ର, ସନ୍ତୋଷ ସାମନ୍ତରାୟ ପ୍ରମୁଖ ସ୍ୱାଗତ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରା ବାଲୁଗାଁ ଅଭିମୁଖେ ବାହାରିଥିଲା। ଏଥିସହ କଟକ, ଜଟଣୀ ଏବଂ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ବାହାରିଥିବା ଶୋଭାଯାତ୍ରାକୁ ଜଟଣୀ ବାଇପାସ୍ ଏବଂ ଗଡଖୋର୍ଦ୍ଧା ଛକଠାରେ ଡ.ବେଣୁଧର ଦାସ, ଡ.ପ୍ରବୀର ମହାନ୍ତି, ଚନ୍ଦ୍ରକାନ୍ତ ବାରିକ ପ୍ରମୁଖ ସ୍ୱାଗତ କରିଥିଲେ।

ଖୋର୍ଦ୍ଧାରୁ ବାଇକ ଶୋଭାଯାତ୍ରାରେ ଦିଲୀପ କର, ଦୀପ୍ତିରଞ୍ଜନ ରଣା, ଆଦିତ୍ୟ ମହାରଣା, ପ୍ରଭାତ ପାଣିଗ୍ରାହୀ, ବ୍ରଜେନ୍ଦ୍ର ଚୌଧୁରୀ ପ୍ରମୁଖ ଶୋଭାଯାତ୍ରା ସାମିଲ ହୋଇଥିଲେ। ଖୋର୍ଦ୍ଧା ଜିଲା ସଂଯୋଜକ ଶିକ୍ଷାବିତ୍ ଅଜିତ ରଥ, କେଦାର ବରାଳ, ପ୍ରଶାନ୍ତ ବେହେରା ଏବଂ କାର୍ଯ୍ୟକ୍ରମ ଜିଲା ସଞ୍ଚାଳକ ସରୋଜ ପାଲଟାସିଂ, ସୁଶାନ୍ତ ମୋହନ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷାବିତ ରଥ କହିଥିଲେ, ଭାରତୀୟ ମୁକ୍ତି ସଂଗ୍ରାମରେ ଦେଶର ବୀର ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କ୍ରୀଡା ଭାରତୀ ପୂର୍ବ ପ୍ରାନ୍ତ ଆନୁକୂଲ୍ୟରେ ଗୋଟିଏ ଦିନରେ ଜଳେଶ୍ୱରଠାରୁ ଇଚ୍ଛାପୁରମ୍ ପର୍ଯ୍ୟନ୍ତ ବାଇକ ଶୋଭାଯାତ୍ରା ଆୟୋଜନ କରାଯାଇଛି। ସୁସ୍ଥ ଭାରତ, ସମର୍ଥ ଭାରତ ଓ ସଶକ୍ତ ଭାରତ ଗଠନ ଲକ୍ଷ୍ୟ ରହିଛି। ପୂର୍ବରୁ ୭୫ କୋଟି ସୂର୍ଯ୍ୟ ନମସ୍କାର ପାଇଁ ଭାରତୀୟ ଯୋଗ ପରିବାର ସହଭାଗିତାରେ ୧କୋଟି ୩୩୨ଲକ୍ଷ ୮୪ ହଜାର ୧୮୮ ସୂର୍ଯ୍ୟ ନମସ୍କାର କରି ଗୌରବ ହାସଲ କରିଛି।

ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ହଣ୍ଟର ଇଲେଭେନ ଚାମ୍ପିୟନ

ବୋଲଗଡ଼,୨୨।୫(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ପିଚକୁଳି ଖେଳପଡ଼ିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ (ପିପିଏଲ) ସିଜନ-୬ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫଇନାଲ ମ୍ୟାଚରେ ଏସ୍‌କେ ଆର୍ମି ଇଲେଭେନ ଗିରିଗିରିଆକୁ ହରାଇ ହଣ୍ଟର ଇଲେଭେନ ଚମ୍ପାଇଲୋ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି।

ଟସ୍ ଜିତି ଏସକେ ଆର୍ମି ଏଲେଭେନ ଟିମ୍ ପ୍ରଥମେ ବ୍ୟାଟିଂ କରି ନର୍ଦ୍ଧାରିତ ୧୪.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରିଥିଲା। ଜବାବରେ ହଣ୍ଟର ଇଲେଭେନ ୧୪.୩ ଓଭରରେ ୮ ଉଇକେଟ ବିନିମୟରେ ୯୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମର ବ୍ରିଜେସ କୁମାର ମାର୍ଥା ମ୍ୟାନ ଅଫ ଦି ମ୍ୟାଚ, ଶିଶିର ପରିଡା ମ୍ୟାନ ଅଫ ଦି ସିରିଜ ଭାବେ ବିବେଚିତ ହୋଇଥିଲେ। ଅତିଥିଭାବେ ସାମାଜିକ କର୍ମୀ ପବିତ୍ର ମୋହନ ମାଝୀ, ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ଯୁବନେତା ରୁଦ୍ର ନାରାୟଣ ବାହିନୀପତି, ବିପିନ ଖାଡଙ୍ଗା, ଭାଗୀ ଛୁଆଳସିଂହ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ରନର୍ସ ଅପ ଟିମକୁ ଟ୍ରଫି ସହ ୭ହଜାର ଟଙ୍କା ପ୍ରଦାନ କରିଥିଲେ।

ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳି ଓ ଅନ୍ୟମାନେ।

ଶ୍ରଦ୍ଧାଞ୍ଜଳି ସଭା, ଟ୍ରିକଲିଙ୍ଗ ସଂଖ୍ୟା ଉନ୍ମୋଚିତ

ଖୋର୍ଦ୍ଧା ଅଫିସ,୨୨।୫

ଖୋର୍ଦ୍ଧା ସହରର ଆଇନଜୀବୀ ତଥା କ୍ରାନ୍ତିକାରୀ ବିନୋଦ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଏବଂ ଗବେଷଣାତ୍ମକ ସମ୍ବାଦ ପତ୍ରିକା ଟ୍ରିକଲିଙ୍ଗର ଏପ୍ରିଲ ସଂଖ୍ୟା ଉନ୍ମୋଚନ କାର୍ଯ୍ୟକ୍ରମ ଗୀତାଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ.ପ୍ରଫୁଲ୍ଲ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ଓ ସତ୍ୟ ନାରାୟଣ ଲାଲା, କମ୍ୟୁନିଷ୍ଟ ନେତା ଅନନ୍ତ ମଙ୍ଗରାଜ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିନୋଦଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ବ୍ୟକ୍ତିତ୍ୱ ହେଉଛି ତାଙ୍କ ପରିଚୟ। ଜଣେ ସରଳ ନିଷ୍ପଟ ଏବଂ ଦରଦୀ ମଣିଷଟିଏ ଥିଲେ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ କ୍ରାନ୍ତିକାରୀ ବିନୋଦ ପଟ୍ଟନାୟକ ଏକ ଅବଲୋକନ ଏବଂ ବୈଷ୍ଣବ ପ୍ରବର ରାୟରାମାନନ୍ଦ ଏକ ପର୍ଯ୍ୟାଲୋଚନା ଶୀର୍ଷକ ଦୁଇଟି ପୃଥକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ଗୋପବନ୍ଧୁ ପଣ୍ଡା, ଡ. ବୃନ୍ଦାବନ ପଣ୍ଡା, ଛାତ୍ରନେତା ଜୟନ୍ତ ମହାନ୍ତି, ଯୁଧିଷ୍ଠିର ଛୁଆଳସିଂ, ଜିତେନ୍ଦ୍ର ଓଝା, ପ୍ରଶାନ୍ତ ପାତ୍ର ପ୍ରମୁଖ ବିନୋଦଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ କହିଥିଲେ। ଏହି ଅବସରରେ ଟ୍ରିକଲିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠ ନାଥ ରାଜଗୁରୁଙ୍କ ସଭାପତିତ୍ୱରେ ଏହାର ଏପ୍ରିଲ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଓ ସନ୍ଦୀପ ପଟ୍ଟନାୟକ ପରିଚାଳନା କରିଥିଲେ। କବିତା ପଟ୍ଟନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

ସମାଜରେ କଳୁଷିତ ବାତାବରଣ ସୃଷ୍ଟି କରୁଛି ନିଶା

ଖୋର୍ଦ୍ଧା ଅଫିସ,୨୨।୫

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ର ଖୋର୍ଦ୍ଧା ଜିଲା ସମ୍ମିଳନୀ ସ୍ଥାନୀୟ ମୁକୁନ୍ଦପ୍ରସାଦ ସ୍ଥିତ ଜିଲା କାର୍ଯ୍ୟାଳୟ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରାମଶଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀକୁ ସ୍ୱାଧୀନତା ସଂଗ୍ରାମୀ ତଥା ଅନୁଷ୍ଠାନ ସଭାପତି ପଦ୍ମଚରଣ ନାୟକ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସମ୍ପାଦକ ଶୁଭେନ୍ଦୁ ରାଉତରାୟ ନିକଟରେ ପୁରୀ ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସମ୍ମିଳନୀରେ ଗୃହୀତ ସାଙ୍ଗଠନିକ ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯାଉଛି। ଫଳରେ ଯୁବ ସମାଜ ପଥଭ୍ରଷ୍ଟ ହେଉଛି। ସମାଜରେ ଅଶାନ୍ତି ଏବଂ କଳୁଷିତ ବାତାବରଣ ସୃଷ୍ଟି ହେଉଛି। ନାରୀ ନିର୍ଯାତନା, ଘରୋଇ ହିଂସା, ସାମାଜିକ ବିଶୃଙ୍ଖଳା, ଅପରାଧ ଏବଂ ସଡକ ଦୁର୍ଘଟଣା ଆ

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୨।୫।୨୦୨୨

୬,୩୬,୬୮୩ ଟଙ୍କା	
ସୁନା	୬.୯୦୦ ଗ୍ରାମ
ରୁପା	୬.୬୦୦ ଗ୍ରାମ

ତିନି ରଥର ଚକ, ଅଖ ଡେରା ନୀତି

ପୁରୀ ଅଫିସ, ୨୨।୫:

ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ରବିବାର ତିନିରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଥିବାବେଳେ ରଥଯାତ୍ରାର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରୁ ତିନିଜଣ ପୂଜାପଣ୍ଡା ସାମନ୍ତ ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରାଇବା ପରେ ତିନିରଥର ଦୁଇଟି ଲେଖାଏ ଚକ ସହ ଗୋଟିଏ ଲେଖାଏ ଅଖ ଡେରାଯାଇଥିଲା। ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ପ୍ରାତଃ ୫.୫୦ରେ ହୋଇ ଭିତରଶୋଧ ପରେ ମଙ୍ଗଳ ଆଳତି ବଢ଼ିଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ସକାଳ ଧୂପ ପୂର୍ବାହ୍ନ ୧୧.୧୫ରେ ଶେଷ ହୋଇ ପାଣି ପଡ଼ିଥିଲା। ତିନିଜଣ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଥିଲେ। ସେମାନେ ଆଜ୍ଞାମାଳ ଧରି ଘଣ୍ଟ, ଛତା, କାହାଳୀ ପଟୁଆରରେ ପୂର୍ବାହ୍ନ ପ୍ରାୟ ୧୧ଟା ୫୦ରେ ରଥଖଳାକୁ ଯାତ୍ରା କରିଥିଲେ। ପ୍ରଥମେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଶ୍ରୀନଅରକୁ ଯାଇଥିଲେ। ପୂର୍ବରୁ ରଥଖଳାରୁ ୬ଟି ଚକକୁ ଭୋଇ ସେବକମାନେ ଆଣି ତିନିରଥର ଗୋଟିଏ ଲେଖାଏ ଅଖ ପାଖରେ ରଖିଥିଲେ। ପାଣିଆ ଆପଟ ସେବକମାନେ ସେଗୁଡ଼ିକରେ ପାଣି ପକାଇବାପରେ କମାର ସେବକମାନେ ଚକ ପନ୍ଦାରୀରେ ଯୋଖିଆ କଣ୍ଟା ବାଡ଼େଇଥିଲେ। ରଥଖଳାରେ ଆଜ୍ଞାମାଳ ପହଞ୍ଚିବା ପରେ ଭୋଇ ସେବକମାନେ ଚକରେ ଅଖ ସଂଯୋଗ କରିଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥର ଚକ ଅଖ ସଂଯୋଗ କରାଯାଇଥିଲା। ରାଜନଅରରୁ ଆଜ୍ଞାମାଳ ଧରି ପୂଜାପଣ୍ଡା ସାମନ୍ତ ଘଣ୍ଟ, ଛତା, କାହାଳୀ ସହିତ ଚକଡେରା ସ୍ଥାନକୁ ଆସିଥିଲେ। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ସଂଯୋଗ ହୋଇଥିବା ଚକ ଓ ଅଖରେ ଆଜ୍ଞାମାଳ ଦେବା ପରେ ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହି ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କ ସମେତ ବରିଷ୍ଠ ସେବାୟତମାନେ ଉପସ୍ଥିତ ଥିଲେ। ରଥଯାତ୍ରା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେନେଇ ସମସ୍ତେ ପ୍ରାର୍ଥନା କରିଥିଲେ। ତେବେ ଚକ ଅଖ ଡେରା ନୀତି ସମୟରେ ଘଟିଥିବା ଏକ ଘଟଣାକୁ ସେବାୟତମାନେ ମହାପ୍ରଭୁଙ୍କ କରୁଣା ବୋଲି ବିବେଚନା କରିଛନ୍ତି। ଶନିବାର ରାତିରୁ ପ୍ରବଳ ବର୍ଷା ଲାଗି ରହିଥିଲା। ରବିବାର ସକାଳେ ମଧ୍ୟ ବର୍ଷା ଲାଗିରହିଥିଲା। ମାତ୍ର ଆଜ୍ଞାମାଳ ବିଜେ ସମୟର କିଛି ସମୟ ପୂର୍ବରୁ ହଠାତ୍ ବର୍ଷା ଛାଡ଼ିଯାଇଥିଲା। ଏହାକୁ ମହାପ୍ରଭୁଙ୍କ କରୁଣା ବୋଲି ସେବାୟତମାନେ କହିବା ସହ ଚଳିତ ବର୍ଷ ରଥଯାତ୍ରା ଶୃଙ୍ଖଳିତ ଭାବେ ଶେଷ ହେବା ନେଇ ଆଶାବ୍ୟକ୍ତ କରିଛନ୍ତି।

ରଥଚକରେ ପୂଜାପଣ୍ଡା ଆଜ୍ଞାମାଳ ଦେଉଛନ୍ତି ।

ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରିଯାତ୍ରା ଅବସରରେ ସଙ୍ଗୀତ ମହାବିଦ୍ୟାଳୟ ତରଫରୁ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି ।

ରଥଖଳାରୁ
ନିର୍ମାଣ ଚାଲିଛି ଘଡ଼ିମୁହଁ ଦଣ୍ଡାକଣ୍ଟା

ପୁରୀ ଅଫିସ, ୨୨।୫

ଭଉଁରୀ ତିଥିରେ ରଥଖଳାରେ ତିନିରଥର ତିନିଟି ଅଖ ସହ ଛଅଟି ଚକ ସଂଯୋଗ ପୂର୍ବକ ଚକ-ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ପୂର୍ବାହ୍ନ ୮ଟାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨.୩୦ ସୁଦ୍ଧା ଚକ-ଅଖ ଡେରା ନୀତି ସମ୍ପନ୍ନ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ହୋଇଥିଲା। ଏହାପରେ ପରମ୍ପରା ଅନୁଯାୟୀ କାମ ବନ୍ଦ ରଖାଯାଇଥିଲା। ରବିବାର ସୁଦ୍ଧା ତାଳଧ୍ୱଜ ରଥର ୬ଟି ଚକ ନିର୍ମାଣ ଶେଷ ହୋଇ ସପ୍ତମ ଓ ଅଷ୍ଟମ ଚକରେ ପଇଲାଗି, ପଇ କଳସା ସରିଛି। ବିଲେଇ ବାଡ଼ିଆ ପରେ ପଇ ସଂଯୋଗ କରାଯିବ। ନବମ ଚକ ତୁମ୍ବରେ ଅର ସଂଯୋଗ ହୋଇ ଅର କଟିଙ୍ଗ ସରିଛି। ପଇ ବିନ୍ଧ ଶେଷ ପରେ ପଇ ପିନ୍ଧାଯିବ। ପ୍ରଥମ ଭୂଇଁର ୪ଟି ଭୂଇଁ ଚଉତା କାଠ ଚଉପଟ ପରେ ୨ୟ ଭୂଇଁ ପାଇଁ ୨ଟି ଭୂଇଁ ଚଉତା କାଠ ଚଉପଟ କାର୍ଯ୍ୟ ଆରମ୍ଭ ହେବା ସହ ଦୁଇଟି ଆଗଆଣି, ପଛ ଆଣି ମୁହାଁଟ ଚଉପଟ କାର୍ଯ୍ୟ ଜାରି ରହିଛି। ଦେବଦଳନ ରଥର ୫ଟି ଚକ ନିର୍ମାଣ ଶେଷ ହୋଇ ଷଷ୍ଠ ଓ ସପ୍ତମ ଚକର ପଇ କଳସା ସରିଛି। ଅଷ୍ଟମ ଚକ ପାଇଁ ତୁମ୍ବରେ ଅର ସଂଯୋଗ ହୋଇଛି। ପନ୍ଦାରୀ ଓ ବଳା ବସି ପନ୍ଦରୀ ଗାଡ଼ କାମ ଚାଲିଛି। ନବମ ଚକ ପାଇଁ ତୁମ୍ବରେ ଅର ସଂଯୋଗ ହୋଇ ଅରକଟାପାଇଁ ମାପଚିହ୍ନ ପଡ଼ିଛି। ପ୍ରଥମ ଭୂଇଁଚଉତା ୪ଟି ଚଉପଟ ହୋଇ ସରିବା ପରେ ଦ୍ୱିତୀୟ ଭୂଇଁ ଲାଗି ଦୁଇଟି ଭୂଇଁ ଚଉତା ଚଉପଟ ଚାଲିଛି। ଦୁଇଟି ଅଗୁଆଣି ପଛୁଆଁଣି ମୁହାଁଟ ଚଉପଟ କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ୭ଟି ଚକ ନିର୍ମାଣ ଶେଷ ହୋଇଥିଲା। ଅଷ୍ଟମ ଓ ନବମ ଚକରେ ପଇ କଳସା ଶେଷ ହୋଇଛି। ଦଶମ ଚକ ପାଇଁ ତୁମ୍ବରେ ଅର ସଂଯୋଗ ହୋଇଛି। ତୁମ୍ବରେ ଅଖ ବିନ୍ଧ ପରେ ପନ୍ଦାରି, ବଳା ବସିଛି। ନନ୍ଦିଘୋଷ ରଥର ପ୍ରଥମ ଭୂଇଁଚଉତା ୪ଟି ଚଉପଟ ପରେ ଦ୍ୱିତୀୟ ଭୂଇଁ ପାଇଁ ଦୁଇଟି ଭୂଇଁ ଚଉତା ଚଉପଟ କାର୍ଯ୍ୟ ହେବା ସହ ୩ଟି ମୁହାଁଟ ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାରମାନେ ତିନିରଥର ସାଲଗୁଜ ଏବଂ ତିଖଗୁଜରେ ସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି। ଅସ୍ଥାୟୀ କମାରଶାଳରେ କମାର ସେବକମାନେ ବଳା, ତିନିରଥର ଘଡ଼ିମୁହଁ ଦଣ୍ଡା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

୨୪ରେ ବକ୍ରେଶ୍ୱର ଦେବଙ୍କ ଭଉଁରି ଯାତ୍ରା

ବଳଙ୍ଗା,୨୨।୫(ଡି.ଏନ୍.ଏ.)

ବଳଙ୍ଗା ଅଞ୍ଚଳରେ ଥିବା ଶ୍ରୀ ଶ୍ରୀ ବକ୍ରେଶ୍ୱର ଦେବଙ୍କ ଅକ୍ଷୟ ତୃତୀୟାଠାରୁ ଚନ୍ଦନଯାତ୍ରା ଆରମ୍ଭ ହୋଇ ନୀତିକାନ୍ତି ଅନୁଯାୟୀ ଚାଲିଛି। ତେବେ ଯାତ୍ରାର ୨୧ତମ ଦିବସ ଅବସରରେ ଠାକୁରଙ୍କ ଭଉଁରି ଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ ୨୩ତାରିଖରେ କାଳୀପୂଜା,୨୪ ତାରିଖ ଭଉଁରି ଯାତ୍ରା ଓ ୨୫ ତାରିଖ ବୁଧବାର ଅର୍ଥାତ ଶେଷ ଦିନ ଶାଢ଼ି ପ୍ରଦାନ ଉତ୍ସବ ପାଇଁ ବଳଙ୍ଗା ମେଳଣ କମିଟି ତରଫରୁ ସମସ୍ତ ପ୍ରସ୍ତୁତି ବ୍ୟବସ୍ଥା ଶେଷ ହୋଇଛି। କାଳୀପୂଜା ଦିନ ଗୋପାଳଜୀ ଓ ବକ୍ରେଶ୍ୱର ଦେବ ବିମାନରେ ବସି ବଳଙ୍ଗା ଗ୍ରାମ ମୁଣ୍ଡରେ ଥିବା ଚନ୍ଦନ ପୋଖରୀରେ ଚାପ ଖେଳ ସାରି ଆସନରେ ବିଜେ କରିଥାନ୍ତି। ପରେ ଗ୍ରାମର ପ୍ରତି ଜାଗା ଆଖଡାଘରୁ ପାରମ୍ପରିକ ନାଗା ନୃତ୍ୟ, ପାଇକ ଆଖଡ଼ା କ୍ରୀଡ଼ା ଓ ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗର ପୋଷାକ ପିନ୍ଧିନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଯାତ୍ରାର ଶେଷଦିନରେ ସମସ୍ତ ଜାଗାଘରରୁ ଆସିଥିବା ନାଗା, ବାଡିଖେଳ ପ୍ରତିଯୋଗୀମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥାଏ।

ମାଆଙ୍କୁ ଅସଦାଚରଣ, ପୁଅକୁ ଆକ୍ରମଣ

ବଳଙ୍ଗା,୨୨।୫(ଡି.ଏନ୍.ଏ.)

ବଳଙ୍ଗା ଥାନା ମୈଜୁବେଗ ଗ୍ରାମର ଜଣେ ଯୁବକକୁ ଆକ୍ରମଣ ସହ ତାଙ୍କ ମା'ଙ୍କୁ ଅସଦାଚରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୯୯/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମୈଜୁବେଗ ଗ୍ରାମର ବାଉରୀବନ୍ଧୁ ସାହୁଙ୍କ ସ୍ତ୍ରୀ ମଞ୍ଜୁଲତା ଓ ତାଙ୍କ ପୁଅ ପ୍ରମୋଦ ଗାଁ ମେଳଣ ପଡ଼ିଆରେ ଏକ ଫ୍ୟାନ ମରାମତି ଦୋକାନ କରିଥିଲେ। ଗତ ୭ ତାରିଖରେ ରାତିରେ ବିରାଟ ସାହି ଗ୍ରାମର ଜଣେ ବ୍ୟକ୍ତି ଆସି ପାଟିତୁଣ୍ଡ କରିବା ସହ ମରାମତି ପାଇଁ ଦେଇଥିବା ପଙ୍ଖା ମାଗିଥିଲେ। ମରାମତି ଟଙ୍କା ଦେଲେ ପଙ୍ଖା ଦେବି ବୋଲି କହିବାରୁ ବ୍ୟକ୍ତିଜଣକ ଉତ୍ତ୍ୟକ୍ତ ହୋଇ ପାଖରେ ପଡିଥିବା କାଠ ଫାଳିଆ ଧରି ମାରିବାକୁ ଗୋଡାଇଥିଲେ। ପ୍ରମୋଦ ଦୌଡ଼ି ଘରକୁ ଚାଲିଯାଇଥିବା ବେଳେ ବ୍ୟକ୍ତିଜଣକ ମଧ୍ୟ ତାଙ୍କ ପଛରେ ଯାଇ ଘରେ ପଶିବାକୁ ଚେଷ୍ଟା କରିଥିଲେ। ଏଥିରେ ମଞ୍ଜୁଲତା ପ୍ରତିବାଦ କରିବାରେ ତାଙ୍କୁ ମଧ୍ୟ ଧକ୍କା ମାରିବା ସହ ଅସଦାଚରଣ କରିଥିଲେ। ଫଳରେ ସେ ଉଭୟଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲେ। ଏଥିରେ ପ୍ରମୋଦଙ୍କ ଡାହାଣ ହାତର ଆଙ୍ଗୁଳି ମାଡ଼ ହୋଇ ଗୁରୁତର ହୋଇଥିଲେ ଏବଂ ପୁଅର ଡାକ୍ତରୀ ଚିକିତ୍ସା କରାଯାଉଥିବା ଲିଖିତ ଅଭିଯୋଗକୁ ବିଳମ୍ବରେ ଦିଆଗଲା ବୋଲି ମଞ୍ଜୁଲତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

'ଶରୀର, ମନ ଓ ଆତ୍ମା ଉପରେ ସଂକୀର୍ତ୍ତନ ପ୍ରଭାବ ପକାଏ'

ପୁରୀ ଅଫିସ,୨୨।୫:

ଆଜାଦି କା ଅମୃତ ମହୋତ୍ସବ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ପୁରୀ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ରବିବାର 'ମନୁଷ୍ୟ ଶରୀର, ମନ ଓ ଆତ୍ମା ଉପରେ ସଂକୀର୍ତ୍ତନ'ର ବିଜ୍ଞାନଭିତ୍ତିକ ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ୧୦ଟି ଜିଲାର କର୍ମକର୍ତ୍ତାଙ୍କ ସହିତ ୧୨ଶହ ସଂକୀର୍ତ୍ତନ କଳାକାରଙ୍କ ସମେତ ବରିଷ୍ଠ ଗବେଷକ ଓ ଚିକିତ୍ସକମାନେ ଯୋଗଦେଇଥିଲେ। ଆଲୋଚନାଚକ୍ରକୁ ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଶାସନ ସଚିବ ଦିଗମ୍ବର ମହାନ୍ତି ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସ୍ୱାମୀ ଭକ୍ତ ନିଷ୍କାମ ସଙ୍କ, ଡା. ଅଶୋକ କୁମାର ମହାପାତ୍ର, ଡ. ନାରାୟଣ ରାଉତ, ଡ. ଅର୍ପିତା ପ୍ରିୟଦର୍ଶିନୀ, ଡ. ସନତ କୁମାର ଦାଶ, ଡ. ନରେଶ କୁମାର ମହାପାତ୍ର, ଡ. ନରହରି ମିଶ୍ର, ଡ. ଇନ୍ଦିରା, ଡ. ଶାନ୍ତି ସାହୁ, ଡ. ପ୍ରସନ୍ନ ମହାପାତ୍ର, ଡ. ଆଶୁତୋଷ ମିଶ୍ର, ଡ. ସିଦ୍ଧାର୍ଥ ଶଙ୍କର ମହାପାତ୍ର ଏବଂ ଡ. ଅମ୍ବିକା ପ୍ରସାଦ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବକାଳରେ ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସଂକୀର୍ତ୍ତନ ପ୍ରସିଦ୍ଧି ଲାଭ କରିଥିଲା। ସେହି ସମୟର ଲୋକେ ନିରୋଗ, ସୁସ୍ଥ ଶରୀର ଧାରଣ କରି ଦୀର୍ଘଜୀବୀ ହୋଇପାରୁଥିଲେ। ଏହାର ପ୍ରଭାବରେ ସମାଜରେ ଶାନ୍ତି ଅବ୍ୟାହତ ରହୁଥିଲା। କାଳକ୍ରମେ ଏହାର ଅବକ୍ଷୟ ହେବା ଦ୍ୱାରା ଲୋକେ ଅଶାନ୍ତି, ମାନସିକ ଦୁଶ୍ଚିନ୍ତାରେ ରହିବା ସହ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହେଉଛି ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଚିକିତ୍ସକମାନେ ମତବ୍ୟକ୍ତ କରିଥିଲେ। ମନୁଷ୍ୟ ଯେତେ ଧନୀ ହେଲେ ମଧ୍ୟ ସେ ଯଦି ମାନସିକ ସ୍ତରରେ ଶାନ୍ତି ପାଏ ନାହିଁ ତା'ହାଲେ ତା'ର ଶରୀରରେ ନାନାଦି ପ୍ରକାରର ରୋଗ ସୃଷ୍ଟି ହୋଇଥାଏ। କେତେକଙ୍କ ମତରେ ସଂକୀର୍ତ୍ତନ କରୁଥିବା ଲୋକେ ଗ୍ରାମର ଯୁବପିଢିଙ୍କୁ ପ୍ରବର୍ତ୍ତାଇ ସମ୍ପୃକ୍ତ କରିପାରିବେ। ସଂକୀର୍ତ୍ତନ ଦ୍ୱାରା ବ୍ୟବହୃତ ହେଉଥିବା ହାତର ଆଙ୍ଗୁଳିକୁ ଶରୀରରେ କିଭଳି ଭାବେ ମସ୍ତିଷ୍କ ତଥା ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ପ୍ରଭାବ ପକାଉଛି ସେ ବିଷୟରେ କେତେଜଣ ଚିକିତ୍ସକ ତଥ୍ୟପୂର୍ଣ୍ଣ ମତ ରଖିଥିଲେ। ସଂକୀର୍ତ୍ତନ ମାଧ୍ୟମରେ ଭଗବାନଙ୍କ ନାମ ଉଚ୍ଚାରଣ କରିବା ଦ୍ୱାରା ସେମାନେ ପରୋକ୍ଷରେ ମଦ, ମାଂସ ଓ ଆମିଷଠାରୁ ଦୂରରେ ରହିଥାନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ଦୀର୍ଘ ୨୨ ବର୍ଷ ଧରି ସଂକୀର୍ତ୍ତନ କଳାକୁ ଉଜ୍ଜୀବିତ କରି ରଖୁଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ପରିଷଦର ସମ୍ପାଦକ ଡ. ଜଟାଧାରୀ ମିଶ୍ର ସମ୍ପାଦକୀୟ ବିବରଣୀ ପଠନ ଏବଂ ଚକ୍ରଧର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଦେବପ୍ରସାଦ ଦାଶ ଏବଂ ଡ. ଦୀପ୍ତିରେଖା ଦାଶ ସଭା ପରିଚାଳନା କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ସୁଦର୍ଶନ ବେହେରା ଧନ୍ୟବାଦ ଦେଇଥିଲେ।

ସଂକ୍ଷେପରେ

ଅଲାରନାଥଙ୍କ ଚନ୍ଦନ ବେଶ

ବ୍ରହ୍ମଗିରି,୨୨।୫(ଡି.ଏନ୍.ଏ.) : ମହାପ୍ରଭୁ ଅଲାରନାଥଙ୍କ ବିଭିନ୍ନ ବେଶ ମଧ୍ୟରୁ ସର୍ବାଙ୍ଗ ଚନ୍ଦନ ବେଶ ଅନ୍ୟତମ। ଶ୍ରୀକ୍ଷେତ୍ର ଭଉଁରି ଦିନ ମହାପ୍ରଭୁ ଅଲାରନାଥ ସର୍ବାଙ୍ଗ ଚନ୍ଦନ ବେଶ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଏନେଇ ଶ୍ରୀଜୀଉଙ୍କୁ ରବିବାର ଚନ୍ଦନ ବେଶ କରାଯାଇଛି। ଅଲାରନାଥଙ୍କ ଭଉଁରୀ ଯାତ ବା ୨୧ ଦିନ ଚାପ ଖେଳ ପରେ ରବିବାର ହେଉଛି ଶେଷ ଚାପଖେଳ। ଏନେଇ ସକାଳର ସମସ୍ତ ନୀତିକାନ୍ତି ସରିବା ପରେ ୯ କିଲୋ ଚନ୍ଦନ କାଠକୁ ସେବାୟତମାନେ ଘୋରି ଶ୍ରୀଜୀଉଙ୍କୁ ଚନ୍ଦନ ବେଶ କରାଇଥିଲେ। ପରେ ସନ୍ଧ୍ୟାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଚନ୍ଦନ ପୋଖରୀକୁ ନେଇ ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ଚନ୍ଦନ ବେଶ ଓ ଜଳକ୍ରୀଡା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ବିଭୂତି ଭୂଷଣଙ୍କ 'ମୋ ଜୀବନ ଏକ ନାଟକ' ଉନ୍ମୋଚିତ

କଣାସ,୨୨।୫(ସ୍ୱ.ପ୍ର): କଣାସ ପଞ୍ଚାୟତରେ ମହନ୍ତ ବନମାଳୀ ଦାସ ବାଳିକା ବିଦ୍ୟାଳୟରେ ରବିବାର ସାହିତ୍ୟିକ ବିଭୂତି ଭୂଷଣ ପଟ୍ଟନାୟକଙ୍କ ୮୧ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ କବିତାପାଠ, ପୁସ୍ତକ ଉନ୍ମୋଚନ, ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ବିଭୂତି ଭୂଷଣଙ୍କ ରଚିତ 'ମୋ ଜୀବନ ଏକ ନାଟକ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂଜ୍ୟପୂଜା ସଂସଦ ପକ୍ଷରୁ ଲକ୍ଷ୍ମୀଧର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କୈଳାସ ଚନ୍ଦ୍ର ଟିକାୟତରାୟ, ବିପିନ ବିହାରୀ ଦଳାଇ, ଡ. ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ, ଡ. ହେମନ୍ତ ଛୋଟରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା ହେବା ସହ ଓଡ଼ିଆ ସାହିତ୍ୟରେ ନାଟ୍ୟ ଗୌରବ ବିଭୂତି ଭୂଷଣଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବନ୍ଦ୍ରି ମିଶ୍ର, ବଂଶୀଧର ପଣ୍ଡା, ଜ୍ଞାନରଞ୍ଜନ ଦାସ, ସୁବୋଧ ପଟ୍ଟନାୟକ, ଅଧ୍ୟାପକ କେଶବ ଚନ୍ଦ୍ର ରାଉତରାୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୩୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ସମ୍ପାଦକ ଆଇନଜୀବୀ ବିଶ୍ୱନାଥ ବେହେରା ଧନ୍ୟବାଦ ଦେଇଥିଲେ।

ଅଗ୍ନିକାଣ୍ଡରେ ଗାଈ ଗୁରୁତର, ଜଳିଗଲା ଗୁହାଳ, ଘର

ପିପିଲି,୨୨।୫(ସ୍ୱ.ପ୍ର): ପିପିଲି ତହସିଲ ରଥପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଗତ ବାଲିଗାଁ ପ୍ରଧାନ ସାହିରେ ଶନିବାର ବିଳମ୍ବିତ ରାତିରେ କୌଣସି କାରଣରୁ ଅଗ୍ନିକାଣ୍ଡ ହୋଇ ଚିତ୍ତରଞ୍ଜନ ପ୍ରଧାନଙ୍କ ଘର ସମେତ ଗୁହାଳ ଘର ଜଳି ଯାଇଛି। ଏଥିରେ ଏକ ଗାଈ ଗୁରୁତର ଆହତ ହୋଇଛି। ସୂଚନା ମୁତାବକ, ଚିତ୍ତରଞ୍ଜନଙ୍କ ଘରେ ନିଆଁ ଲାଗିଥିବା ପଡିଶା ଘର ଲୋକ ଦେଖି ଦମକଳ ବାହିନୀକୁ ଜଣାଇଥିଲେ। ସାକ୍ଷୀଗୋପାଳରୁ ୨ଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘର ସହିତ ଗୁହାଳ ଘର ଜଳିଯାଇଥିବା ସାକ୍ଷୀଗୋପାଳ ଅଗ୍ନିଶମ ବାହିନୀ ଅଧିକାରୀ ମନୋଜ ପାତ୍ର କହିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ମଶାଧୂପାଁରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବର ପାଇ ୨୪ ନଂ. ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଯଶୁଆପୁର ସମିତିସଭ୍ୟ ରଶ୍ମିରଞ୍ଜନ ଭଙ୍ଗ, ଯୁବନେତା ପ୍ରତାପ ପ୍ରଧାନ, ନବଘନ ପଣ୍ଡା ପ୍ରମୁଖ ଉକ୍ତ ପରିବାରଙ୍କୁ ଭେଟି ପଲିଥିନ୍, ଚୁଡା ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ।

ପଞ୍ଚାୟତକୁ ଶ୍ରେଷ୍ଠ, ଆଦର୍ଶ ଭାବେ ଗଢ଼ିବାକୁ ଆହ୍ୱାନ

ପୁରୀ ଅଫିସ,୨୨।୫

ନିଜ ପଞ୍ଚାୟତକୁ ଏକ ଆଦର୍ଶ ଓ ଶ୍ରେଷ୍ଠ ପଞ୍ଚାୟତ ଭାବେ ଗଢି ତୋଳିବାକୁ ଜିଲାପାଳ ସମର୍ଥ ବର୍ମା ଆହ୍ୱାନ ଦେଇଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ରବିବାର ଟାଉନ ହଲ୍‌ରେ ସରପଞ

ଜୁନ୍ ୭ରେ ବାସୁକୀଙ୍କ ମନ୍ଦିର ପ୍ରତିଷ୍ଠା

ସାଲେପୁର,(ଡି.ଏନ୍.ଏ.): ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତର ବଟେଶ୍ୱର ଗ୍ରାମରେ ଜୁନ୍ ୭ରେ ନାଗମାତା ବାସୁକୀଙ୍କ ମନ୍ଦିର ପ୍ରତିଷ୍ଠା ହେବ। ଏଥିସହ ୫ ଦିନ ବ୍ୟାପୀ ଯଜ୍ଞ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କବି ସଦାଶିବ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମନ୍ଦିର ପ୍ରତିଷ୍ଠା ସମୟରେ ଅଙ୍କୁରାରୋପଣ, କଳସ ଯାତ୍ରା, ନଗର ପରିକ୍ରମା, ଯଜ୍ଞ ଏବଂ ପାର୍ଶ୍ୱ ଦେବଦେବୀ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ, ପୁରନ୍ଦର ନାୟକ, ଭବାନୀ ପ୍ରସାଦ ପଣ୍ଡା, ରଜନୀକାନ୍ତ ଦାଶ, ପବିତ୍ର ସାମଲ, ହୃଷୀକେଶ ମଲ୍ଲିକ, ବିଷ୍ଣୁଚରଣ ମିଶ୍ର ଓ ହେମନ୍ତ ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ।

ସଂକ୍ଷେପରେ

ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ମାହାଙ୍ଗା,୨୨।୫(ସ୍ୱ.ପ୍ର.): ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ ଯୌତୁକ ପାଇଁ ବଧୂହତ୍ୟା ହୋଇଥିବା ରବିବାର ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଗ୍ରାମର ରମେଶ ବେହେରାଙ୍କ ସ୍ତ୍ରୀ କୁନ୍ତୀ ଦଳାଇ। ଏନେଇ ମୃତକଙ୍କ ନଣନ୍ଦେଇ କାଳିଆ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୮ରେ ସମସରପୁର ଗ୍ରାମର ସ୍ୱର୍ଗତ ଭରତ ଦଳାଇଙ୍କ ଝିଅ କୁନ୍ତୀ ସହ ରମେଶଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ପରେ ସେମାନଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା । ଏହାପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି କୁନ୍ତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ବାପଘର ପକ୍ଷରୁ ବୁଝାଶୁଝା କରାଯିବା ସହ ଯୌତୁକ ଅର୍ଥ ପ୍ରଦାନ କରାଯିବ ବୋଲି କହିଥିଲେ । ମାତ୍ର ଏହା ଦିଆ ନ ଯିବାରୁ ଶାଶୁଘର ଲୋକେ କୁନ୍ତୀଙ୍କୁ ହତ୍ୟା କରି ଛାତ କଡ଼ିଆରେ ଟାଙ୍ଗି ଦେଇଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୧୬/୨୨) ରୁଜୁ କରିଛି।

ବ୍ୟାଟେରି ଚୋରି, ୨ ଗିରଫ

କଟକ ସଦର,୨୨।୫(ଡି.ଏନ୍.ଏ.): ଘରୋଇ ମୋବାଇଲ ଟାୱାରରୁ ବ୍ୟାଟେରୀ ଚୋରି ଅଭିଯୋଗରେ କନ୍ଦରପୁର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗତିରାଉତ ପାଟଣା ପଞ୍ଚାୟତ ଅଧୀନ ଡିହସାହି ଗ୍ରାମର ରତ୍ନାକର ଲେଙ୍କା ଓ କନ୍ଦରପୁର ଅଞ୍ଚଳର ଅକ୍ଷୟ ରାଉତ। ପୋଲିସ ସୂତ୍ରରୁ ପ୍ରକାଶ, ୧୯ ତାରିଖ ରାତିରେ ବିରିବାଟିଠାରେ ଥିବା ଏକ ମୋବାଇଲ ଟାୱାରରୁ ୨୨ଟି ବ୍ୟାଟେରି ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୯୧/୨୨) ରୁଜ କରି ତଦନ୍ତ ଚଳାଇଥିଲା।

କାର୍ ଧକ୍କାରେ ସ୍କୁଟି ଚାଳକ ଗୁରୁତର

କଟକ ସଦର,୨୨।୫(ଡି.ଏନ୍.ଏ.): କଟକ-ପାରାଦୀପ ରାସ୍ତାର ରାମକୁମାରପୁର ଛକରେ ରବିବାର ରାତିରେ ଏକ ସ୍କୁଟିକୁ ପଛପଟୁ କାର୍ ଧକ୍କା ଦେଇଛି। ଏଥିରେ ସ୍କୁଟି ଚାଳକ ଗୁରୁତର ହେବାରୁ ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ଉକ୍ତ କାର୍ କଟକ ଅଭିମୁଖେ ଯାଉଥିବାବେଳେ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ନାଳରେ ପଡିଯାଇଥିଲା। ଏହାପରେ କାର ଚାଳକ ଫେରାର ହୋଇଯାଇଛନ୍ତି। କିଶନ ନଗର ପୋଲିସ ଗାଡି ଦୁଇଟି ଜବତ କରି ତଦନ୍ତ ଚଳାଇଛି।

କ୍ରିକେଟ୍, ପୋଲିସ ଏକାଦଶ ବିଜୟୀ

ଚୌହ୍ନାର,୨୨।୫(ଡି.ଏନ୍.ଏ.): ସ୍ଥାନୀୟ ରୂପଯାତ୍ରା ପଡିଆରେ ଇଙ୍ଗା ଗ୍ରୁପ୍ ପକ୍ଷରୁ ଚୌହ୍ନାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୌହ୍ନାର ପ୍ରେସ୍ ଟିମ୍ ଓ ପୋଲିସ ଏକାଦଶ ଟିମ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ହୋଇଥିଲା। ୯ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ପୋଲିସ ଏକାଦଶ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ୍ ହରାଇ ୯୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଚୌହ୍ନାର ପ୍ରେସ୍ ଟିମ୍ ସମସ୍ତ ଉଇକେଟ୍ ହରାଇ ୬୩ ରନ୍ ସଂଗ୍ରହ କରିଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୋଜକ ଇଙ୍ଗା ଗ୍ରୁପ୍ ପକ୍ଷରୁ ପୋଲିସ ଏକାଦଶ ଟିମ୍‌ର ଅଧିନାୟକ ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କୁ ବିଜୟୀ ଟ୍ରଫି ପ୍ରଦାନ କରାଯାଇଥିଲା। ପୋଲିସ ଏକାଦଶ ଟିମ୍‌ର ପ୍ରଦୀପ କୁମାର ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଶୀତଳ ଷଷ୍ଠୀ ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ,୨୨।୫(ଡି.ଏନ୍.ଏ.): ଖୁଣ୍ଟୁଣୀ-ରମ୍ପେଇ ଗ୍ରାମର ଆରାଧ୍ୟ ଠାକୁର ବାଲୁଙ୍କେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ଉତ୍ସବ ପାଇଁ ରବିବାର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ବୈଠକରେ ମୁଖ୍ୟ ଟ୍ରଷ୍ଟି କିଶୋର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୪ ତାରିଖ ସନ୍ଧ୍ୟାରେ ଦେବ ଦମ୍ପତିଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯାଇ ବିବାହ ମଣ୍ଡପକୁ ନିଆଯିବ। ବରପିତା ଭାବେ ଗଗନ ପରିଡା ଓ କନ୍ୟାପିତା ଭାବେ ରାସ ବିହାରୀ ସାହୁ କାର୍ଯ୍ୟ ସମ୍ପାଦନ କରିବେ। ୫ ତାରିଖରେ ବନ୍ଦାଣ କାର୍ଯ୍ୟ ହେବା ପରେ ପୂର୍ବାହ୍ନ ୧୦ଟାରେ ଦେବ ଦମ୍ପତି ମନ୍ଦିର ପ୍ରବେଶ କରିବେ ବୋଲି ସଦସ୍ୟ ବିପିନୀ ବିହାରୀ ପ୍ରଧାନ କହିଛନ୍ତି। ବୈଠକରେ ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, ବିନୟ ସାହୁ, ଦିଲ୍ଲୀପ ଶେଠ, ପ୍ରିୟବ୍ରତ ପାତ୍ର, ବିକାଶ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଶପିଂମଲ୍, ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ

- ସରକାରୀ ନିୟମକୁ ଅଣଦେଖା
- ନୋଟିସ ଦେଇ ଚୁପ୍ ବସିଛନ୍ତି ବିଭାଗୀୟ ଅଧିକାରୀ

ସାଲେପୁର,୨୨।୫(ଡି.ଏନ୍.ଏ.)

ସାଲେପୁର ବ୍ଲକରେ ଗୋଟିଏ ପରେ ଗୋଟିଏ ଶପିଂ ମଲ୍ ଖୋଲିଚାଲିଛି। ସେହିପରି ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟ ବଢ଼ି ଚାଲିଛି। ମାତ୍ର ସେସବୁ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ବଡ଼ ବଡ଼ ଶପିଂ ମଲ୍, ଶିକ୍ଷାନୁଷ୍ଠାନ, ନର୍ସିଂହୋମ୍, ପେଟ୍ରୋଲ ପମ୍ପ୍ ଆଦି ସ୍ଥାପନ କରିବା ପୂର୍ବରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାପାଇଁ ସରକାରୀ ନିୟମ ରହିଥିବାବେଳେ ମଲ୍ ଅବା ଅନୁଷ୍ଠାନ ମାଲିକମାନେ ଏସବୁ ବିଷୟ ପ୍ରତି ଧ୍ୟାନ ଦେଉନାହାନ୍ତି। ଅପରପକ୍ଷେ ବିଭାଗୀୟ ଅଧିକାରୀମାନେ କେବଳ ନୋଟିସ ଦେଇ ଚୁପ୍ ବସିଛନ୍ତି। ଚଢ଼ାଉ ଅବା କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସମ୍ପୃକ୍ତ ବ୍ୟବସାୟୀ ମନମୁଖୀ କାରବାର ଚଳାଇଛନ୍ତି।

ସାଲେପୁର ଅଞ୍ଚଳରେ ୫ଟି ଶପିଂ ମଲ୍ ଖୋଲିଛି। ସେଥି ମଧ୍ୟରୁ କେତେକ ଶପିଂ ମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦେଖିବାକୁ ମିଳୁନାହିଁ। ଅଧିକ ଲାଭ ପାଇବା ଆଶାରେ କଟକ, ଭୁବନେଶ୍ୱରର ବ୍ୟବସାୟୀମାନେ ଏସବୁ ମଲ୍ ଖୋଲଥିଲେ ମଧ୍ୟ ସରକାରୀ ନିୟମକୁ ଅଣ ଦେଖା କରୁଛନ୍ତି। ଶପିଂମଲ୍‌ଗୁଡ଼ିକରେ ଜରୁରିକାଳୀନ ପ୍ରସ୍ଥାନ ଦ୍ୱାର ନିର୍ମାଣ କରିବାର ନିୟମ ରହିଛି। ଆପତକାଳୀନ ସ୍ଥିତି ସମୟରେ ଗ୍ରାହକମାନେ କିଭଳି ସୁରକ୍ଷିତ ଭାବେ ସେଠାରୁ ଫେରିପାରିବେ ସେ ଦିଗରେ ସମସ୍ତ ପ୍ରକାରପଦକ୍ଷେପ ନିଆଯିବା କଥା। ମାତ୍ର ସାଲେପୁରରେ ଥିବା ମଲ୍‌ଗୁଡ଼ିକରେ ତାହା ଦେଖିବାକୁ ମିଳୁନାହିଁ। ଶପିଂ ମଲ୍‌ଗୁଡ଼ିକର ନିଜସ୍ୱ ପାର୍କିଂ ପ୍ଲେସ୍ ରହିବାର ନିୟମ ଥିଲାବେଳେ ଏଠାକାର ଏକାଧିକ ମଲରେ ଏହି ବ୍ୟବସ୍ଥା ନାହିଁ। ମୁଖ୍ୟ ରାସ୍ତାକଡ଼ରେ ଏସବୁ ମଲ୍ ଥିବାରୁ ଗ୍ରାହକମାନେ ରାସ୍ତା ଉପରେ ଯାନବାହନ ରଖୁଛନ୍ତି। ଫଳରେ ଅଧିକାଂଶ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସେହିପରି ସାଲେପୁରରେ ଥିବା କିଛି ବେସରକାରୀ ଶିକ୍ଷାନୁଷ୍ଠାନରେ ମଧ୍ୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଏପରିକି କିଛି ବେସରକାରୀ ଶିକ୍ଷାନୁଷ୍ଠାନ ଭଡ଼ାଘରେ ଚାଲୁଛି। ମାତ୍ର ପିଲାମାନଙ୍କ ସୁରକ୍ଷା ପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଯଦି ସାଲେପୁରରେ ଖୋଲା ହୋଇଥିବା ଶପିଂ ମଲ୍ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ କୌଣସି କାରଣରୁ ଅଘଟଣ ଘଟେ, ଏ ଦିଗରେ କିଏ ଦାୟୀ ରହିବେ,ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସାଲେପୁର ଅଗ୍ନିଶମ ବିଭାଗର ଅଧିକାରୀ ଶିଶିର କୁମାର ବେହେରା କହିଛନ୍ତି, ଏଠାରେ ଖୋଲାଯାଇଥିବା ଅଧିକାଂଶ ଶପିଂ ମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ସେଗୁଡ଼ିକ ବିପଦଜନକ ଅବସ୍ଥାରେ ଚାଲୁଅଛି। ଏନେଇ ସାଲେପୁର ଅଗ୍ନିଶମ ବିଭାଗ ପକ୍ଷରୁ ସେମାନଙ୍କୁ ନୋଟିସ୍ କରାଯାଇଥିଲେ ମଧ୍ୟ କୌଣସି ଶପିଂ ମଲ୍ ମାଲିକ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏନେଇ ଡେପୁଟି ଅଗ୍ନିଶମ ଅଧିକାରୀଙ୍କୁ ଅବଗତ କରାଯାଇଛି। ଆଗାମୀ ୨ ମାସ ମଧ୍ୟରେ ସମ୍ପୃକ୍ତ ମଲ୍ ଅବା ଘରୋଇ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରା ନ ଗଲେ କାର୍ଯ୍ୟାନୁଷ୍ଠାନ ହେବ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆଇନ୍‌ଗତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

‘ଓଡ଼ିଆ ସାହିତ୍ୟର ମଧୁରତା ବିଶ୍ୱରେ ବିରଳ’

ଉତ୍ସବରେ ସମ୍ମାନିତ ପ୍ରତିଭାଧାରୀଙ୍କ ସହ ଅନ୍ୟମାନେ।

୭୮ତମ ଭଞ୍ଜ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

କଟକ ଅଫିସ, ୨୨।୫

କଟକ ମିଶନ ରୋଡସ୍ଥିତ କଳିଙ୍ଗ ଭାରତୀ ଭଞ୍ଜ ମଣ୍ଡପଠାରେ ୭୮ତମ ଭଞ୍ଜ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ଅରୁଣ କୁମାର ପରିଚ୍ଛା ଯୋଗଦେଇ କହିଥିଲେ, ଓଡ଼ିଆ ପ୍ରାଚୀନ ସାହିତ୍ୟ ହେଉଛି ସର୍ବୋଚ୍ଚ ସାହିତ୍ୟ। ଓଡ଼ିଆ ଭାଷାକୁ ସୁରକ୍ଷିତ ଓ ସଂରକ୍ଷିତ କରିବା ଦରକାର। ଓଡ଼ିଆ ସାହିତ୍ୟର ମଧୁରତା ବିଶ୍ୱରେ ବିରଳ। କଟକର ଭଞ୍ଜ ମଣ୍ଡପ ହେଉଛି ଏକ ଐତିହ୍ୟ। ଏଣୁ ଏହି ଐତିହ୍ୟର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଦରକାର। ସରକାର ମଧ୍ୟ ଏ ସମ୍ପର୍କରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ ବୋଲି ପରିଚ୍ଛା କହିଥିଲେ। ଇଂ. ଚନ୍ଦ୍ରଶେଖର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ. ମନମୋହନ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ଇଂ. ରଶ୍ମିରଞ୍ଜନ ରାୟଙ୍କୁ କଳିଙ୍ଗ ଭାରତୀ ସମ୍ମାନ ଓ ହରିଶ୍ଚନ୍ଦ୍ର ବେହେରାଙ୍କୁ ବିଚ୍ଛନ୍ଦ ଚରଣ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଏ. ମହେଶ୍ୱର ରାଓ, ସଚ୍ଚିଦାନନ୍ଦ ନନ୍ଦ ଓ ରବୀନ୍ଦ୍ର ନାଥ ମହାନ୍ତିଙ୍କୁ ବିଦଗ୍ଧ ଶ୍ରୋତା କୁଳମଣି କର ଏବଂ ଇନ୍ଦୁମତି ଦେବୀ ସମ୍ମାନ ଦିଆଯାଇଥିଲା। କଳିଙ୍ଗ ଭାରତୀର ନିର୍ବାହୀ ସଭାପତି ଡ. ଶୈଳେଶ୍ୱର ନନ୍ଦ ସ୍ୱାଗତ ଭାଷଣ, ଉପଦେଷ୍ଟା ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦ ଅତିଥି ପରିଚୟ ଓ ସଙ୍ଗଠନ ସମ୍ପାଦକ ଡ. ଶକ୍ତି ଶଙ୍କର ମହାନ୍ତି ଧନ୍ୟବାଦ ଦେଇଥିଲେ।

ଛାଡ଼ପତ୍ର ପରେ ବି ନିର୍ଯାତନା

ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି

ମାହାଙ୍ଗା,୨୨।୫(ସ୍ୱ.ପ୍ର.)

ଅନୈତିକ ସମ୍ପର୍କ ଓ ପରକୀୟା ପ୍ରୀତିର ଅଡିଓ ଭାଇରାଲ ପରେ ଜଣେ ପୋଲିସ କର୍ମଚାରୀଙ୍କଠାରୁ ଦୂରେଇ ଯାଇଥିଲେ ତାଙ୍କ ସ୍ତ୍ରୀ। ସେମାନଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ହେଲେ ଛାଡ଼ପତ୍ର ପରେ ମଧ୍ୟ ସ୍ୱାମୀ ନିର୍ଯାତନା ଦେଉଥିବା ଏବଂ ସେ ପୋଲିସ କର୍ମଚାରୀ ହୋଇଥିବାରୁ ତାଙ୍କ ବିରୋଧରେ ମାହାଙ୍ଗା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏଭଳି ଅଭିଯୋଗ କରିଛନ୍ତି ଜଣେ ନିର୍ଯାତିତା ମହିଳା। ତାଙ୍କ ବାପଘର ମାହାଙ୍ଗା ସମସରପୁର ଗ୍ରାମରେ। ସେ କେନ୍ଦ୍ରାପଡ଼ା ନିକିରାଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ୨୨ ବର୍ଷ ପୂର୍ବେ ବିବାହ କରିଥିଲେ। ସେମାନଙ୍କର ୩ଟି ଝିଅ ଅଛନ୍ତି। ମହିଳାଙ୍କ ସ୍ୱାମୀ ପୋଲିସ ବିଭାଗରେ କାର୍ଯ୍ୟ କରନ୍ତି। ହେଲେ ଜଣେ ମହିଳା କନଷ୍ଟେବଳଙ୍କ ସହ ତାଙ୍କ ସ୍ୱାମୀଙ୍କ ଅନୈତିକ ସମ୍ପର୍କକୁ ସେ ଦେଖିଦେବାରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଫଳରେ ସେ ଖୋର୍ଦ୍ଧା ଅଦାଲତରେ ବିବାହ ବିଚ୍ଛେଦ ମାମଲା ଦାଏର କରିଥିଲେ। ୨୩।୧୦।୨୦୨୧ରେ ଅଦାଲତ ଦ୍ୱାରା ବିବାହ ବିଚ୍ଛେଦ ଗୃହୀତ ହୋଇଥିଲା। ଏହାପରେ ମହିଳାଜଣକ ସମସରପୁର ବାପଘରେ ରହିଆସୁଥିଲେ। ହେଲେ ସେଠାରେ ମହିଳାଙ୍କ ନାଁର ଥିବା ଏକ ଜମିରେ ପୋଲିସ କର୍ମଚାରୀ ଜଣକ କୋଠାଘର ନିର୍ମାଣ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ଅଭିଯୋଗକାରିଣୀଙ୍କୁ ସାମିଲ କରିବା ପାଇଁ ପୋଲିସ କର୍ମଚାରୀ ଜଣକ କେତେଜଣ ସମ୍ପର୍କୀୟଙ୍କ ସହାୟତାରେ ଚେଷ୍ଟା କରିଥିଲେ। କିନ୍ତୁ ଅଭିଯୋଗକାରିଣୀ ରାଜି ନ ହେବାରୁ ପୋଲିସ କର୍ମଚାରୀ ଜଣକ ତାଙ୍କୁ ମାରଧର କରି ଜବରଦସ୍ତ ନୂଆ ଘରକୁ ନେଇ ଆସିଥିଲେ ଏବଂ କବାଟ ବନ୍ଦ କରି ରଖିଥିଲେ। ପରେ ସେ ତାଙ୍କ ଭାଇଙ୍କ ଦ୍ୱାରା ଉଦ୍ଧାର ହୋଇଥିଲେ। କିନ୍ତୁ ପୋଲିସ କର୍ମଚାରୀ ଜଣକ ତାଙ୍କୁ ସୁପାରିକିଲର ଲଗାଇ ହତ୍ୟା କରିବେ ବୋଲି ଧମକ ଦେଇଥିବା ଅଭିଯୋଗକାରିଣୀ ମାହାଙ୍ଗା ଥାନାରେ ଗତ ୯ ତାରିଖରେ ଲିଖିତ ଭାବେ ଜଣାଇଥିଲେ। ହେଲେ ତତ୍କାଳୀନ ମାହାଙ୍ଗା ଥାନା ଆଇଆଇସି ନୀହାର ରଞ୍ଜନ ମହାନ୍ତି ତାଙ୍କୁ କୁମଡ଼ା ଜୟପୁର ଫାଣ୍ଡିକୁ ପଠାଇଥିଲେ। ଅଭିଯୋଗ ହେବାର ୧୨ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ କୁମ୍ଭଡା ଜୟପୁର ଫାଣ୍ଡି ଅଧିକାରୀ ଗୋପବନ୍ଧୁ ମଲିକଙ୍କୁ ପଚରାଯିବାରୁ ଆମେ ଅଭିଯୋଗକାରିଣୀଙ୍କୁ ଆସିବା ପାଇଁ ଖବର ଦେଲେ ସେ ଫାଣ୍ଡିକୁ ଆସୁନାହାନ୍ତି ବୋଲି କହିଛନ୍ତି। କିନ୍ତୁ ଅଭିଯୋଗ କରିବା ଦିନଠାରୁ ତାଙ୍କୁ ପୋଲିସ କୌଣସି ପ୍ରକାର ସହଯୋଗ କରୁ ନ ଥିବା ଏବଂ ଫାଣ୍ଡିକୁ ଡାକି ନ ଥିବା ଅଭିଯୋଗକାରିଣୀ ଗଣମାଧ୍ୟମକୁ କହିଛନ୍ତି। ଏ ସମ୍ପର୍କରେ ଅଭିଯୁକ୍ତ ପୋଲିସ କର୍ମଚାରୀ ଜଣକ କହିଛନ୍ତି ଯେ, ଘଟଣାର ତଦନ୍ତ ହେଲେ ସତ୍ୟ ସାମ୍ନାକୁ ଆସିବ। ଯଦି ଏଥିରେ ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତାହାହେଲେ ଆଇନ ଯାହା ଦଣ୍ଡ ଦେବ ତାହାକୁ ମାନିନେବେ ବୋଲି ସେ କହିଛନ୍ତି।

ଭାଇବୋହୂଙ୍କୁ ବଳାତ୍କାର

ନିଶ୍ଚିନ୍ତକୋଇଲି,୨୨।୫(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଭାଇବୋହୂଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା (ନଂ. ୭୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ସମ୍ପୃକ୍ତା ମହିଳାଙ୍କ ଡାକ୍ତରୀମାଇନା କରିଛି ବୋଲି ଥାନା ଆଇଆଇସି ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି।

ଶ୍ରମିକଙ୍କ ପାଇଁ ସର୍ବନିମ୍ନ ପେନ୍‌ସନ୍ ଲାଗୁ କରାଯାଉ

ଖୁଣ୍ଟୁଣୀ,୨୨।୫(ଡି.ଏନ୍.ଏ.)

ନିଖିଳ ଓଡ଼ିଶା ଭବିଷ୍ୟନିଧି ପେନସନର୍ସ ଆସୋସିଏଶନ ଆଠଗଡ଼ ବ୍ଲକ ଶାଖା ପକ୍ଷରୁ ରବିବାର ଖୁଣ୍ଟୁଣୀସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରମିକଙ୍କ ସର୍ବନିମ୍ନ ପେନ୍‌ସନ୍ ଲାଗୁ ଉପରେ ଆଲୋଚନା ହୋଇଥିଲା। ଶ୍ରମିକମାନଙ୍କ ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ସୁପ୍ରିମକୋର୍ଟ ୨୦୧୬ ମସିହାରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କେନ୍ଦ୍ର ସରକାର ଏ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରି ସର୍ବନିମ୍ନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରୁନାହାନ୍ତି। ତୁରନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି ପାଇଁ ରାଜ୍ୟର ପେନ୍‌ସନ୍‌ଧାରୀମାନେ ୩୦ହଜାର ପୋଷ୍ଟ କାର୍ଡ ଜରିଆରେ ପ୍ରଧ